# ଧରିତ୍ରୀ DHARITRI

50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୮/୨୦୨୪ (୧୬+୪ ପୃଷ୍ଠା) | Bhubaneswar, Friday, March 8/2024 | Page 20 | ₹ 7.00 | RAYAGADA

୫୦ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 105 | ମୂଲ୍ୟ ₹୭/-





# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୮/୨୦୨୪ | Bhubaneswar, Friday, March 8/2024







**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## କେନ୍ଦ୍ରୀୟ କର୍ମଚାରୀଙ୍କ ଡିଏ ୪% ବଢ଼ିଲା

**ନୂଆଦିଲ୍ଲୀ,୭।୩(ପି.ଟି.)**

ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଗୁରୁବାର କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ୪ ପ୍ରତିଶତ ବଢ଼ାଇଛନ୍ତି। ସେମାନଙ୍କୁ ମୂଳ ବେତନର ୪୬ ପ୍ରତିଶତ ଡିଏ ମିଳୁଥିବାବେଳେ ଏହାକୁ ୫୦%କୁ ବଢ଼ାଯାଇଛି। ଗତ ଜାନୁଆରୀରୁ ଏହି ବର୍ଦ୍ଧିତ ଡିଏ ପିଛିଲା ଭାବେ ଲାଗୁ ହେବ। ଫଳରେ ୧ କୋଟିରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନ୍‌ସନଭୋଗୀ ଉପକୃତ ହେବେ। କର୍ମଚାରୀଙ୍କ ବର୍ଦ୍ଧିତ ମହଙ୍ଗା ଭତ୍ତା ଏବଂ ପେନ୍‌ସନଭୋଗୀଙ୍କ ବର୍ଦ୍ଧିତ ମହଙ୍ଗା ସହାୟତା ପାଇଁ ଅତିରିକ୍ତ କିସ୍ତିକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଥିବା ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଚଳିତ ବର୍ଷ ପାଇଁ ଏଥିପାଇଁ ୧୨,୮୬୯ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ୨୦୨୪-୨୫ ବର୍ଷରେ ୧୫,୦୧୪ କୋଟି ଟଙ୍କାର ବୋଝ ରାଜକୋଷ ଉପରେ ପଡ଼ିବ।

# ଆଜି ହୋଇପାରେ ମେଣ୍ଟ ଘୋଷଣା

**ଭୁବନେଶ୍ୱର, ୭।୩ (ଅନିଲ ଦାସ)**

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ଗଠନକୁ ନେଇ ଗତ ଦୁଇଦିନ ହେବ ଚର୍ଚ୍ଚା ଲାଗିରହିଛି। ବୁଧବାର ନବୀନ ନିବାସରେ ବିଜେଡି ନେତାଙ୍କ ବୈଠକ ଓ ସନ୍ଧ୍ୟାରେ ଦିଲ୍ଲୀରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଭାଜପା ନେତାଙ୍କ କୋର୍ କମିଟି ବୈଠକ ହୋଇଥିଲା। ତେବେ ବୈଠକରେ କ'ଣ ନିଷ୍ପତ୍ତି ହୋଇଛି ସେ ନେଇ ଉଭୟ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ଗୁରୁବାର ସନ୍ଧ୍ୟାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନୂଆଦିଲ୍ଲୀ ଗସ୍ତ କରିଥିବା ସୂଚନା ମିଳିଛି। ଆସନ ବୁଝାମଣା ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ଭାଜପାର ରାଷ୍ଟ୍ରୀୟ ନେତାଙ୍କ ସହ ଆଲୋଚନା କରିବା ନେଇ ଉଭୟେ ଦିଲ୍ଲୀ ଗସ୍ତ କରିଥିବା କୁହାଯାଉଛି।

### ଦିଲ୍ଲୀ ଗଲେ ପାଣ୍ଡିଆନ, ବବି



ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟହେବା ଏକପ୍ରକାର ନିଶ୍ଚିତ ହୋଇଛି। କେବଳ ଔପଚାରିକ ଘୋଷଣା ବାକି ରହିଛି। ଆସନ ବୁଝାମଣା ଚୂଡ଼ାନ୍ତ ହେବା ପରେ ଉଭୟ ଦଳ ପକ୍ଷରୁ ମେଣ୍ଟ ନେଇ ଶୁକ୍ରବାର ଘୋଷଣା କରାଯିବା ସମ୍ଭାବନା ରହିଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୪ ଓ ୨୦୦୯ରେ ହୋଇଥିବା ମେଣ୍ଟଠାରୁ ନୂଆ ମେଣ୍ଟ ଭିନ୍ନ ହେବ। ଉଭୟ ଦଳ ମଧ୍ୟରେ ଆସନ ବୁଝାମଣା ହେଲେ ମଧ୍ୟ କେହି ସରକାରରେ ସାମିଲ ହେବେ ନାହିଁ। ଅର୍ଥାତ୍ ବିଜେଡି କେନ୍ଦ୍ରରେ ଏନ୍‌ଡିଏର ଅଂଶୀଦାର ଦଳ ହେଲେ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହେବ ନାହିଁ। ସେହିପରି ରାଜ୍ୟରେ ଭାଜପା ବିଜେଡି ସହିତ ବିଧାନସଭା ଆସନ ବୁଝାମଣା କଲେ ମଧ୍ୟ ସରକାରରେ ସାମିଲ ହେବ ନାହିଁ। ବାହାରେ ରହି ଉଭୟ ଉଭୟଙ୍କୁ ସମର୍ଥନ କରିବେ। ତେବେ ଆସନ ବୁଝାମଣାକୁ ନେଇ ଅଙ୍କ ଛିଣ୍ଡୁ ନ ଥିବା ଜଣାପଡ଼ିଛି। ବିଜେଡି ୧୪୭ ବିଧାନସଭା ଆସନ ମଧ୍ୟରୁ ୧୧୨ ଆସନରେ ନିଜ ପ୍ରାର୍ଥୀଙ୍କୁ ଛିଡ଼ା କରିବା ଚାହୁଁଥିବା ବେଳେ ୩୫ ସିଟ୍ ଭାଜପାକୁ ଦେବାକୁ ପ୍ରସ୍ତୁତ ଅଛି। ଅନ୍ୟପକ୍ଷରେ ଭାଜପା ୧୪ ଲୋକ ସଭା ଆସନ ଚାହୁଁଥିବା ବେଳେ ବିଜେଡି ୧୦ ଆସନ ଛାଡ଼ିବାକୁ ଚାହୁଛି। ତେବେ ବିଜେଡିର ଦୁଇ ବରିଷ୍ଠ ନେତାଙ୍କ ଦିଲ୍ଲୀ ଗସ୍ତ ପରେ ଆସନ ବୁଝାମଣାକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହେବ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଶୁଣିବାକୁ ମିଳୁଛି ଯେ ଆସନ୍ତା ୧୨ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଉଭୟ ଦଳ ପକ୍ଷରୁ ମିଳିତ ଭାବେ ମେଣ୍ଟ ନେଇ ଘୋଷଣା ହୋଇପାରେ।

## ଝିଅକୁ ହତ୍ୟା ପରେ ଗର୍ଭବତୀ ମା'ଙ୍କ ଆତ୍ମହତ୍ୟା

**ପୋଲସରା, ୭।୩ (ସୁବ୍ରତ ବେହେରା)**

ଗଞ୍ଜାମ ଜିଲା ପୋଲସରା ଥାନା ନିମିନା ପଞ୍ଚାୟତ ସାନବରଗାଁ ଗ୍ରାମ ବାଲିହତାରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଘରର ଗୋଟିଏ କୋଠରୀରୁ ମା' ଝିଅଙ୍କ ମୃତଦେହ ଜବତ କରାଯାଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକମାନେ ହେଲେ ମା' ମାଣିକ ଗୌଡ଼ ଓ ୨ବର୍ଷର ଝିଅ ଗେଲି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ମାଣିକଙ୍କ ମା' ଭାସି ଗୌଡ଼ ତାଙ୍କ ଝିଅ ଓ ନାତୁଣୀକୁ ଶ୍ୱଶୁର ଘର ଲୋକ ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସାନବରଗାଁରେ ରହୁଥିବା ଭିକାରୀ ଗୌଡ଼ ଗତ ପ୍ରାୟ ୩ ବର୍ଷ ତଳେ ମାଣିକଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ବର୍ଷର ଝିଅଟିଏ ଥିଲା ବେଳେ ମାଣିକ ପୁଣି ୬ ମାସର ଗର୍ଭବତୀ ଥିଲେ। ସବୁଦିନେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିଲା। ଗୁରୁବାର କୌଣସି କାରଣରୁ ଏହା ଉଗ୍ରରୂପ ନେଇଥିଲା। ଫଳରେ ଝିଅ ଗେଲିକୁ ମା' ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିଲେ। ଖବର ପାଇ ମାଣିକଙ୍କ ବାପା ଘର ଲୋକେ ପହଞ୍ଚିଥିଲେ। ଘର ଭିତରେ ଉଭୟ ମା' ଝିଅଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପରେ ମାଣିକଙ୍କ ମା' ଏ ନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ କୌଶିକ ମାଝୀ ଓ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୮/୨୦୨୪ | Bhubaneswar, Friday, March 8/2024



# ୩୦୦ ଟଙ୍କା ଉଜ୍ଜ୍ୱଳା ସବ୍‌ସିଡି ଆଉ ବର୍ଷେ ବଢ଼ିଲା

ନୂଆଦିଲ୍ଲୀ,୭।୩

ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ମିଳୁଥିବା ରନ୍ଧନ ଗ୍ୟାସ (ଏଲ୍‌ପିଜି) ସିଲିଣ୍ଡର ପିଛା ସବ୍‌ସିଡିକୁ କେନ୍ଦ୍ର ସରକାର ଗୁରୁବାର ୩୦୦ ଟଙ୍କା ବଢ଼ାଇଛନ୍ତି। ଏପ୍ରିଲ ୧ରୁ ଆରମ୍ଭ ହେଉଥିବା ନୂତନ ଆର୍ଥିକ ବର୍ଷରେ ଏହି ସବ୍‌ସିଡି ସୁବିଧା ମିଳିବ। ଗତ ଅକ୍ଟୋବରରେ ସରକାର ୧୪.୨ କିଲୋଗ୍ରାମ ସିଲିଣ୍ଡର ଉପରେ ସବ୍‌ସିଡି ପରିମାଣ ୨୦୦ରୁ ୩୦୦ ଟଙ୍କାକୁ ବଢ଼ାଇଥିଲେ। ଏହା ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ମାର୍ଚ୍ଚ ୩୧ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଥିଲା। ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଏହାକୁ ଆଉ ଗୋଟିଏ ବର୍ଷ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଗଣମାଧ୍ୟମକୁ କହିଛନ୍ତି। ଫଳରେ ପ୍ରାୟ ୧୦ କୋଟି ଉଜ୍ଜ୍ୱଳା ହିତାଧିକାରୀ ପରିବାର ଏହାଦ୍ୱାରା ଉପକୃତ ହେବେ ଏବଂ ସରକାରଙ୍କୁ ଏ ବାବଦରେ ଅତିରିକ୍ତ ୧୨,୦୦୦ କୋଟି ଟଙ୍କାର ବ୍ୟୟଭାର ବହନ କରିବାକୁ ପଡ଼ିବ।

**ଆଜିର ସମ୍ପାଦକୀୟ**

**ଟ୍ରମ୍ପଙ୍କ ପରାଜୟ ସମ୍ଭାବନା**

**ଆଜିର ମନ୍ତବ୍ୟ**

"ଆମେ କେବେ କାହାର ଭୂମି ଅକ୍ତିଆର କରିନାହୁଁ। ଯଦି କେହି ଭାରତକୁ ଆକ୍ରମଣ କରେ, ତେବେ ତାହାର ଠିକଣା ଜବାବ ଦେବା ପାଇଁ ସେନା ପ୍ରସ୍ତୁତ।

–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

# ଏସ୍‌ବିଆଇ ବିରୋଧରେ ଅଦାଲତ ଅବମାନନା

## ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦେବାରେ ବିଫଳତାକୁ ନେଇ ପିଟିଶନ




ନୂଆଦିଲ୍ଲୀ,୭।୩(ପି.ଟି.)

ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବସ୍ଥାକୁ ଅସାମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ ଦର୍ଶାଇ ଏହାକୁ ରଦ୍ଦ କରିବା ସହ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଏହାର ସବିଶେଷ ତଥ୍ୟ ଦାଖଲ କରିବାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ଦେଶର ସର୍ବବୃହତ୍ ବ୍ୟାଙ୍କ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଅବଜ୍ଞା କରି ରାଜନୈତିକ ଦଳଗୁଡ଼ିକୁ ଇଲେକ୍ଟୋରାଲ ବଣ୍ଡରେ ମିଳିଥିବା ଚାନ୍ଦାର ତଥ୍ୟ ଜାଣିଶୁଣି ଇସିଙ୍କ ନିକଟରେ ଦାଖଲ କରି ନାହିଁ। ତେଣୁ ଅଦାଲତ ଅବମାନନା ନେଇ ଏସ୍‌ବିଆଇ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦୁଇଟି ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ଦାତା ଏବଂ ଚାନ୍ଦାର ପରିମାଣ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଜନସାଧାରଣ ଯେପରି ଲୋକ ସଭା ନିର୍ବାଚନ ପୂର୍ବରୁ ନ ଜାଣିବେ, ସେଥିପାଇଁ ଏସ୍‌ବିଆଇ ଜାଣିଶୁଣି ଶେଷ ମୁହୂର୍ତ୍ତରେ ସର୍ବୋଚ୍ଚ ଅଦାଲତଙ୍କୁ ସମୟ ମାଗିଥିବା ଏନ୍‌ଜିଓ ପକ୍ଷରୁ ପିଟିଶନରେ ଦର୍ଶାଯାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ କମନ୍ କଜ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଗୁରୁବାର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିକଟରେ ପିଟିଶନ ଉପସ୍ଥାପନ କରି ଏସ୍‌ବିଆଇ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କହିଥିଲେ। ସମୟ ବଢ଼ାଇବା ପାଇଁ ଏସ୍‌ବିଆଇ କରିଥିବା ଆବେଦନର ଶୁଣାଣି ମାର୍ଚ୍ଚ ୧୧ରେ ହେବାକୁ ଥିବାବେଳେ ଅଦାଲତ ଅବମାନନା ପିଟିଶନର ଶୁଣାଣି ମଧ୍ୟ ସେହିଦିନ ଏକସଙ୍ଗେ କରାଯିବାକୁ ଭୂଷଣ ଅନୁରୋଧ କରିଥିଲେ। ☞ପୃଷ୍ଠା–୧୧

## ଜାତୀୟ ଦଳଙ୍କ ଅଜଣା ଆୟର ୮୨.୪୨% ଇଲେକ୍ଟୋରାଲ ବଣ୍ଡରୁ: ଏଡିଆର୍

ନୂଆଦିଲ୍ଲୀ,୭।୩(ପି.ଟି.)

୨୦୨୨–୨୩ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ଘୋଷଣା କରିଥିବା ଅଜଣା ସୂତ୍ର ଆୟର ୮୨.୪୨% ଇଲେକ୍ଟୋରାଲ ବଣ୍ଡରୁ ଆସିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କୁହାଯାଇଛି। ଜାତୀୟ ଦଳଗୁଡ଼ିକର ଅଡିଟ୍ ରିପୋର୍ଟ ଏବଂ ନିର୍ବାଚନ କମିଶନଙ୍କ ନିକଟରେ ସେମାନେ ଦାଖଲ କରିଥିବା ଚାନ୍ଦା ବିବରଣୀକୁ ବିଶ୍ଳେଷଣ କରାଯିବା ପରେ ଉପରୋକ୍ତ ତଥ୍ୟ ମିଳିଛି। ଉକ୍ତ ବର୍ଷ ଅଜଣା ସୂତ୍ରରୁ ଜାତୀୟ ଦଳଗୁଡ଼ିକ ମୋଟ ୧,୮୩୨.୮୮ କୋଟି ଟଙ୍କା ପାଇଛନ୍ତି। ସେଥିରୁ ଇଲେକ୍ଟୋରାଲ ବଣ୍ଡରୁ ମିଳିଥିବା ଅର୍ଥ ପରିମାଣ ୧,୫୧୦ କୋଟି ଟଙ୍କା ବା ୮୨.୪୨ ପ୍ରତିଶତ ବୋଲି ଏଡିଆର୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ଅଧ୍ୟୟନ ପାଇଁ ୬ଟି ଜାତୀୟ ଦଳ ଭାଜପା, କଂଗ୍ରେସ, ସିପିଆଇ(ଏମ୍), ବିଏସ୍‌ପି, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଏବଂ ନ୍ୟାଶନାଲ ପିପୁଲ୍‌ସ ପାର୍ଟି (ଏନ୍‌ପିଇପି)କୁ ବିଚାରକୁ ନିଆଯାଇଥିଲା। ଭାଜପା ଅଜଣା ସୂତ୍ରରୁ ସର୍ବାଧିକ ୧,୪୦୦ କୋଟି ଟଙ୍କା ପାଇଛି, ଯାହା କି ଜାତୀୟ ଦଳର ମୋଟ ଆୟର ୭୬.୩୯ ପ୍ରତିଶତ। ସେହିପରି କଂଗ୍ରେସ ଏହାର ଅଜଣା ଉତ୍ସରୁ ଆୟ ପରିମାଣ ୩୧୫.୧୧କୋଟି ଟଙ୍କା (୧୭.୧୯%) ଘୋଷଣା କରିଛି। ବିଏସ୍‌ପି ସ୍ୱେଚ୍ଛାକୃତ ଦାନ କୁପନ୍ କିମ୍ବା ଇଲେକ୍ଟୋରାଲ ବଣ୍ଡ୍ ବିକ୍ରିରୁ ଅଥବା ଅଜଣା ସୂତ୍ରରୁ ପାଇ ନ ଥିବା ଜଣାଇଛି। ବିଏସ୍‌ପି ବ୍ୟାଙ୍କ ସୁଧ, ସଦସ୍ୟତା ଦେୟ, ଅସ୍ଥାବର ସମ୍ପତ୍ତି ବିକ୍ରି ଏବଂ ଆୟକର ରିଫଣ୍ଡରୁ ୨୯.୨୭ କୋଟି ଟଙ୍କା ପାଇଥିବା ଦର୍ଶାଇଛି। କୁପନ ବିକ୍ରିରୁ କଂଗ୍ରେସ ଏବଂ ସିପିଆଇ(ଏମ୍) ମୋଟ ୧୩୬.୭୯ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି, ଯାହାକି ଅଜଣା ସୂତ୍ର ଆୟର ୭.୪୬ ପ୍ରତିଶତ। ୨୦୨୨–୨୩ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକର ମୋଟ ଆୟ ୩,୦୭୬.୮୮ କୋଟି ଟଙ୍କା ଥିଲା ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି।

ରାଜ୍ୟ ଦଳଗୁଡ଼ିକ ମଧ୍ୟ ସେମାନଙ୍କ ଆୟର ଏକ ବଡ଼ ପରିମାଣ ଇଲେକ୍ଟୋରାଲ ବଣ୍ଡରୁ ପାଇଥିବା ଏଡିଆର୍ କହିଛି। ୨୦୦୪–୦୫ରୁ ୨୦୨୨–୨୩ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ଅଜଣା ସୂତ୍ରରୁ ମୋଟ ୧୯,୦୮୩ କୋଟି ଟଙ୍କା ପାଇଛନ୍ତି।

# ଆଶାକର୍ମୀଙ୍କ ପାରିଶ୍ରମିକ ୭,୦୦୦କୁ ବୃଦ୍ଧି

ଭୁବନେଶ୍ୱର,୭।୩(ଅନିଲ ଦାସ)

ରାଜ୍ୟ ସରକାର ଆଶାକର୍ମୀମାନଙ୍କର ମାସିକ ପାରିଶ୍ରମିକରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏଥିସହିତ ଆଶାକର୍ମୀଙ୍କର ସେବା ନିବୃତ୍ତି ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ନୂତନ ଘୋଷଣା ଅନୁଯାୟୀ, ଆଶାକର୍ମୀଙ୍କ ମାସିକ ପାରିଶ୍ରମିକ ୪,୫୦୦ରୁ ୭,୦୦୦ ଟଙ୍କାକୁ ବୃଦ୍ଧି ହୋଇଛି। ସେବା ନିବୃତ୍ତି ସମୟରେ ପୂର୍ବରୁ ସେମାନେ ୫୦ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧ ଲକ୍ଷ ଟଙ୍କା ପାଇବେ। ସେମାନଙ୍କ ମାସିକ ପାରିଶ୍ରମିକ ବାବଦରେ ପୂର୍ବରୁ ରାଜ୍ୟ ସରକାର ବାର୍ଷିକ ୫୯.୪୩ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ

**ଉପକୃତ ହେବେ ୪୯,୫୨୨**

ଏବେ ବାର୍ଷିକ ୨୦୮ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିଭଳି ସେବା ନିବୃତ୍ତି ସହାୟତା ବାବଦରେ ୫୫ ଲକ୍ଷ ଟଙ୍କା ରାଜ୍ୟ ସରକାର ବ୍ୟୟ ବହନ କରିବେ। ଏହାଦ୍ୱାରା ରାଜ୍ୟର ୪୯,୫୨୨ ଆଶାକର୍ମୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୪୮.୫୭ କୋଟି ଟଙ୍କା ଖର୍ଚ୍ଚ କରିବେ।

୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ସମୟରେ ଆଶାକର୍ମୀ ତଥା ସେମାନଙ୍କ ସଙ୍ଗଠନଗୁଡ଼ିକ ତାଙ୍କୁ ଭେଟି ଏହି ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ☞ପୃଷ୍ଠା–୧୧

# ଆଉଟସୋର୍ସିଂ କର୍ମଚାରୀ ପାଇବେ ଅଧିକ ୨୫% ପାରିଶ୍ରମିକ

ଭୁବନେଶ୍ୱର,୭।୩(ଅନିଲ ଦାସ)

ସର୍ଭିସ ପ୍ରୋଭାଇଡର ଏଜେନ୍ସି(ସେବା ଯୋଗାଉଥିବା ସଂସ୍ଥା) ଦ୍ୱାରା ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନଙ୍କ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏଥିସହିତ ଅଭିଜ୍ଞତାଭିତ୍ତିରେ ପାରିଶ୍ରମିକ, ଅଭିଯୋଗ ଶୁଣାଣି ବ୍ୟବସ୍ଥା ତଥା ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ପ୍ରସଙ୍ଗରେ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି।

**ମହିଳା କର୍ମଚାରୀଙ୍କୁ ୧୨୦ ଦିନ ମାତୃତ୍ୱ ଛୁଟି**

ଆଉଟସୋର୍ସିଂ କର୍ମଚାରୀମାନେ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଜଣାଇଥିଲେ। ସେମାନେ ଯେପରି ମାସ ଶେଷକୁ ପାରିଶ୍ରମିକ ପାଇପାରିବେ, ଏହା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଉଟସୋର୍ସିଂ କର୍ମଚାରୀ ଓ ସର୍ଭିସ ☞ପୃଷ୍ଠା–୧୧

# ୨୦ ବର୍ଷରେ ବହୁ ଆଗକୁ ବଢ଼ିଛନ୍ତି ମହିଳା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୩(ଅନିଲ ଦାସ)

**ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ**



ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ମହିଳାମାନେ ବହୁତ ଆଗକୁ ବଢ଼ିଛନ୍ତି। ରାଜ୍ୟ ସରକାର ସେମାନଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ଉଦ୍ୟମ ଜାରି ରଖିଛନ୍ତି ବୋଲି ବିଶ୍ୱ ମହିଳା ଦିବସ ଉପଲକ୍ଷେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଲୋକସେବା କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁଠାରେ ମା'ମାନଙ୍କୁ ସମ୍ମାନ ମିଳେ, ସେଠାରେ ଦେବତାମାନେ ବାସ କରନ୍ତି ବୋଲି ଆମ ଶାସ୍ତ୍ରରେ ବର୍ଣ୍ଣନା ଅଛି। ରାଜ୍ୟରେ ମହିଳାମାନେ ଏବେ ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ରାଜ୍ୟର ୩୦ ଜିଲା ପରିଷଦ ମଧ୍ୟରୁ ୨୦ଟିର ନେତୃତ୍ୱ ମହିଳାମାନେ ନେଉଛନ୍ତି। ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକରେ ୫୦%ରୁ ଅଧିକ ମହିଳା ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ମିଶନ ଶକ୍ତିର ଉଦାହରଣ ଦେଇ ସେ କହିଛନ୍ତି, ଏହା ଦ୍ୱାରା ମା'ମାନେ ଛୋଟ ଛୋଟ ବ୍ୟବସାୟ ଜରିଆରେ ଅର୍ଥ ରୋଜଗାର କରି ନିଜ ପରିବାର ପାଇଁ ଅବଦାନ ରଖୁଛନ୍ତି। ଏହା ଏକ ବହୁତ ବଡ଼ ପରିବର୍ତ୍ତନ। ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଛି। ରାଜ୍ୟ ସରକାର ମଧ୍ୟ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ କୋଟି କୋଟି ଟଙ୍କାର ସରକାରୀ କାମ ଦେଉଛନ୍ତି। ସେମାନେ ମଧ୍ୟ ଏହି ଦାୟିତ୍ୱ ବହୁତ ଭଲ ଭାବରେ ତୁଲାଉଛନ୍ତି। ବର୍ତ୍ତମାନ ମହିଳାମାନେ ଆଉ ଏକ ପାଦ ଆଗକୁ ଯାଇ ଉଦ୍ୟୋଗୀ ହେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ଏଥିପାଇଁ ୧୦ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଦେଉଛନ୍ତି। ମା'ମାନେ ଆଗକୁ ବଢ଼ନ୍ତୁ, ମୁଁ ଆପଣମାନଙ୍କ ସହିତ ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମହିଳାମାନଙ୍କ ସାମାଜିକ ଅଧିକାରର ସୁରକ୍ଷା ଓ ପ୍ରତିଷ୍ଠା ବୃଦ୍ଧି ପାଇଁ ମଧ୍ୟ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଅଧିକ ସୁବିଧା ଦେଉଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ମିଳୁଥିବା ବେଳେ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସୁବିଧା ମିଳୁଛି। ନୂଆ–ଓ ଛାତ୍ରବୃତ୍ତିରେ ଝିଅମାନଙ୍କୁ ଅଧିକ ୧ ହଜାର ଟଙ୍କା ମିଳୁଛି। ଲକ୍ଷ୍ମୀ ବସ୍‌ରେ ମା'ମାନେ ଅଧା ଦାମରେ ମାତ୍ର ୫ ଟଙ୍କାରେ ଯିବାଆସିବା କରୁଛନ୍ତି। କେବଳ ସେତିକି ନୁହେଁ, ରାଶନ କାର୍ଡ, ବିଏସ୍‌କେୱାଇ କାର୍ଡ, ପକ୍କାଘର ଆଦି ସବୁ ମା'ମାନଙ୍କ ନାଁରେ ରହୁଛି। ମହିଳାଙ୍କ ନାଁରେ ଜମି କିଣାହେଲେ ରେଜିଷ୍ଟ୍ରେଶନରେ ବହୁତ ରିହାତି ଦିଆଯାଉଛି। ଏହିସବୁ ପଦକ୍ଷେପ ଦ୍ୱାରା ସମାଜରେ ମା'ମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଛି। ମା'ମାନଙ୍କ ପାଖରେ ବହୁତ ସମ୍ଭାବନା ରହିଛି। ସେମାନେ ଦୃଢ଼ନିଶ୍ଚୟ ହେଲେ ଜୀବନରେ ବହୁତ କିଛି ହାସଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କମ୍ ଉଚ୍ଚତା, ବଡ଼ ସଫଳତା

ଭାବନଗର, ୭।୩

**ଡାକ୍ତର ଗଣେଶ ବରୈୟା**



ଗୁଜରାଟ ଭାବନଗର ବାସିନ୍ଦା ଗଣେଶ ବରୈୟା ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତର ହୋଇପାରିଛନ୍ତି। ୨୨ ବର୍ଷୀୟ ଗଣେଶଙ୍କ ଉଚ୍ଚତା ମାତ୍ର ୩ ଫୁଟ୍। ନିକଟରେ ସେ ଭାବନଗର ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପଢ଼ା ଶେଷକରି ନିଜ ଇଣ୍ଟର୍ନଶିପ ଆରମ୍ଭ କରିଛନ୍ତି। ବିଶ୍ୱର ସବୁଠୁ ଛୋଟ ଡାକ୍ତର ହେବାପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ଯୋଗ୍ୟଥିବା ନେଇ ଭାବନଗର ମେଡିକାଲ କଲେଜର ଅଧ୍ୟକ୍ଷ ହେମନ୍ତ ମେହେଟ୍ଟା ସୂଚନା ଦେଇଛନ୍ତି। ମାତ୍ର ୩ ଫୁଟ୍‌ର ଉଚ୍ଚା ଓ ୧୮ କିଲୋଗ୍ରାମ ଓଜନର ଗଣେଶ ପୂର୍ବରୁ ବହୁ ସମସ୍ୟାର ସମ୍ମୁଖୀନ ହୋଇ ଏହି ସ୍ଥାନରେ ପହଞ୍ଚିଛନ୍ତି। ପିଲାଦିନୁ ଲୋକୋମୋଟିଭ ଅକ୍ଷମତା କାରଣରୁ ତାଙ୍କ ଶରୀରର ପ୍ରାୟ ୭୨ ପ୍ରତିଶତ ଅଂଶ ପ୍ରଭାବିତ ହୋଇଥିଲା। ଭାବନଗର ଜିଲାର ଗୋରଖୀ ଗ୍ରାମ ନିବାସୀ ଗଣେଶଙ୍କ ପିତା କୃଷି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମା ଗୃହିଣୀ ଥିଲେ। ୭ ଜଣ ଭଉଣୀ ଥିବା ଗଣେଶଙ୍କ ପରିବାରର କେହି ମଧ୍ୟ ପୂର୍ବରୁ ଉଚ୍ଚଶିକ୍ଷା ପାଇଁ କଲେଜ କିମ୍ବା ବିଶ୍ୱ ବିଦ୍ୟାଳୟ ମାଡ଼ି ନ ଥିଲେ। ପିଲାଟି ଦିନରୁ ମେଧାବୀ ଥିବା ଗଣେଶ ଦ୍ୱାଦଶ ଶ୍ରେଣୀରେ ୮୭ ପ୍ରତିଶତ ନମ୍ବର ରଖିବା ସହ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ୨୩୩ ନମ୍ବର ରଖିଥିଲେ। ଏହା ସତ୍ତ୍ୱେ ମଧ୍ୟ ୨୦୧୮ରେ ଗୁଜରାଟ ସରକାର ତାଙ୍କୁ ଭିନ୍ନକ୍ଷମ ଦର୍ଶାଇ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଇବାରୁ ବଞ୍ଚିତ କରିଥିଲେ। ଏଥିରେ ସେ ଭାଙ୍ଗି ନ ପଡ଼ି ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଲ୍‌ପତ୍ କଟାରିଆଙ୍କ ସହଯୋଗରେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬କୁ ଭିତ୍ତିକରି ଏହି ମାମଲାରେ ସର୍ବୋଚ୍ଚ ଅଦାଲତ ତାଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ଫଳରେ ଗଣେଶ ଭାବନଗର ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇପାରିଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆର୍‌ଏସ୍‌ଏସ୍ ଭୁବନେଶ୍ୱର ମହାନଗର ପକ୍ଷରୁ ବିଶାଳ ପଥ ସଂଚାଳନ ଓ ଲିଙ୍ଗରାଜ ପରିକ୍ରମା, ସ୍ଥାନ: ଭୀମଟାଙ୍ଗୀ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଗରାବନ୍ଧୁ ଶ୍ମଶାନ ପଡ଼ିଆ ଗୋସାଗୋରେଶ୍ୱର, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରିକ୍ସା କଲୋନୀ କମ୍ୟୁନିଟି ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଜାତୀୟ ଦ୍ରବ୍ୟ ପ୍ରଦର୍ଶନୀ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦୃଷ୍ଟିବାଧିତ ମହିଳାଙ୍କ ପାଇଁ ଉତ୍ସବ, ସ୍ଥାନ: ବୁଲନ ଭାଇ ସେବା ଭବନ, ୟୁନିଟ୍-୨, ସମୟ: ଅପରାହ୍ନ ୨ଟା।
- ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ବେଲେଶ୍ୱର ମହାରୁଦ୍ରଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ବଇଚୁଆ ପଞ୍ଚାୟତ ଭେଲୁରୀ ହାଟସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ୩୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ପ୍ରତାପରୁଦ୍ରପୁରସ୍ଥିତ ଶ୍ରୀଆଖଣ୍ଡଳେଶ୍ୱର ମହାଦେବଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ ସନ୍ଧ୍ୟା 'ୟେ ଶାମ ମସତାନି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ବିଏମ୍‌ସି ୪ନଂ. ୱାର୍ଡ ଅଧୀନ ହରିଦାସପୁର – ନହରକଣ୍ଟା ସ୍ଥିତ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ପୀଠରେ ମହାଦୀପ ଉତ୍ସର୍ଗ, ସ୍ଥାନ: ପରମହଂସ ମନ୍ଦିର ପରିସର, ସମୟ: ଭୋର ୪ଟା।
- ଜାଗର ଯାତ୍ରା ଅବସରରେ ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଅଖଣ୍ଡ ଭଜନ ସମାରୋହ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, କଟକ ସାଆନ୍ତସାହି, ସମୟ: ସକାଳ ୬ଟା।
- ଶିବରାତ୍ରି ଅବସରରେ ମନ୍ଦିର ଚୂଡାକୁ ଉଠିବ ମହାଦୀପ, ସ୍ଥାନ:ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର , ଛଅଗାଁ ସିଂହନାଥ ମନ୍ଦିର, ଖୁଣ୍ଟୁଣୀସ୍ଥିତ କୁମାରପୁରସ୍ଥିତ ଉତ୍ତରେଶ୍ୱର ଓ ଆଖଣ୍ଡଳମଣୀ ମନ୍ଦିର ପରିସର, ଗୁରୁଡିଝାଟିଆ କୋଉରସ୍ଥିତ ବଟେଶ୍ୱର ମନ୍ଦିର, ଗୁରୁଡିଝାଟିଆ ଛୋଟିଆମ୍ବସ୍ଥିତ ନାଗେଶ୍ୱର ଓ ବଟେଶ୍ୱର ମହାଦେବ ମନ୍ଦିର, ସମୟ: ରାତି ୧୦ଟା।
- ଶ୍ରୀଶ୍ରୀସର୍ପେଶ୍ୱର ମହାଦେବଙ୍କ ମନ୍ଦିର ଚୂଡାକୁ ଉଠିବ ମହାଦୀପ, ସ୍ଥାନ: ଖୁଣ୍ଟୁଣୀସ୍ଥିତ କଟକିଆ ସାହି (ବଳରାମପୁର), ସମୟ: ରାତି ୧୧ଟା।
- ସୁନାଦୃଷ୍ଟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଜମେଶ୍ୱର ମହାଦେବ ମନ୍ଦିର ଚୂଡାକୁ ମହାଦୀପ ଉଠାଣ, ସ୍ଥାନ: ରାଧାଦାମୋଦରପୁର, କଣ୍ଟାବନ୍ଧ,ସମୟ: ରାତି ୧୨ଟା୩୦।
- ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଚୂଡ଼ାକୁ ଉଠିବ ମହାଦୀପ, ସ୍ଥାନ:ଧବଳେଶ୍ୱର ମନ୍ଦିର ପରିସର, ସମୟ: ରାତି ୧ଟା୩୦।
- ରାମେଶ୍ୱର ମହାଦେବ ମନ୍ଦିର ଚୂଡାକୁ ଉଠିବ ମହାଦୀପ, ସ୍ଥାନ: ଖୁଣ୍ଟୁଣୀସ୍ଥିତ ରାଧାକିଶୋରପୁର, ସମୟ: ରାତି ୨ଟା।

## ପୁରୀ

- ବାବା କାଶୀନାଥ ଦେବ ଓ ମା 'କାଶୀଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ୪ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟ ପୂଜା, ଷୋଡଶ ଉପଚାରରେ ମଣ୍ଡଳ ପୂଜା, ଗୀତାଯଜ୍ଞ ଓ ରୁଦ୍ରାଭିଷେକ, ସ୍ଥାନ: ମଠସାହି, ଖେଲାର, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଉପଲକ୍ଷେ ବାବା କର୍ଣ୍ଣକୋଟଲେଶ୍ୱର ମହାଦେବ, ଜଟେଶ୍ୱର ମହାଦେବ, ସିଦ୍ଧେଶ୍ୱର ମହାଦେବ, ପୀର୍ଣ୍ଣେଶ୍ୱର ମହାଦେବଙ୍କ ନିକଟରେ ଜାଗର ଯାତ୍ରା, ସ୍ଥାନ, କୁଆଁସ, ଶଗଡା, ବିଷ୍ଣୁପୁର, ହାଟବଜାର ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ଶ୍ରୀଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ର ବାଲିଘାଇ, ବଳଙ୍ଗା, ସମୟ: ସକାଳ ୬ଟା।
- ଜାଗର ଯାତ୍ରା ଓ ଅଷ୍ଟ ପ୍ରହରୀ ନାମଯଜ୍ଞ, ସ୍ଥାନ: ଗୋପ ଆଖଣ୍ଡଳେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ବାଲିକପିଳେଶ୍ୱର, କୋଣାର୍କ, ସମୟ: ସକାଳ ୬ଟା।
- 'ଆନ୍ତର୍ଜାତିକ ମହିଳା ଦିବସ' ଅବସରରେ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ରିଜିଓନାଲ ହାୟର ସେକେଣ୍ଡାରୀ ସ୍କୁଲ ନିମାପଡ଼ା, ସମୟ: ସକାଳ ୮ଟା ୩୦।
- ଆମ ପୁସ୍ତକ ମେଳା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମା'କାଳୀଜାଈ ପୀଠ,ଚିଲିକା, ସମୟ: ସକାଳ ୯ଟା।
- ଦକ୍ଷିଣେଶ୍ୱରଙ୍କ ପୀଠରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣଦେଓ, କୃଷ୍ଣପ୍ରସାଦ, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ଯାତ୍ରା ଓ ସଂସ୍କୃତିକ କାର୍ଯ୍ୟକ୍ରମ- ସାକ୍ଷୀଗୋପାଳ ସାଣ୍ଡରାସ୍ଥିତ ନୀଳକଣ୍ଠେଶ୍ୱର, ସାକ୍ଷୀଗୋପାଳସ୍ଥିତ ଐଶାନେଶ୍ୱର ଦେବ ଏବଂ କୋଶଳଶ୍ୱରଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ୫ ଦିନ ବ୍ୟାପି ପାଲା ଓ ଜଗରଯାତ୍ରା ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର,ବଣିଆସାହି, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।
- ୩୨ତମ ଅଷ୍ଟପ୍ରହରି ନାମଯଜ୍ଞ, ସ୍ଥାନ: ଅସ୍ତରଙ୍ଗ ବ୍ଲକ ଗୁଡୁବଣାଇ ନୀଳକଣ୍ଠେଶ୍ୱର ପୀଠ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା ଓ ଲଉଡି ଖେଳ ପ୍ରତିଯୋଗିତା, ସ୍ଥାନ: ବାଙ୍କେଶ୍ୱର ଶୈବପୀଠ, ବଣିଆସାହି, ଗୋପ, ସମୟ: ସନ୍ଧ୍ୟା ୭ଟା।
- ମଲିକେଶ୍ୱର ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ମଲେଶ୍ୱରୀ, କୃଷ୍ଣପ୍ରସାଦ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା ଅବସରରେ ଭଜନ ସମାରୋହ, ସ୍ଥାନ: ହର ପାର୍ବତୀ ମନ୍ଦିର ପରିସର, ବଡଗାଁ, ଗୋପ, ସମୟ: ରାତି ୮ଟା।
- ଯାଦବ ସମ୍ପ୍ରଦାୟ ପକ୍ଷରୁ ଜାଗର ଯାତ୍ରା ଅବସରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ଦକ୍ଷିଣେଶ୍ୱର ଶୈବପୀଠ ପରିସର, ସମୟ: ରାତି ୯ଟା।
- ବରାଳ ବାଲୁଙ୍କେଶ୍ୱର ଦେବଙ୍କ ହରିହର ଭେଟ ଓ ମହାଦୀପ ଦର୍ଶନ, ସ୍ଥାନ: ମନ୍ଦିର ପରିସର, ସାକ୍ଷୀଗୋପାଳ, ସମୟ: ରାତି ୧୦ଟା ୩୦।

## ଖୋର୍ଦ୍ଧା

- ନୀଳକଣ୍ଠେଶ୍ୱର ଦେବଙ୍କ ତ୍ରୟୋବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ବିଲ ଖଉରୁଣି, ବୋଲଗଡ଼, ସମୟ: ଭୋର ୪ଟା।
- ଜିଲା ପ୍ରେସ କ୍ଲବ ପକ୍ଷରୁ ଟଙ୍କତୋରାଣି ବଣ୍ଟନ, ସ୍ଥାନ: ଟିଏଲ୍‌ସି ରୋଡ,ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଏବିଭିପି ଖୋର୍ଦ୍ଧା ପକ୍ଷରୁ ଜନସେବା କାର୍ଯ୍ୟକ୍ରମ, ସ୍ଥାନ: ଧବଳେଶ୍ୱରଙ୍କ ପୀଠ, ଗୁରୁଜଙ୍ଗ, ସମୟ: ସକାଳ ୮ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀହଟକେଶ୍ୱରଙ୍କ ପୀଠ, ବାଘମାରୀ, ସମୟ: ସନ୍ଧ୍ୟା, ୬ଟା।
- ୨୨ତମ ବିଶ୍ୱନାଥ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ପଦନପୁର ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ବାବା ବାଲୁଙ୍କେଶ୍ୱର ଦେବଙ୍କ ଚତୁଃବିଂଶ ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଛରା ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରାମଚନ୍ଦ୍ରପୁର, ବଡ଼ନୂଆଗାଁ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ବାବା ଆଖଣ୍ଡଳମଣିଙ୍କ ୩୭ତମ ଜାଗର ଉତ୍ସବ, ସ୍ଥାନ: ରାମଚନ୍ଦ୍ରପୁର ବଜାରସ୍ଥିତ ମନ୍ଦିର, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

ଜାଗର ଉତ୍ସବ

- ନୂଆବଜାରସ୍ଥିତ ଝାଡ଼େଶ୍ୱର ମନ୍ଦିର, ପୁରୁଣା ବାଲେଶ୍ୱରସ୍ଥିତ ବାଣେଶ୍ୱର ମନ୍ଦିର, ବର୍ଦ୍ଧନପୁରସ୍ଥିତ ମଣିନାଗେଶ୍ୱର ମନ୍ଦିର, ଶେରଗଡ଼ସ୍ଥିତ ଖଜୁରେଶ୍ୱର ମନ୍ଦିର, ନୀଳଗିରିସ୍ଥିତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ଭୋଗରାଇସ୍ଥିତ ଚନ୍ଦନେଶ୍ୱର ଶୈବପୀଠ, ଭୋଗରାଇସ୍ଥିତ ଭୂଷଣ୍ଡେଶ୍ୱର ଶୈବପୀଠ, ଲଙ୍ଗଳେଶ୍ୱରସ୍ଥିତ ଶୈବପୀଠ, ସମୟ: ଦିବାରାତ୍ର।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ମହାଶିବରାତ୍ରି, ସ୍ଥାନ: ବଡ଼ସାହି ବ୍ଲକ ମାଣଡ୍ରୀ, ସମୟ:ସକାଳ ୫ଟା।
- ମହାଶିବରାତ୍ରି, ସ୍ଥାନ: ବାରିପଦାସ୍ଥିତ ବାବା ବୁଢ଼ାରାଉଳ ମନ୍ଦିର, ବାଙ୍ଗିରିପୋଷି ବ୍ଲକ ଶିମିଳାସ୍ଥିତ ବାବା ଶିମିଳେଶ୍ୱର ମହାଦେବଙ୍କ ପୀଠ, ରାସଗୋବିନ୍ଦପୁର ବ୍ଲକ ଦେବଶୁଳସ୍ଥିତ ବାବା ବୁଦ୍ଧେଶ୍ୱର ମହାଦେବଙ୍କ ପୀଠ, ବଡ଼ସାହି ବ୍ଲକ ସିଂହଟିଆସ୍ଥିତ ବାବା ନୀଳକଣ୍ଠେଶ୍ୱର ମହାଦେବ, ବଡ଼ସାହି ବ୍ଲକ ବେଲପାଳସ୍ଥିତ ବାବା ବିଲ୍ୱେଶ୍ୱରାୟ ମହାଦେବ,ଶାମାଖୁଣ୍ଟା ବ୍ଲକ ପିଠାବଟସ୍ଥିତ ମହାଦେବଙ୍କ ପୀଠ, ସମୟ:ସକାଳ ୫ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ବଡ଼ସାହି ଶାଖା ପକ୍ଷରୁ ଶିବ ଜୟନ୍ତୀ ପାଳନ, ସ୍ଥାନ: ପ୍ରଭୁ ସ୍ମୃତି ଭବନ,ବଡ଼ସାହି, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ, କରଞ୍ଜିଆ ପାଇକବସାର ବାଉଁଶବିଲା, ସମୟ:ସକାଳ ୮ଟା।
- ଜାଗର ଉପଲକ୍ଷେ ସାମାଜିକ କର୍ମୀ ତରୁଣ ଦେଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ଦେବଶୋଳ, ଅଁଳାକୁଡା, ବାଘଡ଼ା ଓ ମୋରଡ଼ା ଶିବ ମନ୍ଦିର, ସମୟ:ସକାଳ ୯ଟା।
- ବାବା ଧନେଶ୍ୱର ଶିବ ମନ୍ଦିର କମିଟି ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଧନପୁର, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଗୌରାଙ୍ଗ ମହାପ୍ରଭୁ ଯଜ୍ଞ, ସ୍ଥାନ:ଶାମାଖୁଣ୍ଟା ବ୍ଲକ ଦରଖୁଲି ସରପଞ୍ଚ ସାହି, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ପୋଡ଼ାଅସ୍ତିଆସ୍ଥିତ ବାବା ଧବଳେଶ୍ୱର ମହାଦେବ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଉଦଳା ବ୍ଲକ ମୈଦା ଶିଖରେଶ୍ୱର ଏବଂ କପ୍ତିପଦା ବ୍ଲକ ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ମୈଦା ଓ ଝିଙ୍କପଦା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଜାଗର ମହୋତ୍ସବ, ସ୍ଥାନ: ଆରଡ଼ି ଆଖଣ୍ଡଳମଣି ପୀଠ ଏବଂ ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ଭୋର ୪ଟା।
- ଜାଗରଯାତ୍ରା: ତିହିଡ଼ି ବାଉଁଶବାଗସ୍ଥିତ ମୁକ୍ତେଶ୍ୱର ମହାଦେବ, ତିହିଡ଼ି ଶଙ୍ଖଡ଼ାସ୍ଥିତ ଶଙ୍ଖଡ଼େଶ୍ୱର ମହାଦେବ, ସମୟ: ସକାଳ ୬ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୋହନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ପ୍ରଜାପିତା ବ୍ରହ୍ମକୁମାରୀ ଚମ୍ପୁଆ ଶାଖା ପକ୍ଷରୁ ପାଲିଙ୍କିଯାତ୍ରା, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୯ ଟା।
- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସିଲାଇ ମେସିନ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ପରିସର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ମହା ଶିବରାତ୍ରି, ସ୍ଥାନ: ନାଗେଶ୍ୱରାୟ ମନ୍ଦିର, କେନ୍ଦୁଝର ଗଡ଼ ରେଳ ଷ୍ଟେଶନ, ସମୟ: ମଧ୍ୟାହ୍ନ ୧୨ ଟା ୪୦।
- ଶିବ ବିବାହ ଉତ୍ସବ ପାଇଁ ବରଯାତ୍ରୀ, ଭକ୍ତଙ୍କ ଶୋଭାଯାତ୍ରା, ସ୍ଥାନ: ଗୁଜରାଟୀ ଶିବ ମନ୍ଦିର, ବଡ଼ବିଲ, ସମୟ: ଅପରାହ୍ନ ୩ଟା।
- ଶିବରାତ୍ରି ଅବସରରେ ରୁଦ୍ରାଭିଷେକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ଚମ୍ପକେଶ୍ୱର ମନ୍ଦିର, ମାଟକାମବେଡ଼ା ପୁଷ୍ପ ଦନ୍ତେଶ୍ୱର ମନ୍ଦିର, କଳିଙ୍ଗ ନଗର ବାବା ଜଟେଶ୍ୱର ମନ୍ଦିର, ବଳିତା, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ଭଜନ ସମାରୋହ, ସ୍ଥାନ: ହରିହର ମନ୍ଦିର,ବଡ଼ବିଲ, ସମୟ: ରାତି ୮ ଟା।
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ବିକାଶ ମହଲ,ବଡ଼ବିଲ, ସମୟ: ରାତି ୯ଟା।
- ଆନନ୍ଦେଶ୍ୱର ଶିବ ମନ୍ଦିର, ପରମେଶ୍ୱର ଶିବମନ୍ଦିର ଓ ସୋମେଶ୍ୱର ଶିବ ମନ୍ଦିରରେ ମହାଦୀପ ଉତ୍ତୋଳନ, ସ୍ଥାନ: ପାଟଣା ବ୍ଲକ୍, ପାଟଣା ମୁଖ୍ୟାଳୟ ଓ ସ୍ୱାମ ଶାସନ, ସମୟ: ରାତି ୧୦ ଟା।

## ବ୍ରହ୍ମପୁର

- ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟି ପକ୍ଷରୁ ନଟରାଜ ମହୋତ୍ସବ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରାନ୍ତି ଅନୁଷ୍ଠାନ ଓ ଆଇଟିଆଇ ପକ୍ଷରୁ ମହିଳା ଦିବସ, ସ୍ଥାନ: ଆଇଟିଆଇ, ସମୟ:ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ନାମ ଯଜ୍ଞ ଶୁଭାରମ୍ଭ, ସ୍ଥାନ: ଭଞ୍ଜନଗର ବେଲେଶ୍ୱର ପୀଠ, ସମୟ: ସକାଳ ୬ ଟା।
- ମହାଶିବ ରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ:ବୁଗୁଡ଼ା ସୋମନାଥ ମନ୍ଦିର, ସମୟ:ସକାଳ ୭ଟା।
- ସାଇ ସୁନ୍ଦର ଧାମ ପ୍ରତିଷ୍ଠା ଉତ୍ସବ, ଉଦ୍‌ଘାଟକ: ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ, ସ୍ଥାନ: ପ୍ରେମ ସାଇ ଗାର୍ଡେନ ପୋଚିଲିମା, ହିଞ୍ଜିଳିକାଟୁ,ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ତୁଙ୍ଗୀ ଭୂମି ପୂଜନ, ସ୍ଥାନ: ପୋଚିଲିମା, ହିଞ୍ଜିଳିକାଟୁ, ସମୟ: ମଧ୍ୟାହ୍ନ ୧୨.ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ସାଢ଼େ ୧ ଟା।
- ଶିବ ସନ୍ଦେଶ ଯାତ୍ରା ଅବସରରେ ଉଦଯାପନୀ ସଭା, ସ୍ଥାନ: ଭଞ୍ଜନଗର ଓମ ଶାନ୍ତି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀମଦ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗୀମାରୀ, ସମୟ: ସନ୍ଧ୍ୟା ୭ ଟା।
- ପ୍ରବଚନ, ସ୍ଥାନ: ଭଞ୍ଜନଗର ବେଲେଶ୍ୱର ପୀଠ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ:ସାରିଙ୍ଗିଇର୍ପି ପଡିଆ,ଦାରିଙ୍ଗବାଡି, ସମୟ:ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବେଲପଦର, ଫୁଲବାଣୀ, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଳେଶ୍ୱର ମହାପ୍ରଭୁଙ୍କ ୪୯ ତମ ଜାଗର ଯାତ୍ରା, ସ୍ଥାନ:ସୋନପୁର ପଞ୍ଚାୟତ ଶୈବ ପୀଠ, ସମୟ:ସନ୍ଧ୍ୟା ୫ ଟା।

## କୋରାପୁଟ

- ଜାଗର ମହାଦୀପ, ସ୍ଥାନ ଗୁପ୍ତେଶ୍ୱର ଶୈବପୀଠ, ସମୟ: ରାତି ୧୧ଟା୪୫।

## ନବରଙ୍ଗପୁର

- ଜାଗର ମହାଦୀପ, ସ୍ଥାନ :ଡାବୁଗାଁ କେଲିଆ ଶୈବପୀଠ, ସମୟ: ରାତି ୧୦ଟା୩୦।

## ସମ୍ବଲପୁର

- ହୁମା ବକ୍ର ମନ୍ଦିରରେ ଶିବରାତ୍ରୀ ମେଳା, ସ୍ଥାନ: ହୁମାବକ୍ର ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିମୂର୍ତ୍ତି ଶିବ ଜୟନ୍ତୀ, ସ୍ଥାନ: ଦାନୀବନ୍ଧସ୍ଥିତ ଶିବଦର୍ଶନ ଭବନ, ସମୟ: ସକାଳ ୮ଟା।
- ନନ୍ଦୋତ୍ସବ ଓ ପୁତନା ବଧ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ମହିଳା ଦିବସ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂକୀର୍ତ୍ତନ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ମଧ୍ୟାହ୍ନ ୧୨ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଶିବଦର୍ଶନ ଭବନ, ସମୟ: ଅପରାହ୍ନ ୪ଟା।
- ସମ୍ବଲପୁରୀ ଧନୁଯାତ୍ରାରେ କଂସଙ୍କ ନଗର ପରିକ୍ରମା, ସ୍ଥାନ: ସମ୍ବଲପୁର ସହର, ସମୟ: ସନ୍ଧ୍ୟା ୬ଟା।
- ରାଜ ଅତିଥି ସଭା, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ରଙ୍ଗସଭା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଶିବରାତ୍ରି ଅବସରରେ ମହାଦ୍ୱୀପ ଉଠିବା ସମୟ, ସ୍ଥାନ: ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର-ଝରିଆଲ ଇନ୍ଦ୍ରଲାଠ ମନ୍ଦିର, କଣ୍ଟାବାଞ୍ଜି ପିଡକ୍ଲୁଡି ରାମେଶ୍ୱର ମନ୍ଦିର, ସମୟ: ରାତି ୯ଟା୪୦।
- ମହା ଶିବରାତ୍ରି ମେଳା, ନାମଯଜ୍ଞ, ସ୍ଥାନ: କୁକୁଡାହାଡ କଣ୍ଟାବାଞ୍ଜି, ସମୟ: ରାତି ୯।୪୦(ମହାଦ୍ୱୀପ ଉଠିବା)।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ସହରରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ରାମେଶ୍ୱର ଶୈବ ପୀଠ ପରିସର, ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲିରେ ବିଏସ୍‌କେୱାଇ ନବୀନ କାର୍ଡର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ମହାଶିବରାତ୍ରି ଜାଗର ଯାତ୍ରା ମହୋତ୍ସବ, ସ୍ଥାନ: ସିମେଣ୍ଟ ନଗରସ୍ଥିତ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୬ଟା ୩୦।
- ମହାଶିବରାତ୍ରି ଅବସରରେ ପୂଜା ଓ ପୁରାଣ ପାଠ, ସ୍ଥାନ ଭୁତିବାହାଲ, ଗାଇସିଲେଟ୍, ସମୟ: ସକାଳ ୮ଟା।
- ଜନକଲ୍ୟାଣ ସେବା ଟ୍ରଷ୍ଟର ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ରେନ୍‌ବୋ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଦେଓଗାଁ ବୈଦ୍ୟନାଥ ବାବାଙ୍କ ମନ୍ଦିର, ସମୟ: ସକାଳ ୯ଟା।

## ରାଉରକେଲା

- ଶିବରାତ୍ରି ପାଳନ, ସ୍ଥାନ: ରାଉରକେଲା ଶିବ ମନ୍ଦିର, ସମୟ: ସକାଳ ୭ଟା।
- ଆଦିବାସୀ ମେଳାର ୭ମ ଦିବସ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ଋଷିବୋଧ ଉତ୍ସବ, ସ୍ଥାନ: ବେଦବ୍ୟାସ ଗୁରୁକୁଳ ସଂସ୍କୃତ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍‌ପିରେ ମହିଳା ଦିବସ ପାଳନ, ସ୍ଥାନ: ଆରଏସ୍‌ପି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟବଲ ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ସିଦ୍ଧେଶ୍ୱର ବାବା କମିଟି ପକ୍ଷରୁ ମହାଶିବରାତ୍ରି ଉତ୍ସବ ଉପଲକ୍ଷେ ସଂକୀର୍ତ୍ତନ ଓ ଭଜନ ସମାରୋହ, ସ୍ଥାନ: ତିଲେଇବଣି ବ୍ଲକର ନିକ୍ତିମାଲ, ସମୟ: ସନ୍ଧ୍ୟା ୭ଟା।
- ନାଉଲିପଡ଼ା ମହାଶିବରାତ୍ରି କମିଟି ପକ୍ଷରୁ ୧୦ମ ରାଜ୍ୟସ୍ତରୀୟ ଡ୍ୟାନ୍ସ ଧମାକାର ଫାଇନାଲ, ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ, ରିଆମାଳ ବ୍ଲକର ନାଉଲିପଡ଼ା ଛତାବର, ସମୟ: ସନ୍ଧ୍ୟା ୭ଟା।
- ବାବା ଝାଡ଼େଶ୍ୱର ମନ୍ଦିରରେ ଜାଗରା ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚିକିଟିଘାଟି ନିକଟ, ଦେବଗଡ଼, ସମୟ: ରାତି ୮ଟା।
- ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ନାମ ସଂକୀର୍ତ୍ତନ, ସ୍ଥାନ: ମନ୍ଦିର ପରିସର, ପ୍ରଧାନପାଟ ଜଳପ୍ରପାତ ପାଖ, ସମୟ: ରାତି ୮ଟା।
- ଗଜନେଶ୍ୱର ମନ୍ଦିରରେ ଶିବରାତ୍ରି ଉତ୍ସବ ଉପଲକ୍ଷେ ପ୍ରସାଦ ସେବନ କାର୍ଯ୍ୟକ୍ରମ: ଶାସନସାହି, ଦେବଗଡ଼, ସମୟ: ରାତି ୯ଟା।

## କଳାହାଣ୍ଡି

- ଚୁରାପାହାଡ଼ରେ ମହାଶିବରାତ୍ରି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ଭଜନ ସନ୍ଧ୍ୟା, ସ୍ଥାନ: ଗୋଲାମୁଣ୍ଡା ବ୍ଲକର କର୍ଲାଗୁଡା, ସମୟ: ପ୍ରାତଃ ୫ଟା।
- ବାବା ରାମେଶ୍ୱର ଶିବ ମନ୍ଦିରରେ ପୂଜା, ସ୍ଥାନ: ଥୁଆମୂଳ ରାମପୁର, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହରନାମ ଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଭେଜିପଦର, ସମୟ: ସକାଳ ୬ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକର କରଞ୍ଜକଟାଠାରେ ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ କରଞ୍ଜକଟା, ସମୟ: ସକାଳ ୬ଟା।
- ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିନ ଖେଳ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତର ସିଂହପାଲି ( ଭାଲୁପାବଲି)ଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ନାମଯଜ୍ଞ, ସ୍ଥାନ: ସିଂହପାଲି , ସମୟ: ସକାଳ ୯ ଟା।

## ଅନୁଗୋଳ

- ସପ୍ନେଶ୍ୱର ଶିବମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ରାଜକିଶୋରପଡା, ସମୟ: ସକାଳ ୬ଟା।
- କଶୀବୈଦ୍ୟନାଥ ମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ମଝିକା, ସମୟ: ସକାଳ ୬ ଟା।
- ସ୍ୱପ୍ନେଶ୍ୱର ମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ଅମଲାପଡା, ସମୟ: ସକାଳ ୭ ଟା।
- ବାବା ବାଲୁଙ୍କେଶ୍ୱରଙ୍କ ଜାଗର ଉତ୍ସବ, ସ୍ଥାନ: ବଲାସିଂହା ସମୟ: ସକାଳ ୭ ଟା।
- ରଣେଶ୍ୱର ମନ୍ଦିରେ ଜାଗର ଉତ୍ସବ, ସ୍ଥାନ: ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମ, ସମୟ: ସକାଳ ୭ଟା।
- କୁକୁଟେଶ୍ୱର ମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ତୁମୁଣି, ସମୟ: ସକାଳ ୭ଟା।
- ନିର୍ବାଚନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚକାଡୋଳା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବଣିଆବାହଳ, ସମୟ: ଅପରାହ୍ନ ୩ ଟା।
- ଦେବଦର୍ଶନ ଓ ମହାଶିବରାତ୍ରି ଜାଗର ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ବଡ଼ହୀରା ଶିବମନ୍ଦିର ସହିତ ଅନେକ ଶୈବ ପୀଠ, ସମୟ: ଅପରାହ୍ନ ୫ ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।

## ଜଗତ୍‌ସିଂହପୁର

- ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ପାରାଦୀପ ମଧୁବନ ନୌବାଣିଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ଓ ରାଜ୍ୟ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ପାରାଦୀପ ବଡ଼ପଡିଆ ଓମ୍ଫା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ରୁଦ୍ରାଭିଷେକ, ହରିହର ଭେଟ, ନାମ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା, ପ୍ରବଚନ ଓ ମହାଦୀପ ପ୍ରଜ୍ୱଳନ, ସ୍ଥାନ: ଚାତ୍ରାସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ମହାଶିବ ରାତ୍ରି, ସ୍ଥାନ: ବିଆଁଳସ୍ଥିତ ପ୍ରସିଦ୍ଧ ଗଡେଶ୍ୱର ମହାଦେବ ମନ୍ଦିର, ପଞ୍ଚୁପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ମହାକାଳେଶ୍ୱର ମନ୍ଦିରରେ ଶୈବ ମହାଯଜ୍ଞର ପୂର୍ଣ୍ଣାହୁତି ଏବଂ ସମୂହ ଦୀପଦାନ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ରାତି ୧୦ଟା।
- ଲୋକନାଥ ମନ୍ଦିରରେ ଜାଗର ମହାଦୀପ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ଼, ସମୟ: ରାତି ୧୦ଟା।
- ଶିବରାତ୍ରି ଓ ଜାଗର ଉତ୍ସବ, ସ୍ଥାନ: ମୁକ୍ତେଶର ମନ୍ଦିର, ନୂଆବଜାର ପାରାଦୀପ, ସମୟ: ରାତି ୧୦ଟା।

## ନୟାଗଡ଼

- ଜାଗର ମେଳା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ନୀଳକଣ୍ଠେଶ୍ୱର ମନ୍ଦିର ବେଣାଗାଡ଼ିଆ ଓ ଜଗନ୍ନାଥପ୍ରସାଦ, ସମୟ: ସକାଳ ୭ଟା।
- ଶିବଧ୍ୱଜା ଉତ୍ତୋଳନ, ସ୍ଥାନ:ଖଣ୍ଡପଡା ବ୍ଲକର କଣ୍ଟିଲୋ ଈଶ୍ୱରୀୟ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବିଶ୍ୱ ମହିଳା ଦିବସ, ସ୍ଥାନ:ବ୍ଲକ୍ ସଭା ଗୃହ ନୟାଗଡ, ସମୟ:ସକାଳ ୯ଟା୩୦।
- ଜାଗର ମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନ୍ଧ ବିମଳେଶ୍ୱର ଦେବଙ୍କ ପୀଠ, ସମୟ:ମଧ୍ୟାହ୍ନ ୧୨ଟା।
- ଶ୍ରୀ ରାମେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା,ମହାଦୀପ ଉଠିବା ପାଇଁ ବେଢ଼ା ପରିକ୍ରମା,ସ୍ଥାନ:ରାମେଶ୍ୱରଙ୍କ ମନ୍ଦିର, ନୂଆଗାଁ , ସମୟ: ରାତି ୯ଟା୪୫ ।
- ମହାଶିବରାତ୍ରରେ ମହାଦୀପ ଉଠାଣ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ରାତ୍ର ୧୨ଟା।
- ଜାଗର ଯାତ୍ରାରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡ଼ା ଲଡୁବାବାଙ୍କ ପୀଠ, ସମୟ: ରାତ୍ର ୧୨ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଙ୍ଗଦାନ ସଚେତନତା ଶିବିର, ସ୍ଥାନ: ଗୋପୀନାଥପୁର ଶାସନ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଧର୍ମଶାଳା ବାଣୀପୀଠ, ସମୟ: ଅପରାହ୍ନ ୪ଟା।
- ଯାଜପୁର ରୋଡ ନହକା ଅଭୟେଶ୍ୱର ମନ୍ଦିରରେ ଶିବରାତ୍ରତ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଯାଜପୁର ରୋଡ ବୀରମରିପୁର ସପ୍ନେଶ୍ୱର ମନ୍ଦିରରେ ମହାଶିବରାତ୍ରି, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ ନଟପଡା ନିଳକଣ୍ଠେଶ୍ୱର ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଦାନଗଦି ବଗେଇ ବିଶେଶ୍ୱର ମହାଦେବ ମନ୍ଦିରରେ ଜାଗର ଯାତ୍ରା ଓ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ କହ୍ନେଇପୁର ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ ଓମ୍ କାରେଶ୍ୱର ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଜାଗରଯାତ୍ରାରେ ମହାଦୀପ ପ୍ରଜ୍ୱଳନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଦେଉଳି ନିକଟ ଗୋକର୍ଣ୍ଣେଶ୍ୱର ଶୈବପୀଠ, ସମୟ: ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମଭାବରେ ଚନ୍ଦ୍ର ଥିବାରୁ ନୂଆ କାମଟିଏ ଆରମ୍ଭ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପରୁ ଭଲ ଫଳ ମିଳିବ। ଆନୁଷ୍ଠାନିକ କାମ କିମ୍ବା ରାଜନୈତିକ ସ୍ତରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବୃଷ**
ପରସ୍ପର ବିରୁଦ୍ଧାତ୍ମକ ଗ୍ରହଜନିତ ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ଦେଖାଇବେ ନାହିଁ। ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ ପାରିବାରିକ ସ୍ଥିତିରେ ଉନ୍ନତିର ଆଶା କ୍ଷୀଣ ହୋଇପାରେ। ସ୍ଥଗିତ କାମକୁ ଅନ୍ୟ ମାଧ୍ୟମରେ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ**
ବୁଧଙ୍କ ପ୍ରଭାବରେ ବନ୍ଧୁଙ୍କ ପରାମର୍ଶକୁ ଯଦି ଗ୍ରହଣ କରିବେ ତେବେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହେବାର ଆଶଙ୍କା ରହିଛି। ଆକସ୍ମିକ ଭାବେ ଜ୍ୱର ଓ ବମନ ଦେଖାଦେଇପାରେ, ଏଣୁ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ।

**କର୍କଟ**
ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟିଜନିତ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବ। ମିଛକୁ ସତ ମନେକରି ପରକଥାରେ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା କରି କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ଶିକ୍ଷା, ଗବେଷଣା, ପରୀକ୍ଷା, କଳା, ସାହିତ୍ୟାଦିରେ ଆଶାନୁରୂପ ସୁଫଳ ମିଳିବ।

**ସିଂହ**
ନିଜର ଚେଷ୍ଟା ଓ ସାମର୍ଥ୍ୟରୁ ଆର୍ଥିକ ଉନ୍ନତି ଏବଂ କାର୍ଯ୍ୟ ହାସଲରୁ ଖୁସି ରହିବେ। ଶୁକ୍ର ସହ ଶନିଙ୍କ ସମ୍ବନ୍ଧରୁ ମିଥ୍ୟା ଗୁଜବଜନିତ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ ମାତ୍ର ପରିବହନ ସେତେଟା ସନ୍ତୋଷଜନକ ହେବନାହିଁ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଉପୁଜିପାରେ।

**କନ୍ୟା**
ରାହୁଯୁକ୍ତ ବୁଧ କାରଣରୁ ଦୀର୍ଘଦିନର ଆଶା ପୂରଣ ହେବା କଷ୍ଟକର ହୋଇପାରେ। ଉତ୍ତରା ଫାଲ୍‌ଗୁନୀ ମନ ଖୁସିହେଲା ଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସମର୍ଥନ ପାଇବେ ନାହିଁ। ଆକସ୍ମିକ ଭାବେ ଦୂରସ୍ଥାନ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
କର୍ମାଧିପ ମଙ୍ଗଳଯୁକ୍ତ ହେତୁ କର୍ମକ୍ଷେତ୍ରରେ ନୂତନତ୍ୱ ସୃଷ୍ଟି କରିବା ସକାଶେ ଚିନ୍ତା କରିପାରନ୍ତି। ଶନିଙ୍କ ପ୍ରଭାବରୁ ଆଧ୍ୟାତ୍ମିକତା ତଥା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଅନ୍ୟମାନଙ୍କ ବାରମ୍ବାର ତାଗିଦା ଫଳରେ ନିଶ୍ଚିତ ବିପଦରୁ ରକ୍ଷା ପାଇବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ମିଳିବ।

**ବିଛା**
ରବି କେନ୍ଦ୍ରସ୍ଥ ଯୋଗୁ ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ରୋଜଗାର କମ୍ ହେବନି। ଘରଠୁ ଦୂର ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। କାମରେ ଅବହେଳା କରିବା କାରଣରୁ ସହକର୍ମୀଙ୍କ ଉପରେ ବିରକ୍ତିଭାବ ସୃଷ୍ଟି ହେବ। ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ**
ସ୍ୱଗୃହୀ ତୃତୀୟାଧିପ ହେତୁ ଶୁଭେଚ୍ଛୁଙ୍କ ଅନୁକମ୍ପା ସବୁପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟିରେ ସହାୟକ ହେବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୂରି ଭୂରି ପ୍ରଶଂସା ସହ ପୁରସ୍କୃତ ହୋଇପାରନ୍ତି।

**ମକର**
ଚନ୍ଦ୍ର ମଙ୍ଗଳ ସଂଯୋଗରୁ ବନ୍ଧୁଙ୍କ ଅନୁରୋଧରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ। ବିବାଦୀୟ ପରିସ୍ଥିତି ସୃଷ୍ଟି ସୂଚନା ରହିଛି। ଶିଳ୍ପ, ବୃତ୍ତିଗତ ଧନ୍ଦା, ପରିବହନ ଏବଂ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ**
ଶନିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ଶତ୍ରୁତା ହେତୁ ନିର୍ମାଣ କାମ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ଆର୍ଥିକ ଉନ୍ନତି, କର୍ମାରମ୍ଭ ଓ କିଛି ପ୍ରାପ୍ୟ ହାତପଇଠ ହୋଇପାରେ।

**ମୀନ**
ଆଜି ଆପଣ ଯାହାକୁ ଯାହା କହିବେ କିମ୍ବା କରିବେ ସବୁକିଛି ଆପଣଙ୍କ ବିପକ୍ଷରେ ଯାଇପାରେ। ମୁଖଭାବସ୍ଥ ଗୁରୁ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଜାଗର, ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ଫାଲ୍‌ଗୁନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର, ରାଶି ନକ୍ଷତ୍ର-ଦିବା ଘ.୧୦।୩୯ମି. ପର୍ଯ୍ୟନ୍ତ, ଶ୍ରବଣା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୪ମି. ଗତେ ଘ.୦୬।୫୧ମି. ମଧ୍ୟେ, ଘ.୦୭।୩୮ମି. ଗତେ ଘ.୦୯।୦୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୯ମି. ଗତେ ଘ.୧୧।୫୭ମି. ମଧ୍ୟେ ରାହୁକାଳ।

## ରାସ୍ତା ନ ଥିବାରୁ ଶଗଡ଼ରେ ବୁହାହେଲେ ରୋଗୀ

ଅନୁଗୋଳ,୭।୩ (ଅମିତ କୁମାର ସାମଲ)– ଗାଁକୁ ରାସ୍ତା ନ ଥିବାରୁ ରୋଗୀଙ୍କୁ ବୁହାଯାଇଛି ଶଗଡ଼ରେ। ଜଣେ ବୃଦ୍ଧାଙ୍କୁ ପ୍ରାୟ ୨ କିଲୋମିଟର ଦୂର ଏପରି ଅବସ୍ଥାରେ ଅଣାଯିବା ପରେ ସେଠାରୁ ଆମ୍ବୁଲାନ୍ସରେ ପଠାଯାଇଛି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ସକାଳେ ଗ୍ରାମର ବୃଦ୍ଧା ରତନୀ ସାହୁ (୬୮)ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଗୁରୁତର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେବାକୁ ଅମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୨ କିଲୋମିଟର ଦୂରରେ ରହିଥିଲା। ପରେ ପରିବାର ଲୋକେ ରତନୀଙ୍କୁ ଏକ ଶଗଡ଼ରେ ଆମ୍ବୁଲାନ୍ସଯାଏ ଆଣିବା ପରେ ସେଠାରୁ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା।

## ଯୁବତୀଙ୍କୁ ହତ୍ୟା ଅଭିଯୋଗ

କାମାକ୍ଷାନଗର,୭।୩(ଅମ୍‌ଜାଦ୍ ଖାନ୍)– ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ଗାଁରେ ଗୁରୁବାର ଏକ ବନ୍ଦକୋଠରୀ ଭିତରୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବତୀ ଜଣକ ହେଲେ ସେହି ଗ୍ରାମର ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ। ବେକରେ କଟା ଦାଗ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ମା’ ମଞ୍ଜୁଲତା ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଲକ୍ଷ୍ମୀପ୍ରିୟାଙ୍କ ମା’ ମଞ୍ଜୁଲତା ବୁଧବାର ଏକ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ବଣସିଂହ ଗାଁକୁ ଯାଇଥିଲେ। ରାତିରେ ଲକ୍ଷ୍ମୀପ୍ରିୟା ତାଙ୍କ ମାନସିକ ଅନଗ୍ରସର ଭଉଣୀ ନମିତାଙ୍କ ସହ ଘରେ ଶୋଇଥିଲେ। ହେଲେ ସକାଳେ ଲକ୍ଷ୍ମୀପ୍ରିୟା ନ ଉଠିବାରୁ ନମିତା ପଡ଼ୋଶୀ ଲୋକଙ୍କୁ ଜଣାଇଥିଲେ। ପଡ଼ୋଶୀମାନେ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ବର୍ଷେ ତଳେ ଲକ୍ଷ୍ମୀପ୍ରିୟାଙ୍କ ବାପା ଶିବପ୍ରସାଦ ଖୁଣ୍ଟିଆଙ୍କ ମୃତ୍ୟୁ ହୋଇଥିଲା।










# ଟ୍ରମ୍ପ୍‌ଙ୍କ ପରାଜୟ ସମ୍ଭାବନା



ରିଡ୍ ଗାଲେନ୍

ଆମେରିକାର ରାଷ୍ଟ୍ରପତିମାନଙ୍କ ମଧ୍ୟରେ ଡୋନାଲ୍ଡ ଟ୍ରମ୍ପ୍ ସବୁଠୁ ଅନୁପଯୁକ୍ତ ମନେହେଉଥିଲେ। ୨୦୧୬ରେ ସେ ଯେତେବେଳେ ନିଜର ଅଭିଯାନ ଆରମ୍ଭ କରିଥିଲେ, ସେତେବେଳେ ଏକ ବ୍ୟବସାୟଭିତ୍ତିକ ରିଆଲିଟି ଶୋ'ରେ ପ୍ରତିଯୋଗୀଙ୍କୁ ତଡ଼ିବାର ଅଭିନୟ ହାସ୍ୟାସ୍ପଦ ଲାଗୁଥିଲା। ବିରାଟ ନିର୍ଦ୍ଦେଶକ ମଣ୍ଡଳ କକ୍ଷର ଟେବୁଲ ପଛରେ ରହି ଟ୍ରମ୍ପଙ୍କର ଏକ ଛବି ତାଙ୍କର ଅନୁକରଣୀୟ ବହୁ ପ୍ରଚଳିତ କଥା କହୁଥିଲା - ତୁମକୁ ଚାକିରିରୁ ବରଖାସ୍ତ କରାଯାଇଛି ଓ ଏହାରି ସମାଧାନ ଉପାୟ ଟ୍ରମ୍ପ୍ ଜାଣନ୍ତି। ଏହି କଥା ଲକ୍ଷ ଲକ୍ଷ ଆମେରିକୀୟ ଭୋଟରଙ୍କୁ ଆଶ୍ୱସ୍ତ କରିପାରିଥିଲା। ସେହି ଭାବନା ସହ ଅନୁକୂଳ ସମୟ ଏବଂ ଶୁଭଫଳ ଟ୍ରମ୍ପ୍‌ଙ୍କୁ ନିର୍ବାଚନ ଦୌଡ଼ରେ ହିଲାରୀ କ୍ଲିଣ୍ଟନଙ୍କୁ ପରାସ୍ତ କରିବାରେ ସାହାଯ୍ୟ କରିଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କର ବିଜୟ ଆଶା ବହୁତ କମ୍ ଥିଲା ବୋଲି ଟ୍ରମ୍ପ୍ କହିଥିଲେ। ବାସ୍ତବରେ, ସେ ୨.୮ ନିୟୁତ ପପୁଲାର ଭୋଟ ହରାଇଥିଲେ। ଯେକୌଣସି ଆମେରିକା ରାଷ୍ଟ୍ରପତି ନିର୍ବାଚନ ଇତିହାସକୁ ଦେଖିଲେ ଏହା ଏକ ବୃହତ୍ ବ୍ୟବଧାନ।

ତା'ପରଠାରୁ ନିର୍ବାଚନରେ ଲୋକେ ଟ୍ରମ୍ପ୍‌ଙ୍କୁ ଗ୍ରହଣକରି ନ ଥିବା ପ୍ରମାଣିତ ହୋଇଛନ୍ତି। ୨୦୧୮ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟ୍ସ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ ପାର୍ଟିକୁ ହରାଇଥିଲେ। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ଇଲେକ୍ଟୋରାଲ କଲେଜରେ କମ୍ ବ୍ୟବଧାନରେ ହାରିଥିଲେ ଏବଂ ପପୁଲାର ଭୋଟ ହ୍ରାସ ପାଇଥିଲା। ୨୦୨୨ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଟ୍ରମ୍ପ୍‌ଙ୍କ ମନୋନୀତ ପ୍ରାର୍ଥୀମାନେ ସମଗ୍ର ଦେଶରେ ପରାସ୍ତ ହୋଇଥିଲେ ଏବଂ ଡେମୋକ୍ରାଟ୍ସ ପ୍ରାର୍ଥୀମାନେ ନିଜ ଆସନ ବଜାୟ ରଖିଥିଲେ କିମ୍ବା ଆରିଜୋନା, ମିଶିଗାନ, ପେନ୍‌ସିଲଭାନିଆ ଏବଂ ୱିସ୍କୋସିନ ସମେତ ପ୍ରମୁଖ ରାଜ୍ୟରେ ରିପବ୍ଲିକାନ ଆସନଗୁଡ଼ିକୁ ଅକ୍ତିଆର କରିନେଇଥିଲେ। ଏହି ବିଫଳତା କେତେଜଣ ରିପବ୍ଲିକାନ୍‌ଙ୍କୁ ନିର୍ବାଚନ ଉପରେ ଅଭିଯୋଗ ଆଣିବାକୁ ପ୍ରେରିତ କରିଥିଲା। ଟ୍ରମ୍ପ୍ ମଧ୍ୟ ପାର୍ଟି ବ୍ୟବସ୍ଥା, ଏହାର ନେତୃତ୍ୱ ଏବଂ ଏହାର ଚରମ ସଦସ୍ୟଙ୍କ ଉପରେ ନିୟନ୍ତ୍ରଣ ହରାଇବସିଲେ। ଏହି ଧାରାରେ ଥିବା ସବୁଠୁ ପୁରୁଣା ଦଳ ରିପବ୍ଲିକାନ୍ ଚଳିତ ବର୍ଷ ଶେଷରେ ଅନୁତାପ କରିବ, ଯେତେବେଳେ ଉଭୟ ଟ୍ରମ୍ପ୍ ଏବଂ ରିପବ୍ଲିକାନ୍ ପାର୍ଟି ଏକ ନିର୍ବାଚନୀ ପରାଜୟର ସମ୍ମୁଖୀନ ହେବା ସମ୍ଭାବନା ରହିଛି।

ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ତ୍ରୁଟିପୂର୍ଣ୍ଣ ଆଚରଣ, ଗଣତାନ୍ତ୍ରିକ ବିରୋଧୀ ଭାଷଣ ଏବଂ ପ୍ରତିପକ୍ଷଙ୍କୁ ଧମକ ତାଙ୍କ ପରାଜୟର କାରଣ ହେବ। ଶେଷରେ ଆମେରିକୀୟମାନେ ଟ୍ରମ୍ପ୍‌ଙ୍କୁ ସବୁଦିନ ଲାଗି ଅବସର ଦେବେ। ଫ୍ରାନ୍ସର ଦାର୍ଶନିକ ଅଗଷ୍ଟେ କୋମ୍‌ଟେଙ୍କର



ଏକ ପୁରାତନ ଉକ୍ତି ଅଛି ଯେ, 'ଜନସଂଖ୍ୟାର ଶକ୍ତି ଉପରେ ଗୋଟିଏ ଦେଶର ଭାଗ୍ୟ ନିର୍ଭରକରେ'। ଏହି ଉକ୍ତି ପୂର୍ବ ରାଷ୍ଟ୍ରପତି ନିର୍ବାଚନରେ ଯେଭଳି ପରିଣାମ ମିଳିଆସିଛି ତାହା ଆଗାମୀ ନିର୍ବାଚନ ପାଇଁ ଅଧିକ ପ୍ରାସଙ୍ଗିକ ହୋଇପାରେ। ୨୦୧୬ରୁ ୨୦୨୪ ନିର୍ବାଚନ ମଧ୍ୟରେ ପ୍ରାୟ ୨୦ ମିଲିୟନ ବୟସ୍କ ଭୋଟରଙ୍କର ମୃତ୍ୟୁ ହୋଇଥିବ ଏବଂ ପ୍ରାୟ ୩୨ ମିଲିୟନ ଯୁବକ ଆମେରିକୀୟ ଭୋଟ ଦେବା ବୟସ ବର୍ଗରେ ସାମିଲ ହୋଇଥାଇପାରନ୍ତି। ଏଥିମଧ୍ୟରୁ ଅନେକ ଯୁବ ଭୋଟର ଉଭୟ ଦଳକୁ ଘୃଣା କରନ୍ତି। ରିପବ୍ଲିକାନ୍‌ମାନେ କଲେଜ କ୍ୟାମ୍ପସରେ ସକ୍ରିୟ ଭାବରେ ଯୁବକଙ୍କୁ ପାର୍ଟିରେ ସାମିଲ କରୁଛନ୍ତି। କିନ୍ତୁ ୧୯୯୫ରୁ ୨୦୦୦ ମଧ୍ୟରେ ଜନ୍ମିତ ପିଢ଼ିଙ୍କ ହୃଦୟରେ ପ୍ରଜନନ ଅଧିକାର, ଗଣତନ୍ତ୍ର ଏବଂ ପରିବେଶ ବିଷୟ ଗଭୀର ଭାବେ ରହିଛି, ଯାହା ଅଧିକାଂଶଙ୍କୁ ଡେମୋକ୍ରାଟ୍ ସପକ୍ଷରେ ଭୋଟ ଦେବାକୁ ପ୍ରେରିତ କରିବ।

ବାସ୍ତବତା ହେଉଛି ଯେ ଟ୍ରମ୍ପ୍ ୨୦୧୬ରେ ଆମେରିକାର ରାଜନୀତିରେ ପ୍ରବେଶ କରିବା ପରଠାରୁ ରିପବ୍ଲିକାନ୍ ପାର୍ଟି ପରିପକ୍ୱ, ଅଧିକ ଶକ୍ତିଶାଳୀ ଏବଂ ଅଧିକ କଠୋର ହୋଇଯାଇଛି। ଏହା ପ୍ରତି ଉଦାରବାଦୀ ଓ ସ୍ୱାଧୀନ ସମର୍ଥକଙ୍କୁ ଆକର୍ଷିତ କରିବା କଷ୍ଟକର ହୋଇଛି। ଟ୍ରମ୍ପ୍‌ଙ୍କ ତୁଳନାରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପାଇଁ ଅଧିକ ଭୋଟର ଅଛନ୍ତି। ଏହାର ଅର୍ଥ ନୁହେଁ ଯେ ବିଜୟ ସହଜ ହେବ। କିନ୍ତୁ ଏହାର ଅର୍ଥ ହେଉଛି, ସେ ଘରେ ଥିବା ଅଧିକ ଭୋଟରଙ୍କ ବଳରେ ଜିତିପାରିବେ। ଟ୍ରମ୍ପ୍ ଯଦି ଜିତିବାକୁ ଚାହାନ୍ତି, ତେବେ ତାଙ୍କୁ ଦଳକୁ ପ୍ରତ୍ୟେକଟି ସମ୍ଭାବ୍ୟ ଭୋଟରଙ୍କ ଆବଶ୍ୟକତା ପଡ଼ିବ। ଏହା ସହ ଏ ପର୍ଯ୍ୟନ୍ତ କାହାକୁ ଭୋଟ ଦେବାକୁ ସ୍ଥିର କରି ନ ଥିବା ତଥା ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ଖରାପ ବ୍ୟବହାର ଓ ନୀତିକୁ ନେଇ ବିଗିଡ଼ିଯାଇଥିବା ଆମେରିକୀୟଙ୍କଠାରୁ ଭୋଟ ହାସଲ କରିବାକୁ ପଡ଼ିବ। ଆମେରିକୀୟମାନେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ପ୍ରମୁଖ ପ୍ରସଙ୍ଗରେ ରିପବ୍ଲିକାନ୍ ପାର୍ଟି ଭୁଲ୍ ଦିଗରେ ଅଛି। ପ୍ରଜନନ ଅଧିକାରକୁ ବିଚାର କରନ୍ତୁ। ଆମେରିକାର ସୁପ୍ରିମକୋର୍ଟ ୨୦୨୨ରେ ରୋଏ ବନାମ ୱାଡେ ମାମଲାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଅର୍ଦ୍ଧଶତାବ୍ଦୀ ପାଇଁ ଗର୍ଭପାତ ଅଧିକାର ସୁନିଶ୍ଚିତ କରିଥିଲା। କିନ୍ତୁ ରିପବ୍ଲିକାନ୍ ଏହାକୁ ବନ୍ଦ କରିଦେଲା। ଚରମ ରକ୍ଷଣଶୀଳ ରାଜ୍ୟ ବିଧାନମଣ୍ଡଳ ବଳାତ୍କାର କିମ୍ବା ଯୌନ ସମ୍ପର୍କ ଘଟଣାରେ ମଧ୍ୟ ଗର୍ଭପାତକୁ ନିଷିଦ୍ଧ କରିଛି। ଏହି ଧାରା ମହିଳା ଏବଂ ନରମପନ୍ଥୀଙ୍କୁ ଅଧିକ ଦୃଢ଼ ଭାବରେ ଡେମୋକ୍ରାଟ୍ସଙ୍କ ଆଡ଼କୁ ଢଳିବାକୁ ବାଧ୍ୟ କରୁଛି।

ଜାତୀୟ ନିରାପତ୍ତା କ୍ଷେତ୍ରରେ ଟ୍ରମ୍ପ୍ ପ୍ରାୟତଃ ଆମେରିକାର ପାରମ୍ପରିକ ଶତ୍ରୁମାନଙ୍କ ବିଚାରକୁ ସମର୍ଥନ କରିଛନ୍ତି, ଯାହାଦ୍ୱାରା ଏକ ପ୍ରମୁଖ ନିର୍ବାଚନୀ ଦଳକୁ ବିବ୍ରତ, କ୍ରୋଧିତ କିମ୍ବା ଦ୍ୱନ୍ଦ୍ୱରେ ପକାଉଛି। ବହୁ ପୁରୁଣା ରିପବ୍ଲିକାନ୍ ସମର୍ଥକମାନେ ତଥାପି ରୋନାଲ୍ଡ ରେଗାନଙ୍କ ବିଚାରଧାରାକୁ ଭଲ ପାଆନ୍ତି ଏବଂ ବିଶ୍ୱର ଲୋକମାନଙ୍କ ପାଇଁ ସ୍ୱାଧୀନତା ଏବଂ ଗଣତନ୍ତ୍ରର ଏକ ଆଲୋକବର୍ତ୍ତିକା ଭାବେ ଦେଖନ୍ତି। ଏହି ରିପବ୍ଲିକାନ୍‌ମାନେ ବହୁ ସଂଖ୍ୟାରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସ୍ୱୀକାର କରନ୍ତି ନାହିଁ। ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ୪୩% ରିପବ୍ଲିକାନ ବିଶ୍ୱାସ କରନ୍ତି ଆମେରିକା ବହୁ କମ୍ ସାହାଯ୍ୟ ୟୁକ୍ରେନ୍‌କୁ ଦେଉଛି। ନାଟୋ ପରିତ୍ୟାଗ କରିବାକୁ ଟ୍ରମ୍ପ୍‌ଙ୍କ ଧମକକୁ ସେମାନେ ପସନ୍ଦ କରନ୍ତି ନାହିଁ। ରୁଷିଆଠାରୁ ହଙ୍ଗେରି ଓ ସାଉଦି ଆରବର ଏକଛତ୍ରବାଦ ଭଳି ବ୍ୟବସ୍ଥା ପ୍ରତି ଟ୍ରମ୍ପ୍‌ଙ୍କ ଆକର୍ଷଣ ରହିଛି। ତେବେ ଚଳିତ ସପ୍ତାହ ସୁଦ୍ଧା ରିପବ୍ଲିକାନ୍‌ମାନଙ୍କ ପାଇଁ ଆଉ ଏକ ବିକଳ୍ପ ଥିଲା। ସେ ହେଉଛନ୍ତି ମିଳିତ ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ନିକ୍କି ହାଲି। ଟ୍ରମ୍ପ୍‌ଙ୍କ ପଲିସି ରେକର୍ଡ ଉପରେ ହାଲିଙ୍କ ଅତ୍ୟଧିକ ଆକ୍ରମଣ ଏକ ପ୍ରଭାବ ପକାଇଥିବା ମନେହୁଏ। ନ୍ୟୁ ହାମ୍ପଶାୟାର, ନେଭାଡା ଏବଂ ସାଉଥ କାରୋଲିନାରେ ସେ ୩୦% ପସନ୍ଦ ଭୋଟ ହାସଲ କରିଥିଲେ। କିନ୍ତୁ ୧୪ଟି ରାଜ୍ୟରେ ପ୍ରାରମ୍ଭିକ ପସନ୍ଦ ଭୋଟରେ ହାଲି ପରାଜିତ ହେବା ପରେ ଏବେ ନିର୍ବାଚନ ଅଭିଯାନ ଶେଷ କରିଦେଇଛନ୍ତି। ତେବେ ଏଯାବତ ହାଲି ଟ୍ରମ୍ପ୍‌ଙ୍କୁ ସମର୍ଥନ କରିବାକୁ ମନା କରିଦେଇଛନ୍ତି। ସେ ମଧ୍ୟ ଘୋଷଣା କରିଛନ୍ତି ଯେ, ତାଙ୍କ ସମର୍ଥକ ଭୋଟରମାନଙ୍କ ମତ ଉପରେ ସବୁକିଛି ନିର୍ଭରକରେ। ଏଣୁ ଟ୍ରମ୍ପଙ୍କ ସଫଳତା ଉପରେ ଅଧିକ ସନ୍ଦେହ ରହିବାର ଏହା ଏକ ବଡ଼ କାରଣ। ଅବଶ୍ୟ, ନଭେମ୍ବରରେ ଟ୍ରମ୍ପ୍‌ଙ୍କୁ ଭୋଟ ଦେବା ପରିବର୍ତ୍ତେ ନିକି ହାଲିଙ୍କର ଅନେକ ସମର୍ଥକ ଭୋଟ ଦେଇ ନ ପାରନ୍ତି କିମ୍ବା ବାଇଡେନ୍‌ଙ୍କୁ ଭୋଟ ଦେଇପାରନ୍ତି।

୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ହାରିଗଲେ ଏବଂ ପରେ ଏକ ବିଦ୍ରୋହ ସୃଷ୍ଟି କରିଥିଲେ। ସେବେଠାରୁ ସେ ତାଙ୍କର ଭାଷଣ କିମ୍ବା ଆଚରଣକୁ ନିୟନ୍ତ୍ରଣ କରିନାହାନ୍ତି; ଅପରପକ୍ଷେ ସେ ଅଧିକ କଠୋର ହୋଇଯାଇଛନ୍ତି। ଯଦି ଏହା ରିପବ୍ଲିକାନ୍ ଭୋଟରଙ୍କ ମତଦାନକୁ ସାମାନ୍ୟ ହ୍ରାସକରେ, ତେବେ ଟ୍ରମ୍ପ୍ ଏକ ବଡ଼ ପରାଜୟର ସମ୍ମୁଖୀନ ହେବେ। ଏହା ଜଣାଶୁଣା ଯେ, ଅଧିକାଂଶ ଆମେରିକୀୟ ଟ୍ରମ୍ପ୍‌ଙ୍କୁ ପୁଣି ହ୍ୱାଇଟ ହାଉସ ଫେରିବାକୁ ଚାହୁଁନାହାନ୍ତି।

**ସହ- ପ୍ରତିଷ୍ଠାତା, ଦି ଲିନ୍‌କ୍ଲୋନ୍ ପ୍ରୋଜେକ୍ଟ**
**(ଏକ ଗଣତନ୍ତ୍ର ସପକ୍ଷବାଦୀ ସଙ୍ଗଠନ)**

# ମହାଶିବରାତ୍ରି



ଡା. ଉମେଶ ଚନ୍ଦ୍ର ପାତ୍ର

ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳିତ ହୁଏ ମହାଶିବରାତ୍ରି ବା ଜାଗର। ଶିବରାତ୍ରିରେ ଉପବାସ ଓ ଶିବପୂଜା କରାଯାଏ। ଶିବ ଶବ୍ଦର ଅର୍ଥ ମଙ୍ଗଳମୟ। ଶିବ ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର। ସେ ମଧ୍ୟ ଆଶୁତୋଷ। ଶିବଙ୍କର ଦକ୍ଷିଣ ହସ୍ତରେ ଶୋଭାପାଏ ତ୍ରିଶୂଳ ଯାହାକି ସତ୍ତ୍ୱ, ରଜ, ତମ ଗୁଣର ନିଦର୍ଶନ। ବାମ ହସ୍ତରେ ଡମ୍ବରୁ ହେଉଛି ଶବ୍ଦବ୍ରହ୍ମର ପ୍ରତୀକ। ବେଦର ଆଦ୍ୟ ଅକ୍ଷର ଓଁ ହିଁ ଶବ୍ଦ ବ୍ରହ୍ମ। ଏହି ଓଁ ହେଉଛି ସମସ୍ତ ଭାଷାର ମୂଳାଧାରା ଓ ପ୍ରାଣବିନ୍ଦୁ। ଶିବଙ୍କ ମସ୍ତକରେ ରହିଛି ଚନ୍ଦ୍ରକଳା। ଏହା ତାଙ୍କୁ ସଂଯମୀ ଭାବରେ ପରିଚିତ କରାଇଥାଏ। ତାଙ୍କ ଜଟାରୁ ନିର୍ଝରିତ ପୁଣ୍ୟତୋୟା ଗଙ୍ଗା ଅମୃତଧାରାର ଅମର ସଙ୍କେତ। ପ୍ରଭୁଙ୍କର ଅନ୍ୟତମ ଅଙ୍ଗଭୂଷଣ ସର୍ପ, ଯାହାକି ପ୍ରଜ୍ଞା ଓ ଚିରନ୍ତନତାର ପ୍ରତୀକ। ପୁଣି ତୃତୀୟ ନେତ୍ରକୁ ବିଚାର କରାଯାଏ ମୋକ୍ଷର ଦ୍ୱାର। ଶିବଙ୍କର ମନ୍ତ୍ର ହେଉଛି ନମଃ ଶିବାୟ। 'ନ'ର ଅର୍ଥ ପୃଥିବୀ ଓ ବ୍ରହ୍ମ, 'ମ'ର ଅର୍ଥ ବିଷ୍ଣୁ, 'ଶି' ହେଉଛି ଅଗ୍ନି ଓ ରୁଦ୍ର, 'ବା' ହେଉଛି ବାୟୁ ଓ ମହେଶ୍ୱର, 'ୟ'ର ଅର୍ଥ ଆକାଶ, ସଦାଶିବ, ଜୀବ। ସକଳ ଗୁଣର ଆଧାର ଶିବଙ୍କୁ ରାତି ଉଜାଗର ରହି ଶିବରାତ୍ରିରେ ଉପାସନା କଲେ ମୋକ୍ଷପ୍ରାପ୍ତି ହୁଏ।

ଭଗବାନ୍ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ-ଧାତୁ (ଶୟନ) ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ, ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ।

ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଲ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି, ଯେଭଳି ସେମାନେ ସମାଜର ଅନ୍ୟମାନଙ୍କର କ୍ଷତି କରି ନ ପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ୍ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତକରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧି ସମୂହର ପରିସ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରି ରଖିଛନ୍ତି। ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମ ଶିବ ମଝି ମଝିରେ ପୃଥିବୀରେ ଦେଖାଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ନାରୀ ହେଉ ବା ପୁରୁଷ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

ପ୍ରତ୍ୟେକ ଧର୍ମପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି - ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା। ସମସ୍ତେ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ। ଭିନ୍ନ ଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କଲାପରି ଏ ସବୁ ପରିକଳ୍ପନା କରାଯାଇଛି। ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାର୍ଥରେ ଏକ ଓ ଅଭିନ୍ନ। 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ। ସେ ଆଦର୍ଶ ଯୋଗୀ ଓ ତେଜସ୍ୱୀ ମୁନି। ଚଣ୍ଡାଳଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରାର୍ଥନା ସେ ଶୁଣିଥାନ୍ତି। ତାଙ୍କ ନିକଟକୁ ସମସ୍ତଙ୍କର ପ୍ରବେଶାଧିକାର ରହିଛି। ଶିବ ପୁରାଣ ଅନୁଯାୟୀ, ଶିବ ହେଉଛନ୍ତି ପ୍ରକୃତି ଓ ପୁରୁଷର ଊର୍ଦ୍ଧ୍ୱରେ। ସେ ମହେଶ୍ୱର, ସେ ମଙ୍ଗଳକର୍ତ୍ତା ଏବଂ ସମସ୍ତ ପ୍ରାଣୀଙ୍କର ସର୍ବକୁଶଳର କାରଣ। ଶୈବ ଦର୍ଶନ ହେଉଛି ବେଦାନ୍ତର ଶ୍ରେଷ୍ଠ ଦର୍ଶନ।

**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ସମୁଦ୍ର ଜଳ ପ୍ରଦୂଷଣର ପ୍ରଭାବ ଜଳଜୀବ ଉପରେ ପଡୁଛି। ବିଶେଷକରି ପ୍ରବାଳ ପାଚେରୀଗୁଡ଼ିକ କ୍ଷୟ ହେବାରେ ଲାଗିଛି। ଏହାର ପ୍ରତିକାର ଜରୁରୀ ହୋଇପଡ଼ିଥିବାବେଳେ ଗୃହିଣୀରୁ ସ୍କୁବା ଡାଇଭର ପାଲଟିଥିବା ୪୯ ବର୍ଷୀୟା ଉମା ମାନି ପ୍ରବାଳ ପାଚେରୀ ସୁରକ୍ଷାରେ ଲାଗିଛନ୍ତି। ଏକ ଦଶନ୍ଧି ହେଲା ସେ ଏହି କାର୍ଯ୍ୟ କରିଆସୁଛନ୍ତି। ଉମା ସ୍କୁବା ଡାଇଭିଂ ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରାରମ୍ଭିକ ସ୍ତରରେ ଏହା କଠିନ ଥିଲେ ବି ତାହା ସମୟକ୍ରମେ ସହଜ ହୋଇଯାଇଛି ବୋଲି କହନ୍ତି ଉମା। ସେ ଗଭୀର ସମୁଦ୍ରରେ ପ୍ରବାଳ ପାଚେରୀରେ ହୋଇଥିବା କ୍ଷତି ସମ୍ବନ୍ଧରେ ତଥ୍ୟ ଓ ଫଟୋ ଆଣିବା ସହ ତାହାର ପ୍ରତିକାର ଉପରେ ପଦକ୍ଷେପ ନେଉଛନ୍ତି। କେବଳ ପ୍ରବାଳ ପାଚେରୀର ସୁରକ୍ଷା ନୁହେଁ, ସେ ସ୍କୁଲ, କଲେଜ, କର୍ପୋରେଟ ସଂସ୍ଥାଗୁଡ଼ିକରେ ବେଳଭୂମି ପ୍ରଦୂଷଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରୁଛନ୍ତି। ସାହିତ୍ୟରେ ଉମା ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି ଓ ତାଙ୍କ ସ୍ୱାମୀ ଜଣେ ଡାକ୍ତର। ଉମା ଏବେ ତାମିଲନାଡୁର ଡିଣ୍ଡିଗୁଲ୍‌ରେ ରହୁଛନ୍ତି। ପ୍ରବାଳ ପାଚେରୀ ଉପରେ ସଚେତନାତା ସୃଷ୍ଟି କରିବା ଲାଗି ୨୦୧୯ରେ 'କୋରାଲ ଓମେନ' ଡକ୍ୟୁମେଣ୍ଟାରି ରିଲିଜ୍ ହେବା ପରେ ଏ ସମ୍ପର୍କରେ ଲୋକେ ଅଧିକ ସଚେତନ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୭୫

- ରାଜ୍ୟ ବିଧାନସଭାର ମାର୍କ୍ସବାଦୀ କମ୍ୟୁନିଷ୍ଟଦଳ ନେତା, ନୀଳଗିରି ନିର୍ବାଚନ ମଣ୍ଡଳୀର ସଦସ୍ୟ ବନମାଳୀ ଦାସଙ୍କ ନିର୍ବାଚନକୁ ନିର୍ବାଚନ ଟ୍ରିବ୍ୟୁନାଲଙ୍କ ଅସିଦ୍ଧ ଘୋଷଣା।
- ରେଲ୍‌ୱେ ବୋର୍ଡର ଉଚ୍ଛେଦ ଦାବୀକୁ ରେଲ୍‌ୱେ ମନ୍ତ୍ରୀ କମଳାପତି ତ୍ରିପାଠୀଙ୍କ ପ୍ରତ୍ୟାଖ୍ୟାନ।
- ଆବୁଧାବିରୁ ୧ ନିୟୁତ ଟନ ତେଲ କଣିବା ପାଇଁ ଭାରତ-ଆବୁଧାବି ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 1 | 6 | | | | |
| | 4 | | | | | 9 | | 7 |
| | | 3 | | | | 2 | | |
| | | | | 7 | | | 1 | |
| | | 6 | | | | | | |
| 4 | | | 2 | 9 | | | | 6 |
| | 1 | 9 | | | | | | |
| 6 | | | | | 5 | | 9 | |
| | 5 | 2 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 8 | 5 | 3 | 7 | 4 | 2 |
| 8 | 3 | 2 | 6 | 7 | 4 | 9 | 5 | 1 |
| 4 | 5 | 7 | 2 | 1 | 9 | 3 | 8 | 6 |
| 6 | 1 | 5 | 9 | 4 | 2 | 8 | 7 | 3 |
| 2 | 8 | 3 | 5 | 6 | 7 | 4 | 1 | 9 |
| 7 | 9 | 4 | 3 | 8 | 1 | 6 | 2 | 5 |
| 5 | 2 | 6 | 7 | 3 | 8 | 1 | 9 | 4 |
| 3 | 4 | 8 | 1 | 9 | 5 | 2 | 6 | 7 |
| 9 | 7 | 1 | 4 | 2 | 6 | 5 | 3 | 8 |

ଗତକାଲିର ଉତ୍ତର

# ମହିଳା ସଶକ୍ତୀକରଣ ଓ ସମୃଦ୍ଧି



ମୀରା ବେଉରା

ବିଖ୍ୟାତ ଔପନ୍ୟାସିକ ଭର୍ଜିନିଆ ଉଲଫ୍ କହିଛନ୍ତି- ନାରୀ ଆଇନ୍‌ଷ୍ଟାଇନ୍ ବା ସେକ୍ସପିୟର ହେବାକୁ ହେଲେ ତାଙ୍କୁ ଦୁଇଟି ବିଷୟ ଅର୍ଜନ କରିବାକୁ ପଡ଼ିବ। ଗୋଟିଏ ହେଲା ନିଜସ୍ୱ ଉପାର୍ଜନ ଏବଂ ଅନ୍ୟଟି ହେଲା ଉତ୍ତମ ସାମାଜିକ ପରିବେଶ। ନାରୀକୁ ନିଜର ଅଧିକାର ପ୍ରତି ପ୍ରଥମେ ସଚେତନ ହେବାକୁ ପଡ଼ିବ। ସମାଜରେ ଆତ୍ମମର୍ଯ୍ୟାଦା ପ୍ରତିଷ୍ଠା କରି ବଞ୍ଚିବା ତା'ର ଏକାନ୍ତ ପ୍ରୟୋଜନ। ଯେ ପର୍ଯ୍ୟନ୍ତ ନାରୀ ନିଜ ଶକ୍ତିକୁ ଚିହ୍ନି ନ ପାରିବ, ତା' ଭିତରେ ଆତ୍ମଶକ୍ତିର ଜାଗରଣ ନ ଘଟିବ ସେ ପର୍ଯ୍ୟନ୍ତ ନାରୀ ସଶକ୍ତୀକରଣ ଏକ ସ୍ୱପ୍ନ ହୋଇ ରହିଯିବ। ଆଗରୁ ଆମେ ଚିନ୍ତା କରିଥିଲୁ ଯେ କେବଳ ସ୍ୱାବଲମ୍ବନଶୀଳ ହୋଇପାରିଲେ ନାରୀ ଆତ୍ମମର୍ଯ୍ୟାଦାର ସହ ବଞ୍ଚିପାରିବ। କେବଳ ଉପଯୁକ୍ତ ଶିକ୍ଷା ହିଁ ତାକୁ ପ୍ରତିଷ୍ଠା ଦେଇପାରିବ। କିନ୍ତୁ କିଛିଦିନ ହେବ ଏହି ଧାରଣା ଆମର ଭୁଲ୍ ପ୍ରମାଣିତ ହୋଇଛି। ପ୍ରାୟତଃ ଦେଖାଯାଉଛି ଉଚ୍ଚଶିକ୍ଷିତା ନାରୀମାନେ ସମାଜରେ ବେଶି ଉପେକ୍ଷିତ ଏବଂ ନିର୍ଯାତିତ। ନିର୍ଯାତନା, ହୀନମନ୍ୟତା, ପରାଧୀନତାର ଶିକାର ହୋଇ ନାରୀମାନେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସାମାଜିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ଯଦିଓ ନାରୀ ନିଜକୁ ପୁରୁଷଙ୍କ ସହ ସମାନ କରିବା ପାଇଁ ଅନେକ ସଂଘର୍ଷ ଜାରି ରଖିଛି ତଥାପି ନିର୍ଯାତନାର ଅନ୍ତ ଘଟୁନି। ନୋବେଲ ବିଜେତା ସାରାମାଗୋ କହୁଥିଲେ, 'ଇଏ ଏମିତି ଏକ ବିଶ୍ୱ ଯିଏ ମଙ୍ଗଳ ଗ୍ରହକୁ ଯନ୍ତ୍ର ପଠାଏ, ଚନ୍ଦ୍ରକୁ ମଣିଷ ପଠାଏ କିନ୍ତୁ ନିଜ ଇଲାକାରେ ମଣିଷ ନିଧନ ଓ ହିଂସା ବନ୍ଦ କରିବା ଲାଗି କୌଣସି କାର୍ଯ୍ୟ କରେ ନାହିଁ। ବିସ୍ମୟର କଥା, ଶହ ଶହ ବର୍ଷ ଧରି ନାରୀ ଅତ୍ୟାଚାର, ଶୋଷଣ, ସାମାଜିକ କୁସଂସ୍କାରର ଶିକାର ହୋଇ ମଧ୍ୟ ଆଜି ଏକବିଂଶ ଶତାବ୍ଦୀରେ ନିଜକୁ ପ୍ରତିଷ୍ଠା କରିବା ପାଇଁ ସଂଘର୍ଷ ଜାରି ରଖିଛି। ସାମ୍ପ୍ରତିକ ସମାଜର ଭୋଗବାଦୀ, ଅବକ୍ଷୟୀ, ଅପସଂସ୍କୃତିର ପ୍ରଭାବ ନାରୀର ଚିନ୍ତା, ଚେତନା, ବିଚାରଧାରା, ତା'ର ଦୂରଦର୍ଶିତାକୁ ସମ୍ପୂର୍ଣ୍ଣ ପଙ୍ଗୁ କରି ତାକୁ ଭୋଗ୍ୟବସ୍ତୁ ଭାବେ ବିବେଚନା କରିବାକୁ ମଧ୍ୟ ଭୁଲୁନାହିଁ। ନାରୀ ସମାଜକୁ ଅପସଂସ୍କୃତି ଏବଂ ଅତ୍ୟାଧୁନିକ ଜୀବନଶୈଳୀ ଯେଉଁଭଳି ଭାବେ ଧସେଇ ପଶିଆସୁଛି, ଏହା ନାରୀ ନିର୍ଯାତନାର ପ୍ରମୁଖ କାରଣ। ନାରୀ ଭୋଗବାଦୀ ମାୟାରେ ପଡ଼ି ଛଟପଟ ହେଉଛି। ସଣ୍ଣା, ସଂସ୍କାର, ଶୃଙ୍ଖଳା, ସଂଯମ ଏସବୁ ଶବ୍ଦ ଧୀରେ ଧୀରେ ନାରୀର ବ୍ୟକ୍ତିତ୍ୱର ଅଭିଧାନରୁ ଲିଭିଗଲାଣି।

ପ୍ରତ୍ୟେକ ବ୍ୟକ୍ତି ସେ ନାରୀ ହେଉ ବା ପୁରୁଷ ମର୍ଯ୍ୟାଦାର ସହ ବଞ୍ଚିବା ତା'ର ପ୍ରାକୃତିକ ଅଧିକାର। ଯେଉଁ ଦେଶରେ ସଂସ୍କୃତିକୁ ଯେତିକି ପ୍ରାଧାନ୍ୟ ଦିଆଯାଏ ସେହି ଦେଶର ଲୋକମାନେ ସେତିକି ସଭ୍ୟ ଏବଂ ସଚେତନ। ଆଉ ଦେଖାଯାଏ ଆମ ସମାଜରେ ଏକ ଚତୁର୍ଥାଂଶ ପିଲା ବାଲ୍ୟ ଏବଂ କୈଶୋରରେ ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି। ସାଧାରଣ ମଣିଷଟିଏ ଆଜି ଦେବତ୍ୱ ବଦଳେ ତା' ଭିତରେ ପଶୁତ୍ୱ ବୃଦ୍ଧି ପାଉଛି। ପ୍ରତ୍ୟେକ ବ୍ୟକ୍ତି ଭାବିବା ଦରକାର ମୋ' ପ୍ରତି ଯେଉଁ ବ୍ୟବହାର ପୀଡ଼ାଦାୟକ, ମୁଁ ସେଭଳି ବ୍ୟବହାର ଅନ୍ୟପ୍ରତି ପ୍ରଦର୍ଶନ କରିପାରିବିନାହିଁ। ଏହା ହିଁ ମାନବିକ ମୂଲ୍ୟବୋଧର ମୂଳମନ୍ତ୍ର ହେବା ଆବଶ୍ୟକ।



ମିଳିତ ଜାତିସଂଘର ମାନବିକ ଅଧିକାରର ଦଲିଲ୍‌ଟି ୧୯୪୮ ଡିସେମ୍ବର ୧୦ ତାରିଖରେ ଯେଉଁ ଆନ୍ତର୍ଜାତିକ ସ୍ୱୀକୃତି ଦେଇଛି ତା'ର ପ୍ରଥମ ଧାରାଟିରେ ହିଁ ବ୍ୟକ୍ତି ମର୍ଯ୍ୟାଦା ସହ ବଞ୍ଚିବ ଏହି ବର୍ତ୍ତାଟିକୁ ସୁନ୍ଦରଭାବରେ ବ୍ୟକ୍ତ କରାଯାଉଛି। ସେହିପରି ଇଣ୍ଟରନ୍ୟାଶନାଲ ହ୍ୟୁମାନିଷ୍ଟ ଏଣ୍ଡ ଏଥିକ୍ସ ୟୁନିଅନ୍ ସଂଗଠନ ହ୍ୟୁମାନିଷ୍ଟ ମେନିଫେଷ୍ଟୋ ବା ମାନବବାଦୀ ଘୋଷଣା ନାମାରେ ମାନବିକ ଅଧିକାର, ବ୍ୟକ୍ତି ମର୍ଯ୍ୟାଦାବୋଧ ଓ ନାଗରିକ କର୍ତ୍ତବ୍ୟର ଯେଉଁ ଚିତ୍ର ଦେଇଛି ତାହା ସଭ୍ୟ ଜୀବନ ଦୃଷ୍ଟିର ଏକ ମହତ୍ତ୍ୱ ଅଭିବ୍ୟକ୍ତି କହିଲେ ଭୁଲ୍ ହେବ ନାହିଁ। ଆମ ପୁରାଣ, ଇତିହାସ, ସଂସ୍କୃତିରେ ମଧ୍ୟ କେତେକ ନକାରାତ୍ମକ ଚିତ୍ର ସ୍ଥାନ ପାଇଛି। ନାରୀକୁ ତା'ର ସତିତ୍ୱ ପରୀକ୍ଷା ଦେବାକୁ ଯାଇ ବାରମ୍ବାର ଅଗ୍ନିପରୀକ୍ଷା ଦେବାକୁ ପଡ଼ିଛି। ନିଜ ପତ୍ନୀକୁ ବାଜି ଲଗାଇ ପଶାଖେଳରେ ହାରି ସର୍ବସମ୍ମୁଖରେ ପୁଣି ବିବସ୍ତ୍ରା ହେବାକୁ ପଡ଼ିଥିଲା ରାଜବଧୂ ଦ୍ରୌପଦୀଙ୍କୁ କୁରୁସଭାରେ। ମୃତ ପତିକୁ ମଧ୍ୟ ଯମଦ୍ୱାରରୁ ଫେରାଇ ଆଣିବାର କଠୋର ପରୀକ୍ଷାରେ ମଧ୍ୟ ସଫଳ ହୋଇଥିଲା ଏହି ନାରୀ। କିନ୍ତୁ ଦୁଃଖର କଥା ଆମେ ପତ୍ନୀକୁ ଯମଦ୍ୱାରରୁ ଫେରାଇ ପାରୁଥିବା ପତିଙ୍କ ସାଧନା ଆମ ପୁରାଣରେ କେଉଁଠି ନାହିଁ। ଭାରତୀୟ ହିନ୍ଦୁ ସମାଜରେ ଆଜି ମଧ୍ୟ ଅସ୍ପୃଶ୍ୟତା, ଜାତିବାଦ, ବାଲ୍ୟବିବାହ, ସତୀଦାହ ପ୍ରଥା ଆଦି ଘୃଣ୍ୟ ପ୍ରଥା ଏବଂ ବିଧବାଙ୍କ ପ୍ରତି ଧର୍ମୀୟ କଟକଣା ସମାଜରେ ଦୀର୍ଘଦିନ ଧରି ଦେଖି ଆସୁଛୁ। ଏହି କୁତ୍ସିତ ଚିନ୍ତାଧାରା ଆମ ସାମାଜିକ ମନସ୍ତତ୍ତ୍ୱକୁ ଆକ୍ରାନ୍ତ କରି ନାରୀ ସମାଜର ମର୍ଯ୍ୟାଦାକୁ ହାନି ପହଞ୍ଚାଉଛି। ଏବେ ବି ଏକବିଂଶ ଶତାବ୍ଦୀରେ ଜାତିଆଣଭାବନା ବ୍ୟକ୍ତିତ୍ୱର ଅଧିକାର ଏବଂ ମର୍ଯ୍ୟାଦାକୁ ଭୁଲୁଣ୍ଠିତ କରୁଛି। ନାରୀର ଏଭଳି ଦୁର୍ଦ୍ଦିନରେ ତା' ପ୍ରତି ହେଉଥିବା ନିର୍ଯାତନାକୁ ବନ୍ଦ କରି ତାଙ୍କୁ ତା'ର ଆତ୍ମମର୍ଯ୍ୟାଦାର ସହ ବଞ୍ଚିବାର ମୌଳିକ ଅଧିକାର ଦେବା ଆବଶ୍ୟକ। ଏଇଠି ମନେପଡ଼େ। ପୁରାଣ ଇତିହାସର ନାରୀଶକ୍ତି ଅପାଲାଙ୍କ କଥା। ଶ୍ୱେତକୁଷ୍ଠ ବ୍ୟାଧି ଯୋଗୁ ପତି କୃଶାଶ୍ୱ ଦ୍ୱାରା ଉପେକ୍ଷିତ ହୋଇ ପତିଗୃହ ପରିତ୍ୟାଗ କରି ପିତା ଅତ୍ରିଙ୍କ ଆଶ୍ରମରେ ଆସି ରହିଲେ। ସେହିଦିନ ସେ ଅନୁଭବ କରିଥିଲେ ମନୁଷ୍ୟ ଜୀବନରେ ଦେଖାଦେଉଥିବା ନାନା ବିକାର, କଷ୍ଟ, ଯନ୍ତ୍ରଣା, ଦୁଃଖ ଈଶ୍ୱରପ୍ରଦ ନୁହେଁ। ମଣିଷ ନିଜ ଜ୍ଞାନ ଓ କର୍ମବଳରେ ଏ ସବୁ କ୍ରୟ କରିପାରିବ। ପରେ ଅପାଲା ଇନ୍ଦ୍ରଙ୍କୁ ଉପାସନା କରି ସମସ୍ତ ପ୍ରକାର ପ୍ରଜ୍ଞା, ଶକ୍ତି, ସାମର୍ଥ୍ୟ, ବିଦ୍ୟା, କାନ୍ତି ଆଦି ବର ପାଇଥିଲେ। ଏହାପରେ ସେ ପ୍ରଚଣ୍ଡ ଜ୍ଞାନଦୀପ୍ତ ହୋଇ ଋଷିରେ ପରିଣତ ହେଲେ। ଏହା ତାଙ୍କ ପତି ଯେତେବେଳେ ଜାଣିପାରିଲେ ତାଙ୍କୁ ନେବା ପାଇଁ ଅତ୍ରିଙ୍କ ଆଶ୍ରମକୁ ଆସିଲେ ଅପାଲା କିନ୍ତୁ ଏଥିରେ ରାଜି ହୋଇ ନ ଥିଲେ। ତାଙ୍କର ସ୍ୱାଭିମାନ ତାଙ୍କୁ ମହାନ୍ କରି ଗଢ଼ି ଦେଇଥିଲା। ସମାଜସେବାରେ ସେ ତାଙ୍କର ସମଗ୍ର ଜୀବନ କାଟିଦେଲେ। ପତି କୃଶାଶ୍ୱ ସ୍ୱୟଂ ଅପାଲାଠାରୁ ବେଦାଙ୍ଗ ଶିକ୍ଷା ଲାଭ କଲେ। ସେ ଦିନ ଅପାଲା ପ୍ରମାଣ କରିଦେଲେ ଯେ ନାରୀ କେବେ ବି ପୁରୁଷର ଭୋଗ୍ୟ ବସ୍ତୁ ନୁହେଁ। ନିଜର ଯୌବନ, ସୌନ୍ଦର୍ଯ୍ୟ, ରୂପ କାନ୍ତି ଦ୍ୱାରା ପୁରୁଷକୁ ଆକର୍ଷିତ କରିବା ତା'ର କେବେ ବି କର୍ତ୍ତବ୍ୟ ନୁହେଁ।

ଏହି କାହାଣୀ ସୂଚାଇ ଦିଏ ଯେ ଆଜିର ନାରୀ ଚାହିଁଲେ ନିଜର ଅସୀମଶକ୍ତି, ପ୍ରଜ୍ଞା, ଧିଶକ୍ତି ବଳରେ ସମାଜର ତଥା ରାଷ୍ଟ୍ରର ମଙ୍ଗଳରେ ସହାୟକ ହେବ। ପୁରୁଷ ସମାଜ ଦ୍ୱାରା ଅବହେଳିତ ହେଉଥିବା ନାରୀ ସମାଜ ପାଇଁ ଅପାଲା ହେଉଛି ଜଣେ ଆଦର୍ଶନାରୀ। ଆମେ ସମସ୍ତେ ଏହା ସ୍ୱୀକାର କରିବାକୁ ବାଧ୍ୟହେବୁ ଯେ ନାରୀ ହେଉଛି ଶକ୍ତିର ଓ ପ୍ରଜ୍ଞାର ପ୍ରତୀକ। ଆଜିର ନାରୀ ଯଦି ଆତ୍ମବଳଯୁକ୍ତ ହୋଇ ନିଜର ଅସୀମ ଶକ୍ତିକୁ ରାଷ୍ଟ୍ରର ତଥା ସମାଜର ବିକାଶରେ ବିନିଯୋଗ କରିବ ତେବେ ସେ ମର୍ଯ୍ୟାଦା ସହ ବଞ୍ଚିବାର ଅଧିକାରକୁ ପ୍ରାପ୍ତ ହେବ।

**ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ**
**ମୋ- ୯୮୫୩୩୫୦୩୮୪**

## ପାଠକ ଶ୍ରେଷ୍ଠ ବିଚାରକ

### ଷ୍ଟାଡିୟମ ଭଙ୍ଗା ନ ଯାଉ

ମହାଶୟ,

କଟକ ବାରବାଟୀ ଷ୍ଟାଡିୟମ ସର୍ବପୁରାତନ ଷ୍ଟାଡିୟମ। ଏହାର ସିଟ୍ ସଂଖ୍ୟା ବୃଦ୍ଧି କରାଯାଇ ସମ୍ପ୍ରସାରଣ କରାଯାଉ। ଏଠାରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍, ଫାଓ ଫୁଟ୍‌ବଲ ଲିଗ୍ ଏବଂ ରଣଜୀ ଟ୍ରଫି ହୁଏ। ଏହାକୁ ଭଙ୍ଗାଯାଇ ଉନ୍ନତୀକରଣ କରାଗଲେ ଖେଳଗୁଡ଼ିକ ବିଶେଷ ପ୍ରଭାବିତ ହେବ। ନବୀକରଣ ସମୟ ତଥା ବ୍ୟୟସାପେକ୍ଷ ହୋଇଥିବାରୁ ଏହାର ସମ୍ପ୍ରସାରଣ କରା ନ ଯାଇ ନୂତନ ଷ୍ଟାଡିୟମର ପରିକଳ୍ପନା କରାଯାଉ। ଯାହାଫଳରେ ଗୋଟିଏ ଷ୍ଟାଡିୟମ ଉପରେ ନିର୍ଭର ହେବନାହିଁ। ସତ୍ୟବ୍ରତ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ କରାଗଲେ ଅଧିକ ଆକର୍ଷଣୀୟ ହୋଇପାରନ୍ତା। କ୍ରୀଡ଼ା ପ୍ରାଧିକରଣ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**- ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୀତର ସକାଳେ ଆସୁଥିଲା ଯେବେ କୁହୁଡ଼ି ଘୋଟି
ଧଳା ପରଦାଟି ପକାଇ ଅଦୂର ପୁନାଗ ବନେ।
କନକ ଅଧରେ ହସି ଦେଇ ରବି ଉଠଇ ଉଇଁ
ନୂଆବୋହୂ ସମ ଲୁଚିଯାଏ କାହିଁ କୁହୁଡ଼ି ଘୋଟି!
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାରୀ: ସଂଘର୍ଷରୁ ସଫଳତା...

ଆଜି ଅନ୍ତର୍ଜାତୀୟ ମହିଳା ଦିବସ

ସମୟ ସହିତ ବଦଳିଛି ନାରୀର ପରିଭାଷା। ନାରୀ ଆଜି ଅବଳା ଦୁର୍ବଳା ନୁହେଁ, ବରଂ ସେ ସର୍ବଶକ୍ତିମାନ୍, ସ୍ୱୟଂସିଦ୍ଧା। ରୋଷେଇ ଘରଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ନାରୀମାନେ ନିଜକୁ ପ୍ରମାଣିତ କରି ଦେଖାଇଛନ୍ତି। ତେବେ ଜୀବନର ପ୍ରତିଟି ପାହାଚକୁ ସଫଳତାର ସହ ଅତିକ୍ରାନ୍ତ କରିବା ନାରୀ ପକ୍ଷେ ସହଜ କଥା ନୁହେଁ। ଅନେକ ସମୟରେ ବହୁ ଝଡ଼ଝଞ୍ଜା ସାମ୍ନା କରିବାକୁ ପଡ଼ିଥାଏ। ଜୀବନରେ ଅନେକ ଘଟଣା, ଦୁର୍ଘଟଣା ତାଙ୍କର ଜୀବନ କାହାଣୀକୁ ପରିପୁଷ୍ଟ କରିଥାଏ। କେତେବେଳେ ନାରୀ ଅନ୍ୟ ପାଇଁ ଯୋଦ୍ଧା ପାଲଟିଯାଏ ତ ଆଉ କେତେବେଳେ ସଂଘର୍ଷରୁ ସଫଳତାର ଶିଢ଼ିରେ ଚଢ଼ି ପ୍ରେରଣା ସାଜେ। 'ଅନ୍ତର୍ଜାତୀୟ ମହିଳା ଦିବସ' ଅବସରରେ ପ୍ରତିକୂଳ ପରିସ୍ଥିତିକୁ ଖାତିର ନ କରି ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା କେତେଜଣ ମହିଳାଙ୍କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।

## ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି ସୁଭଦ୍ରା




ଶାରୀରିକ ଗଠନ ସଫଳତାର ମାପକାଠି ନୁହେଁ। ଦୃଢ଼ ମନୋବଳ ଆଉ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ସୁଭଦ୍ରା ଦାଶ। ଶାରୀରିକ ଭାବେ ସୁସ୍ଥ ବ୍ୟକ୍ତିମାନେ ଅନ୍ୟ ଉପରେ ନିର୍ଭର କରୁଥିବାବେଳେ, ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ସୁଭଦ୍ରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ଦୁଇଜଣ ଦିବ୍ୟାଙ୍ଗଙ୍କୁ ବଞ୍ଚିବାର ରାହା ଦେଖାଇ ପାରିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ହାତରେ ସବୁ କାମ କରିବା ସହ ସ୍କୁଟି ଚଳାଇବାରେ ମଧ୍ୟ ସେ ପାରଙ୍ଗମ। ଏଥିସହ ଚଳିତ ବର୍ଷ ଓଡ଼ିଶା ଷ୍ଟେଟ୍ ପାରା ଆଥ୍ଲେଟିକ୍ସ ଚାମ୍ପିୟନ୍ସିପ୍‌ରେ ଶଟ୍‌ପୁଟ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଭଳି ଖେଳରେ ରାଜ୍ୟସ୍ତରରେ ଚୟନ ହୋଇଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ କଠିନ ପରିଶ୍ରମ ଓ ଦୃଢ଼ ମନୋବଳ ଦ୍ୱାରା ସଫଳତା ପାଇ ସେ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ଜଗତ୍‌ସିଂହପୁର ଜିଲା ନନ୍ଦନ ଗ୍ରାମର ସନାତନ ଦାଶ ଏବଂ ଶାନ୍ତିଲତା ଦାଶଙ୍କ ବଡ଼ ଝିଅ ହେଉଛନ୍ତି ସୁଭଦ୍ରା। ଜନ୍ମବେଳୁ ଝିଅର ବାମହାତ ନ ଥିବାବେଳେ ଡାହାଣ ହାତ ବଙ୍କା ଥିଲା। ଦିନମଜୁରିଆ ଭାବେ କାମ କରୁଥିବା ସନାତନଙ୍କ ପାଇଁ ସ୍ତ୍ରୀ ଓ ୩ ଛୁଆଙ୍କୁ ଚଳାଇବା କଷ୍ଟକର ହେଉଥିବାବେଳେ ଝିଅ ଭିନ୍ନକ୍ଷମ ହେବା ତାଙ୍କୁ ଅଧିକ ଚିନ୍ତାରେ ପକାଇଥିଲା। ଦଶମ ଶ୍ରେଣୀ ପରେ ଅଧିକ ପାଠ ପଢ଼ିବାକୁ ସୁଭଦ୍ରାଙ୍କର ଇଚ୍ଛା ଥିଲା। କିନ୍ତୁ ପରିବାରର ଆର୍ଥିକ ଦୁରବସ୍ଥା ଏଥିରେ ବାଧକ ସାଜିଥିଲା। ଆର୍ଥିକ ଦୁରବସ୍ଥା ସାଙ୍ଗକୁ ସାହିପଡ଼ିଶା, ବନ୍ଧୁବାନ୍ଧବଙ୍କ ଟାହିଟାପରାରେ ଅସ୍ତବ୍ୟସ୍ତ ହୋଇ ଶେଷରେ ୨୦୧୭ରେ ସେ ଗାଁ ଛାଡ଼ି ଭୁବନେଶ୍ୱର ଚାଲିଆସିଥିଲେ। ଏଠାକୁ ଆସି ପୋଖରୀପୁଟରେ ଏକ ଭଡ଼ାଘର ନେଇ ରହିବା ସହ ମଧୁସୂଦନ ପାର୍କ ନିକଟରେ ଏକ ସ୍ନାକ୍ସ ଦୋକାନ ଖୋଲିଥିଲେ। ସେହି ରୋଜଗାର ଅର୍ଥରୁ ଏବେ ସେ ଯୁକ୍ତ୩ ପାଠପଢ଼ା ସମ୍ପୂର୍ଣ୍ଣ କରିଛନ୍ତି। ସୁଭଦ୍ରଙ୍କ ଏହି ଦୃଢ଼ ମନୋବଳ ଦେଖିବା ପରେ ଆଉ ଦୁଇଜଣ ଦିବ୍ୟାଙ୍ଗ ଉତ୍ସାହିତ ହୋଇ ତାଙ୍କ ସହିତ ଯୋଡ଼ି ହେଲେ। ଏବେ ସୁଭଦ୍ରା ସେହି ଦୋକାନ ସମେତ ଏକ ଅଟାକଳ ଚଳାଉଛନ୍ତି। ଏହା ସହିତ ପେପର ପ୍ଲେଟ୍ ମଧ୍ୟ ତିଆରି କରୁଛନ୍ତି। ଏଥିରେ ସେ ଚଳିବା ସହ ପରିବାରକୁ ଟଙ୍କା ପଠାଉଛନ୍ତି। ସେହିପରି ୨ଜଣ ସହଯୋଗୀଙ୍କୁ ମଧ୍ୟ ସ୍ୱାବଲମ୍ବୀ କରିପାରିଛନ୍ତି। ଏନେଇ ସୁଭଦ୍ରା କୁହନ୍ତି, ଜଣେ ଦିବ୍ୟାଙ୍ଗ ହୋଇ ଜନ୍ମହେବା ଆଉ ତାହା ପୁଣି ଝିଅଟିଏ ହେବା ସମାଜ ଆଖିରେ ସବୁବେଳେ କଣ୍ଟା ପରି। ଦିବ୍ୟାଙ୍ଗଙ୍କୁ କେହି ବାହା ହେବେନାହିଁ, ସେ ପରିବାର ଉପରେ ବୋଝ ଏଭଳି ଅନେକ କଥା ମୋତେ ଏବଂ ମୋ ମା' ବାପାଙ୍କୁ ଶୁଣିବାକୁ ପଡ଼ିଥିଲା। ତେଣୁ ବାଧହୋଇ ନିଜେ କିଛି କରିବି ବୋଲି ଭାବି ଘର ଛାଡ଼ିଥିଲି। ଏବେ ନିଜକୁ ପ୍ରମାଣିତ କରିପାରିଛି, ତେବେ ଜୀବନ ଯାତ୍ରାରେ ଆହୁରି ଆଗକୁ ବଢ଼ିବାର ଅଛି ବୋଲି ସୁଭଦ୍ରା କହିଛନ୍ତି।

-ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

## ସ୍ୱାତୀଙ୍କୁ ସ୍ୱାବଲମ୍ବୀ କରିଛି ଦୃଢ଼ ମନୋବଳ

ଆଜିର ସମୟରେ ମେକ୍‌ଅପ୍‌ର ଚାହିଦା ଦିନକୁ ଦିନ ବଢ଼ିଚାଲିଛି। ମେକ୍‌ଅପ୍ କ୍ଷେତ୍ରରେ ଅନେକ ମହିଳା ସଫଳ ଉଦ୍ୟୋଗୀ ମଧ ହୋଇପାରିଛନ୍ତି। ମାତ୍ର ଏକ ପ୍ରତିକୂଳ ପରିସ୍ଥିତିରୁ ଆସି ମେକ୍‌ଅପ୍ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସ୍ୱାତୀ ବିଶ୍ୱାଳ ହେଉଛନ୍ତି ଅନ୍ୟତମ। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଚ୍ୟୁତପୁର ଅଞ୍ଚଳର ପ୍ରଶାନ୍ତ କୁମାର ବିଶ୍ୱାଳ ଏବଂ ସୁମିତ୍ରା ଦାସଙ୍କ କନ୍ୟା ସ୍ୱାତୀ ଦଶମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ସ୍ୱାତୀ ସେହି ସମୟରେ ବିଜ୍ଞାନରେ ସମର କୋର୍ସ କରୁଥିଲେ। ପରେ ସେ କମର୍ସରେ ପୁନଃ ଅଧ୍ୟୟନ ଆରମ୍ଭ କଲେ। ଘରେ ରହି ବି.କମ୍. ପଢ଼ା ସାରିଥିଲେ। ଏହାପରେ ସେ ଭୁବନେଶ୍ୱର ଆସି ତାଙ୍କ ପିଉସୀଙ୍କ ଘରେ ରହି ଏମ୍.କମ୍. ସହ ବ୍ୟାଙ୍କିଙ୍ଗ୍ କଲେ। ତେବେ ଘରର ଏଭଳି ଦୁଃସ୍ଥିତିରେ ନିଜର ଯୋଗଦାନ ଦେବାକୁ ସେ ପାଠପଢ଼ା ସହ ପାର୍ଟ ଟାଇମ୍ ମେକଅପ୍ କରିବା ଆରମ୍ଭ କଲେ। ଧୀରେ ଧୀରେ ସେ ଏହି ଦିଗ ପ୍ରତି ଆକର୍ଷିତ ହେଲେ। ମେକଅପ୍‌ରେ ଡିପ୍ଲୋମା ଇନ୍ କସ୍‌ମେଟିକ୍ କୋର୍ସ କରିବା ସହ ଏବେ ଏହାକୁ ନିଜ କ୍ୟାରିୟର୍ ଭାବେ ବାଛିଛନ୍ତି ସ୍ୱାତୀ। ଦିନକୁ ୬୦୦ଟଙ୍କା ପାରିଶ୍ରମିକରେ ଆରମ୍ଭ କରିଥିବା ତାଙ୍କ ଯାତ୍ରା ଆଜି ୬୦ ହଜାର ଟଙ୍କାରେ ପହଞ୍ଚିଛି।



ଭୁବନେଶ୍ୱରରେ ରହି ନିଜେ ଏହି କ୍ଷେତ୍ରରେ କାମ କରିବା ସହ ଘରେ ଏକ ପାର୍ଲର ଖୋଲିଛନ୍ତି। ଯେଉଁଠି ଗାଁରେ ଅଧାରୁ ପାଠ ଛାଡ଼ିଥିବା ଝିଅଙ୍କୁ ଶିକ୍ଷା ଦେଇ ସେମାନଙ୍କୁ ମଧ ରୋଜଗାରକ୍ଷମ କରାଇପାରିଛନ୍ତି। ସେହିପରି ଅନେକଙ୍କୁ ରାଜଧାନୀକୁ ଆଣି ପ୍ରଫେସନାଲ ମେକଅପ୍ ଆର୍ଟିଷ୍ଟଙ୍କ ସହ ପରିଚିତ କରାଇ କାମ ଦେଇଛନ୍ତି। ସ୍ୱାତୀଙ୍କୁ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି। ଏନେଇ ସ୍ୱାତୀ କହିଛନ୍ତି, ମେକଅପ୍‌କୁ ନେଇ ଏବେ ଲୋକଙ୍କ ଧାରଣା ବଦଳିଲାଣି। ସେତେବେଳେ ପାର୍ଲର ୱାଲି କହିବା ସହ କେତେକଥା ଗାଁରେ ଶୁଣିବାକୁ ମିଳିଛି। ଯେବେ ସେସବୁ ଶୁଣୁଥିଲି, ଭାରି କଷ୍ଟ ହେଉଥିଲା। ଏକାକୀ ବସି କାନ୍ଦେ। ମାତ୍ର ଘରଲୋକ ଆଗକୁ ବଢ଼ିବା ପାଇଁ ସାହସ ଓ ସମର୍ଥନ ଦେଇଛନ୍ତି। ମା, ବାପା ଓ ପିଉସୀ ବହୁତ ସପୋର୍ଟ ଦେଇଛନ୍ତି। ମନରେ ଦମ୍ଭ ରଖି ଆଗକୁ ବଢ଼ିଲି। ଫ୍ୟାଶନ ଶୋ, ବ୍ରାଇଡାଲ ମେକଅପ୍ ସହ ଫେସ୍‌ରେ ଅନେକ ଆର୍ଟ ମେକଅପ୍ କରେ। ପ୍ରତି ଝିଅଙ୍କୁ ସଜେଇ ହେବାକୁ ଭଲଲାଗେ। ତେଣୁ କିଏ ଅର୍ଥାଭାବ ଯୋଗୁ ପଇସା ନ ଦେଇପାରିଲେ ମଧ ମୁଁ ମେକଅପ୍ କରିଦିଏ। ଆଉ ସେମାନଙ୍କ ଖୁସି ହିଁ ମୋ ଓଠରେ ହସ ଭରିଦିଏ। ଆଗକୁ ଭୁବନେଶ୍ୱରରେ ନିଜର ଷ୍ଟୋର କରିବା ସହ ମହିଳାଙ୍କୁ ରୋଜଗାର କ୍ଷେତ୍ରରେ ସୁଯୋଗ ଦେବାକୁ ସ୍ୱାତୀ ଲକ୍ଷ୍ୟ ରଖିଛନ୍ତି।

- ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

## ଆଉଟ୍‌ଲୁକ୍‌ର ସଫଳତମ ମହିଳା ତାଲିକାରେ ଆଦ୍ୟାଶା ସତପଥୀ







### Champion of Change

Leading a movement towards a stronger and more vibrant media landscape

**Adyasha Satpathy**
*CEO, Dharitri Odia daily and Orissa POST English daily*

Business woman, mother, wife, coffee addict and nature lover, Adyasha Satpathy wears many hats. She, glides through all her roles comfortably. As the head of a media house, she hails from the family of emancipated women. She is the daughter in law of Late Nandini Sathpathy, first lady CM of Odisha.

The Oriya daily, Dharitri, was started by the Samajwadi Society on November 24, 1974 from Bhubaneswar, the capital city of Orissa. During 1986, Dharitri started web offset printing to increase press production and reach out to a larger reader base. The real growth story of Dharitri started during late eighties and early nineties with increased distribution. It became the only newspaper in the state to cater to both urban and rural, young and upwardly mobile readers and also to the cream population of Orissa. Dharitri catapulted to a whooping rise, both quantitatively and qualitatively, emerging as the No.1 newspaper not only in the capital city of Bhubaneswar but also in a majority of the districts and towns of the state., Today, Dharitri's circulation is the largest in Cuttack. Adyasha's husband, Tathagata Satpathy helms the responsibility of the Editor-in-Chief of the newspaper.

The couple is sensitive to environmental issues, underprovided strata of the society and lack of education. Inspired by their mother, late Nandini Satpathy whose progressive work with specific purpose to help the downtrodden proceed towards prosperity and land-ceiling reforms, are legendry, Adyasha and Tathagata strongly advocate for those values. They have used their publication to address various societal problems and raise awareness among the people, focusing on the youth who represent the future of the country.

From the banner of Dharitri, Adyasha conducts various events and conferences to bring together people of excellence on a common platform. Several correspondents and journalists from different media houses were felicitated for their exemplary works in the field of investigative journalism, at the glorious event of the golden anniversary celebration of Odisha's leading daily. Addressing journalists at the special function, Tathagata Satpathy, a seasoned editor, spoke of the downside of dependence on secondary sources in journalism, which is creating a vacuum in the domain of ground reporting, resulting in misinterpretations and lack of depth in news reports.

Dhariti, being the most popular Odia daily, the publication follows strict adherence to immaculate Odia vocabulary, resulting in a strong reader base for the newspaper across Odisha. Hrushikesh Mallick, president of Odisha Sahitya Akademi endorsed that journalism at Dharitri continues to maintain the philosophy with which it was created and, therefore, has been able to uphold its critical editorial policy.

Climate issues being foremost on her mind, Adyasha is an advocate of environment conservation. She started the 'Dharitri Climate Fund', which will be given to young climate warriors at the grassroots for helping them in their endeavours in addressing climate change.

An initiative towards awareness drive is the creation of 'Dharitri Youth Conclave'. Tathagata feels that such conclaves bring together people, youth in particular, under one platform and provide them an opportunity to talk, discuss and thus, be aware and educate.

"In today's busy life, reporters tend to miss out vital aspects of a news story in search of a bigger lead. Later, these smaller developments become an important news story," Adyasha, in the capacity of the leading lady of the organisation said, "The observational skills of a reporter must be concerned with every arc of the story."

**ଭୁବନେଶ୍ୱର,୭।୩**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଆଉଟଲୁକ୍ ପତ୍ରିକା ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଭାରତର ୩୬ଜଣ ସଫଳତମ ମହିଳାଙ୍କ ମଧ୍ୟରେ ଓଡ଼ିଶାରୁ ଆଦ୍ୟାଶା ସତପଥୀଙ୍କୁ ସ୍ଥାନିତ କରାଯାଇଛି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଆଦ୍ୟାଶା ଉଭୟ ଖବରକାଗଜକୁ ନିଜର ଦୂରଦୃଷ୍ଟି ଦ୍ୱାରା ଦିଗ୍‌ଦର୍ଶନଦେଇ ଆସୁଛନ୍ତି। ବିଶେଷକରି ପରିବେଶ ଓ ପ୍ରକୃତି ସଂକ୍ରାନ୍ତୀୟ ବିପର୍ଯ୍ୟୟରେ ସୁଧାର ଆଣିବା ପାଇଁ ଧରିତ୍ରୀ ତରଫରୁ ଅନୁଷ୍ଠିତ ବିଭିନ୍ନ ଜାତୀୟ ଯୁବ ସମ୍ମିଳନୀ ହେଉଛି ତାଙ୍କ ଅଭିନବ ପ୍ରୟାସର ସଫଳ ଦୃଷ୍ଟାନ୍ତ। ଜଳବାୟୁ ପରିବର୍ତ୍ତନ ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କୁ ଚିହ୍ନଟ କରି ପୁରସ୍କୃତ କରିବା ପାଇଁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରତିଷ୍ଠା ହେଉଛି ତାଙ୍କର ଏକ ଯୁଗୋପଯୋଗୀ ପରିକଳ୍ପନା, ଯାହା ଯୁବବର୍ଗଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ପାଇଁ ଅସୀମ ଉଦ୍ଦୀପନା ଭରି ଦେଇଛି।

ଉଲ୍ଲେଖଯୋଗ୍ୟ, ଆଉଟଲୁକ୍‌ର ଏହି ସଂଖ୍ୟାରେ ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଫିଲ୍ମ ନିର୍ମାତା ଗୁନିତ ମୋଙ୍ଗା କପୁର୍, ଅଭିନେତ୍ରୀ ନୟନତାରା, ପାଇଲଟ୍ ପୁନ୍ୟା ନଞ୍ଜାପ୍ପା, ଆମେରିକା କଂଗ୍ରେସର ପୂର୍ବତନ ସଦସ୍ୟ ତୁଲ୍‌ସୀ ଗବାର୍ଡ, ଭାରତ-ଆମେରିକାର ଅର୍ଥନୀତିଜ୍ଞ ଗୀତା ଗୋପିନାଥ୍, କଣ୍ଠଶିଳ୍ପୀ ଅନନ୍ୟା ବିର୍ଲା ଭଳି ବ୍ୟକ୍ତିତ୍ୱ ସ୍ଥାନ ପାଇଛନ୍ତି।



## ସନ୍ଦେଶଖାଲି ମହିଳାଙ୍କୁ ନେଇ ରାଲି କଲେ ମମତା

**କୋଲକାତା,୭।୩**

ସନ୍ଦେଶଖାଲି ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃଣମୂଳ କଂଗ୍ରେସକୁ ସମାଲୋଚନା କରିବାର ଦିନକ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ମହିଳା ସମର୍ଥକମାନଙ୍କର ଏକ ରାଲି କରିଛନ୍ତି। ମମତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରାଲିରେ ସନ୍ଦେଶଖାଲିର କେତେଜଣ ମହିଳା ସାମିଲ ହୋଇଥିଲେ। ଏହି ରାଲିର ନାଁ ଥିଲା ମହିଳାଙ୍କ ଅଧିକାର ଆମ ପ୍ରତିଶ୍ରୁତି (ମହିଲାଦେର ଅଧିକାର, ଆମାଦେର ଅଙ୍ଗୀକାର)। ରାଲି ପୂର୍ବରୁ ମହିଳାମାନଙ୍କ ସହ ମମତା ପଦଯାତ୍ରାରେ ଯାଇଥିଲେ। ସୂଚନାଯୋଗ୍ୟ, ଟିଏମ୍‌ସିର ବାହୁବଳୀ ନେତା ଶାହାଜାହାନ ଶେଖ୍ ଓ ତାଙ୍କ ସମର୍ଥକମାନେ ଆଦିବାସୀ ମହିଳାମାନଙ୍କୁ ଯୌନ ନିର୍ଯାତନା ସହ ସେମାନଙ୍କ ସମ୍ପତ୍ତି ହଡ଼ପରେ ସମ୍ପୃକ୍ତ ଥିବା ଅଭିଯୋଗ ପରେ ସେଠାରେ ଉତ୍ତେଜନା ଲାଗିରହିଛି।

## ତ୍ରିପୁରା ସରକାରରେ ଯୋଗଦେଲା ଟିପ୍ରା ମୋଥା

**ଗୁଆହାଟୀ,୭।୩:** ତ୍ରିପୁରାର ଭାଜପା ନେତୃତ୍ୱାଧୀନ ସରକାରରେ ଗୁରୁବାର ଟିପ୍ରା ମୋଥା ସାମିଲ ହୋଇଛି। ଏହି ଦଳର ୨ ବିଧାୟକ ଅନିମେଶ ଦେବବର୍ମା ଏବଂ ବୃଷକେତୁ ଦେବବର୍ମାଙ୍କୁ ମନ୍ତ୍ରୀ କରାଯାଇଛି। ଅଗରତାଲାସ୍ଥିତ ରାଜଭବନରେ ରାଜ୍ୟପାଳ ଇନ୍ଦ୍ରସେନା ରେଡ୍ଡୀ ନାଲ୍ଲୁ ସେମାନଙ୍କୁ ଶପଥ ପାଠ କରାଇଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ମାନିକ ଶାହା ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# କଶ୍ମୀର ବିକାଶର ନୂଆ ଶିଖରରେ ପହଞ୍ଚିଛି



ଶ୍ରୀନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

### ୩୭୦ ଉଚ୍ଛେଦ ପରେ ମୋଦିଙ୍କ ପ୍ରଥମ ଗସ୍ତ
### ଲୋକଙ୍କୁ ବିଭ୍ରାନ୍ତ କରିଛନ୍ତି ବିରୋଧୀ

**ଶ୍ରୀନଗର,୭।୩(ପି.ଟି.)**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ବିକାଶର ନୂତନ ଉଚ୍ଚତାରେ ପହଞ୍ଚିଛି ଏବଂ ମୁକ୍ତିର ନିଃଶ୍ୱାସ ନେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ୨୦୧୯ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ମୋଦି ପ୍ରଥମ ଥର କଶ୍ମୀର ଗସ୍ତ କରିଛନ୍ତି। ଶ୍ରୀନଗରର ବାକ୍ସି ଷ୍ଟାଡିୟମ୍‌ରେ ଏକ ଜନସଭାକୁ ସମ୍ବୋଧିତ କରିବା ଅବସରରେ ସେ କହିଥିଲେ, ଦୀର୍ଘଦିନ ହେଲା କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ କେବଳ କଶ୍ମୀର ଜନସାଧାରଣଙ୍କୁ ନୁହେଁ, ସାରା ଦେଶକୁ ବିଭ୍ରାନ୍ତ କରିଆସୁଛନ୍ତି।

ଜମ୍ମୁ-କଶ୍ମୀରରେ କୃଷି ଅର୍ଥନୀତିର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ୫,୦୦୦ କୋଟି ଟଙ୍କାର ଏକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଗୁରୁବାର ଉତ୍ସର୍ଗୀକୃତ ହୋଇଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ଏହି କେନ୍ଦ୍ରଶାସିତ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବ। ବିକଶିତ ଭାରତ ପାଇଁ ବିକଶିତ ଜମ୍ମୁ-କଶ୍ମୀରକୁ ପ୍ରାଥମିକତା ଦିଆଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କଶ୍ମୀର ଭାରତର ମୁକୁଟ ହୋଇଥିବାବେଳେ ପର୍ଯ୍ୟଟନ ସମ୍ଭାବନା ଏବଂ କୃଷକ ସଶକ୍ତୀକରଣରୁ ଏହା ବିକଶିତ ହୋଇପାରିବ। 'ଚଲୋ ଇଣ୍ଡିଆ' କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟମାନେ ଅନ୍ୟୂନ ୫ ପରିବାର ସଦସ୍ୟଙ୍କୁ ଦେଶ ବୁଲିବାକୁ ପଠାଇବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ନିର୍ବାଚନ କମିଶନ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଘୋଷଣା କରିବା ନେଇ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଏନେଇ କିଛି କହିନାହାନ୍ତି। 'ସ୍ୱଦେଶ ଦର୍ଶନ' ଏବଂ 'ପ୍ରସାଦ' (ପିଲିଗ୍ରିମେଜ୍ ରିଜୁଭେନେଶନ ଆଣ୍ଡ ସ୍ପିରିଚୁଆଲ, ହେରିଟେଜ୍ ଅଗମେଣ୍ଟେଶନ ଡ୍ରାଇଭ) ଯୋଜନାରେ ପର୍ଯ୍ୟଟନ ସେକ୍ଟର ପାଇଁ ୧,୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବାବେଳେ ଶ୍ରୀନଗରର ହଜରତବାଲ୍ ମସ୍‌ଜିଦର ସମନ୍ୱିତ ବିକାଶ ପାଇଁ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହା ବ୍ୟତୀତ ମୋଦି 'ଦେଖୋ ଅପ୍‌ନା ଦେଶ ପିପୁଲ୍ସ ଚଏସ୍ ଟୁରିଷ୍ଟ ଡେଷ୍ଟିନେଶନ ପୋଲ୍' ଏବଂ 'ଚଲୋ ଇଣ୍ଡିଆ ଗ୍ଲୋବାଲ ଡାଏସପୋରା' ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜମ୍ମୁ-କଶ୍ମୀରରେ ପ୍ରାୟ ୧,୦୦୦ ନବନିଯୁକ୍ତ ସରକାରୀ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତିପତ୍ର ପଦାନ କରିଥିଲେ।

# ନିଯୁକ୍ତି ଅଧିକାର ପ୍ରତିଶ୍ରୁତି ଦେଲା କଂଗ୍ରେସ

**ଜୟପୁର,୭।୩(ପି.ଟି.)**

କଂଗ୍ରେସ କ୍ଷମତାକୁ ଆସିଲେ ଯୁବବର୍ଗଙ୍କୁ ନିଯୁକ୍ତି ଅଧିକାର ସମେତ ପେସାଦାରି ପ୍ରଶିକ୍ଷଣ ଯୋଗାଇ ଦିଆଯିବ। ରାଜସ୍ଥାନର ବଂଶୱରାଠାରେ ଏକ ରାଲିକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଖାଲିପଡ଼ିଥିବା ୩୦ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବା ସହ ସରକାରୀ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆଇନ ଅଣାଯିବ ବୋଲି ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରାହୁଲ କହିଛନ୍ତି। ସେହିପରି ଚାଷୀମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି, ସାମୟିକ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ଏବଂ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ୫,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯିବ ବୋଲି ରାହୁଲ କହିଛନ୍ତି। ଡିପ୍ଲୋମା ଏବଂ ଡିଗ୍ରୀଧାରୀ ଯୁବତୀଯୁବକମାନଙ୍କୁ ସରକାରୀ ଏବଂ ଘରୋଇ ସେକ୍ଟରରେ ଆପ୍ରେଣ୍ଟିସ୍‌ଶିପ୍ ଅଧିକାର ମିଳିବ। ସେମାନେ ଗୋଟିଏ ବର୍ଷ ଆପ୍ରେଣ୍ଟିସ୍‌ଶିପ୍ ସମୟରେ ଲକ୍ଷେ ଟଙ୍କା ପାଇବେ ବୋଲି କଂଗ୍ରେସ ନେତା କହିଛନ୍ତି। ୩୦ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିବାବେଳେ କେନ୍ଦ୍ର ସରକାର ସେଗୁଡ଼ିକୁ ପୂରଣ କରୁ ନ ଥିବା ରାହୁଲ ଅଭିଯୋଗ କରିଛନ୍ତି।

# ୮୨୦ କୋଟିର ୟୁକୋ ବ୍ୟାଙ୍କ ଦୁର୍ନୀତି

### ୨ ଇଞ୍ଜିନିୟରଙ୍କ ନାଁରେ ସିବିଆଇ ମାମଲା

**ନୂଆଦିଲ୍ଲୀ,୭।୩**

ୟୁକେ ବ୍ୟାଙ୍କରେ ୮୨୦ କୋଟି ଟଙ୍କାର ସନ୍ଦେହଜନକ କାରବାର ଅଭିଯୋଗରେ ସିବିଆଇ ୨ ଇଞ୍ଜିନିୟରଙ୍କ ବିରୋଧରେ ମାମଲା ରୁଜୁ କରିଛି। ୟୁକୋ ବ୍ୟାଙ୍କର ମୋବାଇଲ୍ ବ୍ୟାଙ୍କିଂ ଆପ୍ ପରିଚାଳନା କରୁଥିବା କମ୍ପାନୀ ଏଲ୍‌କୋଡ୍ ଟେକ୍‌ନୋଲୋଜିଜ୍ ପ୍ରା.ଲିଃରେ ୨ ଇଞ୍ଜିନିୟର ଅଭିଷେକ ଶ୍ରୀବାସ୍ତବ ଏବଂ ସୁପ୍ରିୟା ମଲିକ ନିଯୁକ୍ତ ଥିଲେ। ଜାଲିଆତି କରାଯାଇ ବିଭିନ୍ନ ରାଜ୍ୟର ୪୧,୦୦୦ ବ୍ୟାଙ୍କ ଆକାଉଣ୍ଟକୁ ୮୨୦ ଟଙ୍କା ପଠାଯାଇଥିଲା। ସିବିଆଇ ଗତ ନଭେମ୍ବରରେ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ରାଜସ୍ଥାନ ଓ ମହାରାଷ୍ଟ୍ରର ୭ଟି ସହରର ୬୭ ସ୍ଥାନରେ ତଦନ୍ତକାରୀ ସଂସ୍ଥା ଚଢ଼ାଉ କରିଛି। ତ୍ୱରିତ୍ ଇଣ୍ଟରବ୍ୟାଙ୍କ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫରରେ ଏଭଳି ଦୁର୍ନୀତି ହୋଇଛି। ଗତ ନଭେମ୍ବର ୧୦ରୁ ୧୩ ତାରିଖ ମଧ୍ୟରେ ତ୍ୱରିତ୍ ପେମେଣ୍ଟ ସିଷ୍ଟମ୍‌ରେ ୮,୫୩,୦୪୯ କୋଟି ଟଙ୍କା କାରବାର ହୋଇଥିଲା। ସେଥିରୁ ୮୨୦ କୋଟି ଟଙ୍କା ତ୍ରୁଟିପୂର୍ଣ୍ଣ ଭାବେ ୪୧,୦୦୦ରୁ ଊର୍ଦ୍ଧ୍ୱ ୟୁକୋ ବ୍ୟାଙ୍କ ଗ୍ରାହକଙ୍କ ଖାତାକୁ ଟ୍ରାନ୍ସଫର ହୋଇଯାଇଥିଲା। ଇମେଡିଏଟ୍ ପେମେଣ୍ଟ ସିଷ୍ଟମ୍‌ର ପୋର୍ଟ ନମ୍ବରକୁ ବଦଳାଯାଇ ଏଭଳି ଜାଲିଆତି କରାଯାଇଥିବା ଜଣାପଡ଼ିଛି।

# ବିଦେଶୀ ଜାହାଜରେ ଡ୍ରୋନ୍ ଆକ୍ରମଣ
# ୨୧ କ୍ରିଉ ସଦସ୍ୟଙ୍କୁ ଉଦ୍ଧାରକଲା ନୌସେନା

**ନୂଆଦିଲ୍ଲୀ, ୭।୩**

ଆଡେନ୍ ଉପସାଗରରେ ପୁଣି ଭାରତୀୟ ନୌସେନାର ପରାକ୍ରମ ଦେଖିବାକୁ ମିଳିଛି। ସାମୁଦ୍ରିକ ଲୁଟେରାଙ୍କ କବଳରୁ ଏକ ବିଦେଶୀ ଜାହାଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଭାରତୀୟ ନୌସେନା ସଫଳ ହୋଇଛି। ଆଡେନ୍ ଉପସାଗରରେ ଗୁରୁବାର ବାର୍ବାଡୋସ୍‌ର ଏକ ଜାହାଜ ଉପରକୁ ସାମୁଦ୍ରିକ ଲୁଟେରା ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଉକ୍ତ ଜାହାଜରେ ନିଆଁ ଲାଗିଯାଇଥିବା ବେଳେ ଏଥିରେ ଥିବା କିଛି କ୍ରିଉ ସଦସ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଆଡେନ୍ ଉପସାଗରରେ ସାମୁଦ୍ରିକ ସୁରକ୍ଷା ପାଇଁ ନିୟୋଜିତ ଥିବା ଆଇଏନ୍ଏସ୍ କୋଲକାତାକୁ ଏନେଇ ସୂଚନା ମିଳିବା ପରେ ଏହା ଘଟଣାସ୍ଥଳରେ ପହଞ୍ଚି ଜଣେ ଭାରତୀୟ ନାଗରିକଙ୍କ ସମେତ ଜାହାଜର ୨୧ ଜଣ କ୍ରିଉ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଉଦ୍ଧାର ହୋଇଥିବା କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବାବେଳେ, ଆଇଏନ୍ଏସ୍ କୋଲକାତାର ଚିକିତ୍ସା ଦଳ ଦ୍ୱାରା ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି।



କାଲ୍‌କାଟା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ଉପସ୍ଥିତ ଅଛନ୍ତି।

### ବେଙ୍ଗାଲୁରୁରେ ଜଳସଙ୍କଟ

# ଟାଙ୍କିଏ ପାଣିକୁ ୨,୦୦୦ ଟଙ୍କା

**ବେଙ୍ଗାଲୁରୁ,୭।୩**

କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ଉତ୍କଟ ଜଳସଙ୍କଟ ଦେଖାଦେଇଥିବାବେଳେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଭଳି ଜଳସଙ୍କଟ କେବେ ଦେଖାଦେଇ ନ ଥିଲା। ଏହାର ସୁଯୋଗ ନେଇ ମାଫିଆମାନେ ପାଣି ଟ୍ୟାଙ୍କର ଦାମ୍ ମନଇଚ୍ଛା ବଢ଼ାଇ ଦେଇଛନ୍ତି। ୧,୦୦୦ ଟଙ୍କାରେ ପୂର୍ବରୁ ମିଳୁଥିବା ଗୋଟିଏ ଟାଙ୍କି ପାଣି ଦାମ୍ ହଠାତ୍ ବଢ଼ି ୧,୫୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ କେତେକ ଅଞ୍ଚଳରେ ତାହା ସର୍ବାଧିକ ୨,୦୦୦ ଟଙ୍କାରେ ପହଞ୍ଚିଛି।

ବେଙ୍ଗାଲୁରୁରେ ଦୈନିକ ଜଳ ଆବଶ୍ୟକତା ୨,୬୦୦ରୁ ୨,୮୦୦ ଏମ୍ଏଲ୍‌ଡି (ଦିନକୁ ନିୟୁତ ଲିଟର) ହୋଇଥିବାବେଳେ ଏବେ ୧,୫୦୦ ଏମ୍ଏଲ୍‌ଡି କମ୍ ମିଳୁଛି। ସେପଟେ ଜଳାଭାବ ଦୂର କରିବା ପାଇଁ ସରକାର ବିକଳ୍ପ ସନ୍ଧାନରେ ରହିଛନ୍ତି। ଜଳ ପୁନଃଚକ୍ରଣ ଓ ଟ୍ରିଟ୍‌ମେଣ୍ଟ ପାଇଁ ଯୋଜନା ହେଉଛି। ଜଳସଙ୍କଟକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ସରକାର ଉପଯୁକ୍ତ ଜଳ ପରିଚାଳନା ପଦକ୍ଷେପ ନେବାରେ ବିଫଳ ହୋଇଥିବା ବିରୋଧୀ ଦଳ ଭାଜପା ଅଭିଯୋଗ କରିଛି। ସରକାର ସପ୍ତାହେ ମଧ୍ୟରେ ନିର୍ଣ୍ଣୟାତ୍ମକ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଅନ୍ୟପକ୍ଷରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ହେଲ୍ପଲାଇନ୍ ନମ୍ବର ଜାରି ହୋଇଥିବା ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। ଜଳାଭାବ ସ୍ଥିତିର ମୁକାବିଲା ପାଇଁ ସ୍ଥାନୀୟ ବିଧାୟକମାନଙ୍କ ନେତୃତ୍ୱରେ ଟାସ୍କଫୋର୍ସ ଗଠନ କରାଯାଇଛି। ମୋଟ ୨୩୬ ତାଲୁକ ମଧ୍ୟରୁ ୨୨୩ଟି ମରୁଡ଼ି ପ୍ରପୀଡ଼ିତ ହୋଇଥିବାବେଳେ ସେଥିରୁ ୨୧୯ଟି ତାଲୁକ ଉତ୍କଟ ଜଳାଭାବର ସମ୍ମୁଖୀନ ହୋଇଛନ୍ତି।

ବେଆଇନ ପାଣି ଟ୍ୟାଙ୍କର ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ହେବ ବୋଲି ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟ ଚେତାବନୀ ଦେବା ପରେ ବେଙ୍ଗାଲୁରୁ ଜିଲ୍ଲା ପ୍ରଶାସନ ଆଗାମୀ ୪ ମାସ ପାଇଁ ଘରୋଇ ଟ୍ୟାଙ୍କରଗୁଡ଼ିକ ନିମନ୍ତେ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ୫ କିଲୋମିଟର ମଧ୍ୟରେ ୬,୦୦୦ ଲିଟର ପାଣି ଟ୍ୟାଙ୍କର ୬୦୦ ଟଙ୍କାରେ ପାଣି ଯୋଗାଇବେ। ସେହିପରି ୮,୦୦୦ ଏବଂ ୧୨,୦୦୦ ଲିଟର ଟ୍ୟାଙ୍କର ଯଥାକ୍ରମେ ୭୦୦ ଏବଂ ୧,୦୦୦ ଟଙ୍କାରେ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୫ରୁ ୧୦ କିଲୋମିଟର ଦୂରତା ମଧ୍ୟରେ ୬,୦୦୦ ଲିଟର ପାଣିଟାଙ୍କି ୭୫୦ ଟଙ୍କାରେ ଏବଂ ୮,୦୦୦ ଓ ୧୨,୦୦୦ ଲିଟର ଟାଙ୍କି ଯଥାକ୍ରମେ ୮୫୦ ଓ ୧,୨୦୦ ଟଙ୍କାରେ ଉପଲବ୍ଧ ହେବ।



ବେଙ୍ଗାଲୁରୁର ଏକ ବସ୍ତି ଅଞ୍ଚଳରେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଛି।

# ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମିକଣ୍ଡକ୍ଟର ପ୍ରଯୁକ୍ତି ତାଲିମ ଦେବ କେନ୍ଦ୍ର

**ନୂଆଦିଲ୍ଲୀ,୭।୩**

କେନ୍ଦ୍ର ସରକାର ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ସହଯୋଗରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମିକଣ୍ଡକ୍ଟର ପ୍ରଯୁକ୍ତି ପ୍ରଶିକ୍ଷଣ ଯୋଗାଇଦେବେ ବୋଲି ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି। ଏହା ବ୍ୟତୀତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସହ ଭାଗିଦାରୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସାଟେଲାଇଟ୍ ଭିତ୍ତିକ ଟେକ୍‌ନୋଲୋଜି ବ୍ୟବହାର ପାଇଁ ଯୋଜନା କରିଛି। ଅପହଞ୍ଚ ଆଦିବାସୀ ଅଞ୍ଚଳରେ ମୋବାଇଲ୍ ଏବଂ ଇଣ୍ଟନେଟ୍ ସଂଯୋଗରେ ଉନ୍ନତି ପାଇଁ ପାଇଲଟ୍ ଭିତ୍ତିରେ ଏହାକୁ ବ୍ୟବହାର କରାଯିବ। ସରକାର ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍ଏମ୍) ଆରମ୍ଭ କରିଥିବାରୁ ଆଗାମୀ ବର୍ଷରେ ଏହି ଶିଳ୍ପରେ ବ୍ୟାପକ ନିଯୁକ୍ତି ସଯୋଗୁ ରହିଛି। ଡିଜିଟାଲ ଇଣ୍ଡିଆ କର୍ପୋରେଶନରେ ଆଇଏସ୍ଏମ୍ ଏକ ସ୍ୱତନ୍ତ୍ର ତଥା ସ୍ୱାଧୀନ ବ୍ୟବସାୟିକ ବିଭାଗ। ସେମିକଣ୍ଡକ୍ଟର ଉତ୍ପାଦନରେ ଭାରତକୁ ଏକ ବୈଶ୍ୱିକ କେନ୍ଦ୍ରରେ ପରିଣତ କରିବା ଏହାର ଲକ୍ଷ୍ୟ।

## ଫୁରସତ

# ମହିଳା ରିପୋର୍ଟରଙ୍କୁ ରୋବୋର ଅଶ୍ଳୀଳ ଆଚରଣ



**ରିୟାଧ:** ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ ଅସମ୍ଭବକୁ ସମ୍ଭବ କରାଯାଇପାରୁଛି। ଏହି କ୍ରମରେ ଏବେ ରୋବଟ୍‌ମାନେ ମଣିଷର ବିକଳ୍ପ ଭାବେ କେତେକ କ୍ଷେତ୍ରରେ କାର୍ଯ୍ୟ କରିପାରୁଛନ୍ତି। କିନ୍ତୁ ବହୁ ସମୟରେ ରୋବଟ୍‌ଗୁଡ଼ିକୁ ତିଆରି କରିବା ବେଳେ ମେଶିନ୍‌ରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ, ଯାହା ଦ୍ୱାରା ରୋବଟ୍ ଇଚ୍ଛା ବିପରୀତ କାମ କରିବାକୁ ଲାଗିଥାଏ। ସାଉଦି ଆରବରେ ପ୍ରସ୍ତୁତ ହୋଇଥିବା ପ୍ରଥମ ହ୍ୟୁମାନଏଡ୍ ରୋବଟ୍‌ର ମଧ୍ୟ ଏପରି କିଛି କାରନାମା ସାମ୍‌ନାକୁ ଆସିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ଜୋର ଧରିଛି।

ସାଉଦି ଆରବର ପ୍ରଥମ ହ୍ୟୁମାନଏଡ୍ ରୋବଟ୍ 'ମହମଦ'ର ଉଦ୍‌ଘାଟନ ସମୟରେ ରିପୋର୍ଟ ସଂଗ୍ରହ କରିବାକୁ ଅନେକ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ଼ ଲାଗି ରହିଥିଲା। ଏହି ଅବସରରେ ଏକ ସ୍ଥାନୀୟ ବୈଦ୍ୟୁତିକ ଗଣମାଧ୍ୟମର ରିପୋର୍ଟର ରାବ୍ୟା କସିମ୍ ଉକ୍ତ ରୋବଟ୍‌କୁ କିଛି ପ୍ରଶ୍ନ କରିଥିଲେ। ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ ରୋବଟ୍‌ଟି ଉକ୍ତ ମହିଳା ରିପୋର୍ଟରଙ୍କୁ ଅସ୍ୱାଭାବିକ ଭାବେ ସ୍ପର୍ଶ କରିଥିଲା। ଏହି ଦୃଶ୍ୟ ଲାଇଭ୍ କ୍ୟାମେରାରେ କଏଦ୍ ହୋଇଯାଇଥିଲା। ଭିଡିଓରେ ରୋବଟ୍ 'ମହମଦ'ର ହାତ ଚାଳନାରୁ ସେ ରାବ୍ୟାଙ୍କ ସହ ଅଶ୍ଳୀଳ ଆଚରଣ କରୁଥିବା ଦର୍ଶାଇ ସାମାଜିକ ଗଣମାଧ୍ୟମରେ ଅନେକ ୟୁଜର୍ସ ଏହି ରୋବଟ୍‌ର ନିର୍ମାଣକାରୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି।

# ଛୁଆ ହାତୀର ହୋଲି ଖେଳ ପ୍ରସ୍ତୁତି



**ନୂଆଦିଲ୍ଲୀ:** ଚଳିତ ବର୍ଷର ହୋଲି ପର୍ବକୁ ଆଉ ଅଳ୍ପ କିଛି ଦିନ ବାକି ଅଛି। ଏହାରି ମଧ୍ୟରେ ଗୋଟିଏ ଛୁଆ ହାତୀ ହୋଲି ଉତ୍ସବରେ ଭାଗନେବା ପାଇଁ ଏବେଠାରୁ ଏକ ସ୍ୱତନ୍ତ୍ର ଉପାୟ ବାହାର କରିଛି। ଏପରି ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।

ଗୋଟିଏ ହାତୀ ଛୁଆ ଏକ ଧୂଳି ସ୍ଥାନରେ ଖେଳୁଥିବାର ଭିଡିଓ ଆଇଏଫ୍ଏସ୍ ଅଧିକାରୀ ସୁଶାନ୍ତ ନନ୍ଦା ନିଜ ଏକ୍ସ' ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ଭିଡିଓରେ ହାତୀ ଛୁଆଟି ଶୁଣ୍ଢ ସାହାଯ୍ୟରେ କିଛି ବାଲି ଆଣି ନିଜ ଶରୀରରେ ପକାଇ ଖେଳିବାରେ ଲାଗିଛି। ଏହି ଭିଡିଓଟିକୁ ପୋଷ୍ଟ କରି କ୍ୟାପ୍‌ସନ୍‌ରେ ଆଇଏଫ୍ଏସ୍ ଅଧିକାରୀ ଜଣଙ୍କ ଲେଖିଛନ୍ତି, ବୋଧହୁଏ ଛୁଆ ହାତୀଟି ହୋଲି ଖେଳିବାକୁ ଏବେଠାରୁ ପ୍ରସ୍ତୁତ ହେଉଛି। ଭାଇରାଲ ହେଉଥିବା ଏହି ଭିଡିଓ ଅନେକ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି। ଏପରି ଖେଳି ଛୁଆ ହାତୀଟି ଆନନ୍ଦ ଅନୁଭବ କରୁଥିବା କେତେଜଣ ୟୁଜର୍ସ ମତ ଦେଇଛନ୍ତି। ତେବେ ଭିଡିଓରେ ହାତୀ ଛୁଆ ନିକଟରେ ବନ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିବାରୁ ଏହି ଛୁଆ ହାତୀଟିର ସୁରକ୍ଷାକୁ ନେଇ ଅନେକ ୟୁଜର୍ସ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ଫିଲ୍ମ ନିର୍ଦ୍ଦେଶନାକୁ ଫେରିଲେ ଅନୁପମ୍



**ମୁମ୍ବାଇ:** ବଲିଉଡ୍‌ର ବରିଷ୍ଠ ଅଭିନେତା ଅନୁପମ୍ ଖେର୍ ସୋସିଆଲ୍ ମିଡିଆରେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବିଭିନ୍ନ ସାମାଜିକ ଏବଂ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ଥିବା ପ୍ରସଙ୍ଗରେ ସେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ନିଜର ଶାଣିତ ମତ ରଖିଥାନ୍ତି। ତେବେ ଗୁରୁବାର ଏହି ଭେଟେରାନ୍ ଅଭିନେତା ଜଣକ ନିଜର ୭୦ ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ଏକ ବଡ ଘୋଷଣା କରିଛନ୍ତି। ନିକଟରେ ସେ ଏକ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଥିବା ଅନୁପମ କହିଛନ୍ତି। ସେ ନିଜ ମା'ଙ୍କ ଆଶୀର୍ବାଦ ଗ୍ରହଣ କରି ଏହି ଚଳଚ୍ଚିତ୍ରର ନାମ 'ତନ୍‌ଭି ଦି ଗ୍ରେଟ୍' ହୋଇଥିବା ସୂଚନା ଦେଇଛନ୍ତି। ଏନେଇ ଅନୁପମ୍ ଗୁରୁବାର ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସେ ଏହି ଚଳଚ୍ଚିତ୍ରର ସଫଳତା କାମନା କରି ତାଙ୍କ ମା'ଙ୍କ ଠାରୁ ଆଶୀର୍ବାଦ ନେଉଥିବାର ନଜର ଆସୁଛନ୍ତି। ଗତ ୩ ବର୍ଷ ଧରି ଏହି ଚଳଚ୍ଚିତ୍ରର କାହାଣୀ ଉପରେ ସେ କାର୍ଯ୍ୟ କରୁଥିବା ଅନୁପମ କହିଛନ୍ତି। ଶୁକ୍ରବାର ମହାଶିବରାତ୍ରିର ଶୁଭ ଅବସରରେ ଏହି ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହେବ ବୋଲି ସେ ନିଜ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। ତେବେ ଉକ୍ତ ଚଳଚ୍ଚିତ୍ରକୁ ଅନୁପମ୍ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଏଥିପାଇଁ ସେ ନିଜ ପ୍ରଶଂସକଙ୍କ ଠାରୁ ଆଶୀର୍ବାଦ ମଧ୍ୟ ଲୋଡ଼ିଛନ୍ତି। ଅନୁପମ୍ ପୂର୍ବରୁ ମଧ୍ୟ କିଛି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ବେଳେ, ଗତ କିଛି ବର୍ଷ ଧରି ସେ ଫିଲ୍ମ ନିର୍ଦ୍ଦେଶନାରୁ ଦୂରେଇ ରହିଥିଲେ। ୨୦୦୨ରେ ସେ ପ୍ରଥମ ଥର ପାଇଁ ଫିଲ୍ମ ନିର୍ଦ୍ଦେଶନା ଦେଇଥିଲେ।

# ଆଗ୍ରହରୁ ଅଗ୍ରଣୀ ବ୍ୟବସାୟୀ

**ବାଣିଜ୍ୟ ବିଭାଗର ଛାତ୍ର ହୋଇ ମଧ ବ୍ୟବସାୟ ପ୍ରତି ମନରେ ବେଶ୍ ଦୁର୍ବଳତା ଥିଲା। ଫଳରେ ଉଚ୍ଚଶିକ୍ଷା ଏବଂ ଦିଲ୍ଲୀରୁ ମ୍ୟାନେଜ୍‌ମେଣ୍ଟରେ ଉଚ୍ଚତର ଶିକ୍ଷା ଶେଷ ପରେ ସେ ରାଜ୍ୟରେ କର୍ମନିଯୁକ୍ତି ପାଇଥିଲେ। ହେଲେ ଆଗ୍ରହକ୍ରମେ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ। ଏପରିକି ଜଗତ୍‌ସିଂହପୁର ଜିଲାର ଏକ ଛୋଟିଆ ଗାଁ ଖଇରଙ୍ଗରୁ ଆସି ସ୍ମାର୍ଟ ସିଟି ଭୁବନେଶ୍ୱରରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବା ସହ ନିଜକୁ ସମାଜ ଆଗରେ ପରିଚିତ କରାଇପାରିଥିବା ବରିଷ୍ଠ ବ୍ୟବସାୟୀ ତଥା ଟରେଣ୍ଟ ଆଡ୍‌ଭର୍ଟାଇଜର୍ସର ମ୍ୟାନେଜିଂ ପାର୍ଟନର ନିରଞ୍ଜନ ଦାଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**



ନିରଞ୍ଜନ ଦାଶ




**ପ୍ର- ଓଡ଼ିଶା ବଜାରରେ ଆଉଟ୍‌ଡୋର ବିଜ୍ଞାପନର ଚାହିଦା କିଭଳି ରହିଛି?**

ଉ-ଆଉଟ୍‌ଡୋର ବିଜ୍ଞାପନର ଚାହିଦା ସର୍ବଦା ଭଲ ରହିଥାଏ। କାରଣ ଆଉଟ୍‌ଡୋର ବିଜ୍ଞାପନର ଅନେକ ବିଶେଷତ୍ୱ ଏବଂ ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି। ବର୍ତ୍ତମାନ ସମୟରେ ଉଭୟ ଆଉଟ୍‌ଡୋର ଏବଂ ଇନ୍‌ଡୋର ବିଜ୍ଞାପନର ସ୍ଥିତି ଭଲ ରହିଥିଲାବେଳେ ଗ୍ରାହକ ଗୁଣାତ୍ମକ ସେବା ଓ ଉନ୍ନତମାନର ଉପାଦାନ(ଉତ୍ପାଦ) ସାଙ୍ଗକୁ ସାଧୁତା ପ୍ରତି ମଧ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ବିଶେଷକରି ଆମେ ଗ୍ରାହକଙ୍କୁ ଉଚ୍ଚମାନର କାର୍ଯ୍ୟ ସହ ସ୍ୱତନ୍ତ୍ର (ୟୁନିକ୍) କାର୍ଯ୍ୟ ଦକ୍ଷତା ଆମର ଅଭିଜ୍ଞ ମାନବ ସମ୍ବଳ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ପ୍ରଦାନ କରିଥାଉ।

**ପ୍ର-ବଜାରରେ ବ୍ରାଣ୍ଡର ସ୍ୱତନ୍ତ୍ରତା କ'ଣ ରହିଛି?**

ଉ-ବଜାରରେ ତିଷ୍ଠି ରହିବା ପାଇଁ ହେଲେ ବ୍ରାଣ୍ଡର ସ୍ୱତନ୍ତ୍ରତାର ଆବଶ୍ୟକତା ରହିଛି। ବିଶେଷକରି ଆମେ ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତା ସାଙ୍ଗକୁ ଭିନ୍ନ ଚିନ୍ତାଧାରା ଓ ଗୁଣାତ୍ମକ ସେବା ଯୋଗାଇବା ସହ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଉ। ରାଜ୍ୟରେ ଉଭୟ ଘରୋଇ ଓ ଜାତୀୟ ବ୍ରାଣ୍ଡର ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଆମେ ବର୍ତ୍ତମାନ ସମୟରେ ବଜାରର ଶ୍ରେଷ୍ଠ ସଂସ୍ଥା ଭାବେ ପରିଗଣିତ ହେଉଛୁ।

**ପ୍ର-ଆଉଟ୍‌ଡୋର ଏବଂ ଇନ୍‌ଡୋର ବିଜ୍ଞାପନ ମଧ୍ୟରେ ପାର୍ଥକ୍ୟ କ'ଣ ରହିଥାଏ?**

ଉ-ଆଉଟ୍‌ଡୋର ଓ ଇନ୍‌ଡୋର ବିଜ୍ଞାପନ ମଧ୍ୟରେ ଅନେକ ପ୍ରକାର ପାର୍ଥକ୍ୟ ରହିଥାଏ। ଏପରିକି ଉଭୟ ପକ୍ଷରେ ଭିନ୍ନ ଭିନ୍ନ ବର୍ଗର ଗ୍ରାହକ ଥା'ନ୍ତି। କାରଣ ଶିଳ୍ପରେ ସବୁ ବର୍ଗର ଗ୍ରାହକ ଥିଲାବେଳେ ବିଜ୍ଞାପନ ପ୍ରଦାନକାରୀ ସଂସ୍ଥା ଓ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥାଏ। ସେଥିପାଇଁ ବିଜ୍ଞାପନ ପ୍ରଦାନକାରୀ ସଂସ୍ଥା ବଜାର ଚାହିଦା ଓ ଉତ୍ତମ ସେବା ପ୍ରଦାନକାରୀ ବିଜ୍ଞାପନଭିତ୍ତିକ ସଂସ୍ଥା (ଆଡଭର୍ଟାଇଜିଂ ଏଜେନ୍ସି) ସହ ପରାମର୍ଶ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଏ।

**ପ୍ର- ବ୍ରାଣ୍ଡର ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କିଛି ରହିଛି କି?**

ଉ- ବ୍ରାଣ୍ଡର ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା ରହିଥିଲେ ସୁଦ୍ଧା ଆନ୍ତଃ ରାଜ୍ୟ ମଧ୍ୟରେ ସେବାର ସମ୍ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ସାଙ୍ଗକୁ ନୂଆ ଟେକ୍ନୋଲୋଜି ଓ ଦକ୍ଷ ମାନବ ସମ୍ବଳକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରିକି ରାଜ୍ୟର ପ୍ରମୁଖ ସହର ଓ ଜିଲାଗୁଡ଼ିକରେ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର ୟୁନିଟ୍ କାର୍ଯ୍ୟ କରୁଛି।

**ପ୍ର-ଆଶାୟୀ ଯୁବୋଦ୍ୟୋଗୀଙ୍କ ସମ୍ପର୍କରେ କ'ଣ କହିବେ?**

ଉ- ଆଉଟ୍‌ଡୋର ବିଜ୍ଞାପନ ବ୍ୟବସାୟରେ ଯଥେଷ୍ଟ ଚାହିଦା ଥିଲାବେଳେ ସହନଶୀଳତା ଓ କଠିନ ପରିଶ୍ରମ ଏବଂ ସାଧୁତା ଅବଲମ୍ବନକୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ସେହିଭଳି ବିଜ୍ଞାପନଦାତାଙ୍କୁ ଗୁଣାତ୍ମକ ସେବା ସହ ବ୍ୟବସାୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଉଭୟ ବ୍ୟବସାୟ ଓ ବ୍ୟବହାରରେ ଶାଳୀନତା ସହ ଧୈର୍ଯ୍ୟ ରଖିବାକୁ ହେବ।

**ପ୍ର-ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥା'ନ୍ତି?**

ଉ - ବ୍ୟବସାୟରେ ସ୍ୱଚ୍ଛତା ଓ ସାଧୁତା ସହ ଗୁଣାତ୍ମକ ସେବା ଯୋଗାଇଦେବାକୁ ଆମେ ସର୍ବଦା ପ୍ରୟାସ କରିଥାଉ। ଏପରିକି ପ୍ରତିଶ୍ରୁତି (କମିଟ୍‌ମେଣ୍ଟ) ଅନୁଯାୟୀ କାର୍ଯ୍ୟ କରିବା ସହ ସହନଶୀଳତାକୁ ସମ୍ମୁଖରେ ରଖି ଗ୍ରାହକଙ୍କୁ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ଥାଉ।

**ପ୍ର -ପ୍ରତିଯୋଗିତାମୂଳକ ବ୍ୟବସାୟ ଓ ଶିଳ୍ପକୁ ଆପଣ କିଭଳି ଦେଖୁଛନ୍ତି?**

ଉ - ବ୍ୟବସାୟରେ ପ୍ରତିଯୋଗୀ ନ ରହିଲେ ବ୍ୟବସ୍ଥିତ ଭାବେ କାର୍ଯ୍ୟ କରିବାକୁ ଆଗ୍ରହ ଆସି ନ ଥାଏ। ପ୍ରତିଟି ଶିଳ୍ପରେ ପ୍ରତିଯୋଗିତା ରହିଥାଏ। ଏପରିକି ପ୍ରତିଯୋଗିତାରେ କାର୍ଯ୍ୟ କରିବାକୁ ମଧ ପସନ୍ଦ କରିଥାଉ। ଫଳରେ ଗ୍ରାହକ ମଧ ଆଶାଠାରୁ ଅଧିକ ପାଇଥାଏ।




# ଗୋଟିଏ ଦିନରେ ଲୋକଙ୍କ ସମସ୍ୟା ସମାଧାନ

**■ ସମ୍ବଲପୁର, ଦେବଗଡ଼ ଲୋକଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କଲେ ୫-ଟି ଅଧ୍ୟକ୍ଷ**

**■ ୧୮.୪୫ କୋଟିର ୬୦୨ ପ୍ରକଳ୍ପ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୭।୩(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବଲପୁର ଓ ଦେବଗଡ଼ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସମ୍ବଲପୁର ଜିଲାର ନାକଟିଦେଉଳଠାରେ ଥିବା ମିନି ଷ୍ଟାଡିୟମ ଓ ଜମନକିରାର ଧନୁଯାତ୍ରା ପଡ଼ିଆ ଏବଂ ଦେବଗଡ଼ ଜିଲାର ତିଳେଇବଣି ହାଇସ୍କୁଲ ପଡ଼ିଆ ଓ ବାରକୋଟର ବାହାଡ଼ାପୋଷି ପଡ଼ିଆଠାରେ ଉପସ୍ଥିତ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ଲୋକମାନଙ୍କର ଅଭିଯୋଗ ଶୁଣାଣି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲା ପାଇଁ ୩୧୦ ପ୍ରକଳ୍ପ ବାବଦରେ ୧୦.୨୭ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଦେବଗଡ଼ ଜିଲା ପାଇଁ ୨୯୨ ପ୍ରକଳ୍ପ ବାବଦରେ ୮.୧୮ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହାର ମଞ୍ଜୁର ଆଦେଶ ଆବେଦନ କର୍ତ୍ତାମାନଙ୍କର ମୋବାଇଲ ଫୋନରେ ପଠାଯାଇଥିଲା ବୋଲି ପାଣ୍ଡିଆନ କହିଛନ୍ତି। ୨୦୨୩ ଜୁଲାଇରେ ସମ୍ବଲପୁର ଓ ଦେବଗଡ଼ ଜିଲା ଗସ୍ତ ସମୟରେ ଲୋକଙ୍କଠାରୁ ମିଳିଥିବା ଦରଖାସ୍ତ ଅନୁଯାୟୀ ୬୩୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନିକଟରେ ୫୮ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷାରେ ଜଣ ପିଛା ଭତ୍ତା ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ମମତା ଯୋଜନାରେ ସହାୟତା ରାଶି ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ମହିଳା ଓ ଶିଶୁମାନଙ୍କର ପୁଷ୍ଟିର ବିକାଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସହାୟକ ହେବ। ସେହିପରି ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଯାଏ ଋଣ ଦିଆଯାଉଛି ବୋଲି ପାଣ୍ଡିଆନ କହିଛନ୍ତି।

# ୨୫ବର୍ଷ ବିତିଲା: ଦାଦନ ଯାଇ ଫେରିଲେନି ୩ ଜଣ

**ଖଇରା, ୭।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ହରିପୁର ଗ୍ରାମର ସପନ ଖୁଣ୍ଟିଆଙ୍କ ପୁଅ ଗଣେଶ ଖୁଣ୍ଟିଆ(୫୯), ସୁରେନ୍ଦ୍ର ଖୁଣ୍ଟିଆଙ୍କ ପୁଅ ଆନନ୍ଦ ଖୁଣ୍ଟିଆ(୫୧) ଓ ବିନେଦ ଖୁଣ୍ଟିଆ(୪୮) ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଆଉ ଫେରିନାହାନ୍ତି। ସେମାନଙ୍କ ପରିବାର ଲୋକେ ଫେରିବା ବାଟକୁ ଅପେକ୍ଷା କରି ରହିଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ବିଷୟରେ କିଛି ସୂଚନା ମିଳୁ ନ ଥିବାରୁ ଜମିବାଡି ଭାଗବଣ୍ଟା ହୋଇପାରୁନାହିଁ କି ପରିବାର ଲୋକଙ୍କୁ ସରକାରୀ ସହାୟତା ମଧ ମିଳିପାରୁନାହିଁ। ନିଜର ଅଭାବ ଅନଟନ ସମ୍ପର୍କରେ ଏହି ନିଖୋଜ ବ୍ୟକ୍ତିଙ୍କ ସ୍ତ୍ରୀମାନେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରାଙ୍କୁ ଅବଗତ କରାଇବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି।



GOVT. OF ODISHA No.MM-500

## OFFICE OF THE DIVISIONAL FOREST OFFICER ANGUL DIVISION, ANGUL

**e-Procurement Notice, ANGUL FOREST DIVISION**

**Bid Identification No.12 of 2023-24**

**e-mail Id:dfoangul@gmail.com**

1. Number of Works: 01 (One) number of works
2. Approximate estimated cost: 1.3713 Crore
3. Period of Completion: 03 (Three) Years.
4. Date & Time of availability of bid document in the portal: Dt.07.03.2024 at 10.00 A.M.
5. Last date/time for receipt of bid in the portal:Dt.17.03.2024 upto 5.00 PM
6. Date of Opening Bid : Dt.18.03.2024 at 11.00 A.M.
7. Name and address of the Office Inviting Bid: Divisional Forest Officer, Angul Division, Angul.
8. The bidders have to participate in **ONLINE** bidding only.

Further details can be seen from the e-Procurement portal **https:tendersodisha.gov.in.**

**Sd./-**
**Divisional Forest Officer**
**Angul Division, Angul**

**OIPR-08027/11/0027/2324**

## ZILLA SWASTHYA SAMITI, SUBARNAPUR OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR

**District Programme Management Unit, NHM**

**E-mail: nhm.subarnapur@gmail.com**

No.572/DPMU/NHM/2024 Date: 06.03.2024

**Request for Proposal (RFP) for Outsourcing of different services under NIRMAL**

No.E-925:- Sealed proposals as per the prescribed RFP document are invited from interested eligible bidders for providing (i) Security Service, (ii) Mechanized laundry Services in different health institutions of Subarnapur district. The eligibility criteria, the detailed requirement and formats for submission of proposals are set forth in the following RFP document which can be downloaded from the district website: www.subarnapur.nic.in.

RFP-1: Outsourcing of Security Services

RFP-2: Outsourcing of Mechanized Laundry Services

Interested bidders fulfilling the eligibility criteria may submit their proposal along with all required documents by Speed Post / Registered Post/ Courier only on or before 27.03.2024 till 5 P.M. The technical proposal shall be opened on 28.03.2024 at 11 A.M. The undersigned reserves the right to reject any or all the proposals without assigning any reason thereof.

**Sd./- CDM & PHO cum DMD, Subarnapur**

OIPR-10118/11/0013/2324

## SAMBALPUR MUNICIPAL CORPORATION SAMBALPUR

Email Id: sambalpurm.hud@nic.in

**'e' Procurement Notice**

**Bid Reference No. 44/SMC_SBP/2023-24**

**Bid Identification No.: 2024_ORULB_102166**

No. C-3244:- The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. https://tendersodisha.gov.in

1. Number of Civil works: **1 (one) number**
2. Estimated Costs: **81.48 lakhs**
3. Period of Completion: **As per NIT**
4. Date and time of availability of the bid documents in the portal: From **11.00 AM of Dt.05.03.2024 to 05.00 PM of 14.03.2024**
5. Last Date/Time for receipt of bids in the portal: **05.00 PM of 14.03.2024.**
6. Bids will be opened on: **11.00 AM of Dt.15.03.2024**
7. Name and address of the officer inviting bid: **Municipal Commissioner,Sambalpur Municipal Corporation, Sambalpur**

**Sd./- Commissioner,**
**Sambalpur Municipal Corporation**

OIPR-13122/11/0082/2324

## OFFICE OF THE MUNICIPAL COUNCIL, SUNDARGARH

**No.1464/ Date 04.03.2024**

**QUOTATION CALL NOTICE**

**No.C-3245:**Sealed quotations are invited from the Travel Agencies/ Private Individuals for hiring of vehicles on monthly hire basis for office of the Municipal Council, Sundargarh. The detail quotation documents will be available in the District website of Sundargarh i.e. www.sundargarh.nic.in from Dt.04.03.24 to dt.11.03.24. The quotation document must be submitted to the Office of the Municipal Council, Sundargarh Municipality, Sundargarh through Regd. Post/ Speed Post only. The bidders should subscribe "Quotation for hiring of vehicle for Office of the Municipal Council, Sundargarh on the top of the envelope.

Last date of receipt of Quotation 11.03.2024 upto 3.00 PM

Date of Opening of Quotation 12.03.2024 at 4.00 PM.

The authority reserves the right to accept or reject any quotation without assigning any reason thereof.

**Sd./- Executive Officer**
**Sundargarh Municipality**

**OIPR-13130/11/0032/2324**

## ZILLA SWASTHYA SAMITI, KANDHAMAL

**Office of the CDM&PHO-cum-District Mission Director, NHM, Kandhamal, Odisha, 762001**

**Advt.No.3189/FW/2024** **Dt.04.03.2024**

**TENDER CALL NOTICE**

**No.E-920:** Sealed tenders are invited from the interested eligible bidders for hiring of vehicles under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD & document as per tender call notice. The bidders have to submit their proposal(s) at the O/o: CDM & PHO, Kandhamal, DHH, Phulbani. Proposal(s) complete in all respect should reach the undersigned on or before 5.00 PM of 11.03.2024 through Regd/Speed Post/ Courier and the same will be opened on 12.03.2024 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical &**
**Public Health Officer, Kandhamal**

**OIPR-10015/11/0027/2324**

**Government of Odisha** **No.MM-502:**

## "e" Procurement Notice

## OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL

**Bid Identification No.03-DFO/DKL of 2023-24**

1. Name of the Work : Design, Supply, Installation and Commissioning of AI Based System for Reduction of Human-Elephant Conflict, Wildlife Protection and Wildlife Monitoring in various Forest Ranges of the Dhenkanal Forest Division. Divisional Forest Officer, Dhenkanal Division, Dhenkanal.
2. Estimate Cost : Rs.68.56 (Approximate)
3. Period of Completion : 3 (Three) Months
4. Date & Time of availability of the Bid documents in the Portal : 10.00 AM of 07.03.2024 to 5.00 PM of 17.03.2024
5. Last date/time of receipt of the bid in Portal : 17.03.2024 upto 5.00 PM
6. Date of Opening : 18.03.2024 at 11.00 AM
7. Name and Address of the Officer : Office of the Divisional Forest Officer, Dhenkanal Division, Dhenkanal
8. The Bidders have to participate in ONLINE bidding only.

Further details can be seen from the e-Procurement Potal "https://tendersorissa.gov.in.

**Sd./- Divisional Forest Officer**
**Dhenkanal Division, Dhenkanal**

**OIPR-08037/11/0022/2324**

## ODISHA PUBLIC SERVICE COMMISSION

**ADVERTISEMENT No.33 of 2023-24**

**Recruitment to the posts of Asst. Executive Engineer (Civil) in Group- 'A' of Odisha Panchayati Raj Engineering Service Cadre under the Panchayati Raj & Drinking Water Department.**

**WEBSITE -http://opsc.gov.in**

**No.D-250:**Online applications are invited from the prospective candidates through proforma application form to be made available on the Website of the Commission (http://opsc.gov.in) for recruitment to 63 (21-W) posts of Assistant Executive Engineer (Civil) under Panchayati Raj & Drinking Water Department in Group-A of Odisha Panchayati Raj Engineering Service carrying the scale of pay in Level-12 of pay matrix provided under Rule-3 of ORSP Rules-2017 corresponding to pre-revised scale of Pay Band-3 (Rs.15,600-Rs.39,100/-) carrying Grade Pay of Rs. 5,400/- with usual dearness allowance and other allowances as may be sanctioned by the Government of Odisha from time to time.

**2.VACANCY POSITION:** As per requisition filed by the Panchayati Raj & Drinking Water Department of Government of Odisha, the vacancy positions are given below:

| Sl.No. | Category | No. of Vacancies |
|---|---|---|
| 1 | UR | 33 (11-W) |
| 2 | SEBC | 06 (02-W) |
| 3 | SC | 11(04-W) |
| 4 | ST | 13 (04-W) |
| Total | | **63 (21-W)** |

Out of the 63 (21-W) vacancies mentioned above, **03** posts are reserved for **Persons with Disabilities** (whose permanent disability is 40% or more) and **01** post is reserved for **Sports Persons** and they shall be adjusted in the vacancies from the category to which they belong.

**3. AGE:** A candidate must have attained the age of 21 (twenty one) years and must not be above the age of 38 (thirty eight) years as on **01.01.2024** i.e. he or she must have been born not earlier than 02.01.1986 and not later than 01.01.2003.

**4. EDUCATIONAL QUALIFICATION:** A candidate must have possessed a Degree in Engineering (Civil) from any University or he/she must be an Associated Member of the Institution of Engineers of India in Civil.

**5. METHOD OF SELECTION:** The Competitive examination for recruitment to the posts of Assistant Executive Engineer (Civil) shall comprise of the following successive stages:

**(A) Preliminary Examination (Objective type MCQ pattern)**

**(B) Main Examination (Objective type MCQ pattern)**

**(C) Viva-Voce Test.**

**The link for online application and submission shall be available in the website from 12.03.2024 to 12.04.2024 (Note: 12.04.2024 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**Sd./- Secretary**
**ODISHA PUBLIC SERVICE COMMISSION, CUTTACK**

**CUTTACK**
**DT.06.03.2024**

**OIPR-12002/11/0173/2324**

## SAMBALPUR MUNICIPAL CORPORATION SAMBALPUR

Email Id: sambalpurm.hud@nic.in

**'e' Procurement Notice**

**Bid Reference No. 41/SMC_SBP/2023-24**

**Tender ID No.: 2024_ORULB_101941**

No. C-3241:- The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. https://tendersodisha.gov.in

1. Number of Civil works: **82 (Eighty Two) numbers**
2. Estimated Costs: **2.93 lakhs to 45.16 lakhs**
3. Period of Completion: **As per NIT**
4. Date and time of availability of the bid documents in the portal: From **11.00 AM of Dt.04.03.2024 to 05.00 PM of 13.03.2024**
5. Last Date/Time for receipt of bids in the portal: **05.00 PM of 13.03.2024.**
6. Bids will be opened on: **11.00 AM of Dt.14.03.2024**
7. Name and address of the officer inviting bid: **Municipal Commissioner,Sambalpur Municipal Corporation, Sambalpur**

**Sd./- Commissioner,**
**Sambalpur Municipal Corporation**

OIPR-13122/11/0080/2324

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL

**No.794** **Dt.4.3.24**

**1st Corrigendum to Bid Identification No. Road Online-AGL-50/2023-24**

**No.O-2742:** Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice, Bid Identification No. Road Online-AGL-50/2023-24 by the Procurement officer Chief Construction Engineer, Rural Works Circle, Angul.

| Availability of Tender online for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 26.02.2024 at 10.00 A.M. | 16.03.2024 upto 4.30 PM | 16.03.2024 At 5.00 PM |

**All other terms and conditions remain unchanged.**

**Sd./- Chief Construction Engineer**
**Rural Works Circle, Angul**

**OIPR-25180/11/0086/2324**

## ODISHA COMPUTER APPLICATION CENTRE

ocac

**EXPRESSION OF INTEREST**

**Enq.No.:-OCAC-IF & ITP-515/24/24036**

Odisha Computer Application Centre (OCAC) invites Expression of Interest (EOI) for Purchase of Office Premises Building for Development of IT Tower in Bhubaneswar.

The EOI document is available at our websites www.ocac.in & www.odisha.gov.in which duly filled in and should be submitted latest by **22.03.2024 by 1:00 P.M**. OCAC reserves the right to accept/ reject any / all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

**No. U-** **OIPR-16003/11/0147/2324**

No. A-1669

## GOVT. OF ODISHA OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR

**'e' PROCUREMENT NOTICE No. CEMKS 24 OF 2023-24**

1. Name of the work : **Protection to scoured bank on Nuna Karandia right embankment from village Bahakandia to Dhiasahi.**
2. Amount put to Tender : Rs. 9,26,27,985/-
3. Bid Document Cost : Rs. 10,000.00 (Online)
4. E.M.D. : Rs. 9,26,300/-
5. Class of Contractor : "A" Class & Special Class
6. Period of Completion : 11 Calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS MND 02 of 2023-24 | 11.03.2024 17.00 hrs. | 27.03.2024 17.30 hrs | 28.03.2024 11.00 hrs. |

8. e-mail id : celmbbbsr@yahoo.co.in

Further detail conditions can be seen from the Govt. website **www.tendersodisha.gov.in**

**Sd./- Chief Engineer & Basin Manager,**
**Mahanadi Kathajodi System, Bhubaneswar.**

OIPR-32252/11/0032/2324

## ଓଡ଼ିଶା ସରକାର

# ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁର କ୍ଷେତ୍ର, ଗଞ୍ଜାମ

**ଇ-ମେଲ: mo.ganjam1@gmail.com**

**ସଂଖ୍ୟା: ୨୮୩** **ତା୦୬।୦୩।୨୦୨୪**

## ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି

No. G-51: ମାଇନ୍ସ ଏବଂ ମିନେରାଲ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୧୨ ସଂଖ୍ୟକ ଲଘୁଖଣିଜ ଉପର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ କରାଯାଇପାରିବ।

ଆଗ୍ରହୀ ବିଡ଼ରମାନେ ଉପରୋକ୍ତ ୱେବସାଇଟରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡ଼ରମାନେ ଲଗଇନ୍ ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପାଇବେ। ମଡ଼େଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ।

ଇଚ୍ଛୁକ ବିଡ଼ରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ଫର୍ମ – Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡ଼ରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡ଼ର ମାନୁଆଲ'କୁ ଅନୁସରଣ କରିବା ଉଚିତ୍। ଇ-ଟେଣ୍ଡର ଦାଖଲ ପାଇଁ ବିଡ଼ରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟ୍‌ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।

**ସମୟ ସାରଣୀ:**

ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି।

ଟେଣ୍ଡର ଆବେଦନର ଶେଷ ତାରିଖ: ୨୮।୦୩।୨୦୨୪।

ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୦୫।୦୪।୨୦୨୪।

ନିଲାମ ତାରିଖ: ୧୫।୦୪।୨୦୨୪ରୁ ୨୦।୦୪।୨୦୨୪।

**କ୍ୱାରିଗୁଡ଼ିକର ତାଲିକା:**

| କ୍ର.ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ସୋର୍ସର ନମ୍ବର | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | MAC Per M³ (in Rs.) | MGQ Per year |
|---|---|---|---|---|---|---|---|---|---|---|---|---|---|
| | | | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ (ହେକ୍ଟର) | | |
| ୧ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ତେନ୍ତୁଆପଡ଼ା-ବି ବାଲିଘାଟ | ୧୧୦୯୭୦୧୦୦୧ | ବାଲି | ତେନ୍ତୁଆପଡ଼ା | ୩୨୪ | ୨୦୮୪ | ନଦୀ | ୫.୯୮୨ | ୧୦୦ | ୧୦୦୦୦ |
| ୨ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ଜକର-୨ ପଥର ଖଣି | ୨୧୧୦୬୧୪୦୮ | ପଥର | ଜକର | ୯୫୫ | ୭୩୫ ଏବଂ ୭୩୪ | ପର୍ବତ | ୧.୧୬୮ | ୧୨୦ | ୩୦୦୦ |
| ୩ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ଫାସିଗୁଡ଼ା ବାଲିଘାଟ | ୨୧୧୦୧୧୪୦୯ | ନଦୀ | ଫାସିଗୁଡ଼ା | ୫୮୪ | ୪୭୧୫ | ନଦୀ | ୫.୧୯୭ | ୧୦୦ | ୧୦୦୦୦ |
| ୪ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ଗଡ଼ ଗୋବିନ୍ଦପୁର ପଥର ଖଣି | ୧୧୦୯୭୦୬୦୧୨ | ପଥର | ଗଡ଼ ଗୋବିନ୍ଦପୁର | ୧୦୧୧ | ୫୫୮ | ପର୍ବତ-୧ | ୨.୫୬୭ | ୧୨୦ | ୬୦୦୦ |
| ୫ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ବକ୍ରଗୁମା ବାଲିଘାଟ | ୧୧୦୯୭୦୧୦୨୫ | ନଦୀ | ବକ୍ରଗୁମା | ୨୪୫ | ୬୯୪ ଏବଂ ୬୯୫ | ନଦୀ | ୪.୫୫୪ | ୧୦୦ | ୧୦୦୦୦ |
| ୬ | ବ୍ରହ୍ମପୁର | ଗଞ୍ଜାମ | କନିସି | ପାଲୁର ହିଲ୍ ପଥର ଖଣି | ୧୧୧୦୩୦୬୦୦୩ | ପଥର | ପାଲୁର ହିଲ୍ | ୪୨ | ୮୮ | ପର୍ବତ-୧ | ୨.୨୨୬ | ୩୦୦ | ୨୦୦୦ |
| ୭ | ବ୍ରହ୍ମପୁର | ଗଞ୍ଜାମ | କନିସି | ନାରାୟଣପୁର ପଥର ଖଣି | ୧୧୧୦୩୦୬୦୦୮ | ପଥର | ନାରାୟଣପୁର | ୪୨୪ | ୧୫୪ (ପି) (୧) | ପର୍ବତ-୧ | ୪.୨୨୧ | ୩୦୦ | ୩୫୦୦ |
| ୮ | ବ୍ରହ୍ମପୁର | ଗଞ୍ଜାମ | କନିସି | ନାରାୟଣପୁର ପଥର ଖଣି | ୧୧୧୦୩୦୬୦୧୦ | ପଥର | ନାରାୟଣପୁର | ୪୨୪ | ୮୦୬ | ପର୍ବତ | ୧.୨୧୪ | ୩୦୦ | ୬୦୦୦ |
| ୯ | ବ୍ରହ୍ମପୁର | ଗଞ୍ଜାମ | କନିସି | ନାରାୟଣପୁର ପଥର ଖଣି | ୧୧୧୦୩୦୬୦୧୧ | ପଥର | ନାରାୟଣପୁର | ୪୨୪ | ୧୫୪ (ପି) (୨) | ପର୍ବତ-୧ | ୪.୮୫୬ | ୩୦୦ | ୨୦୦୦ |
| ୧୦ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧୦୩୦୬୦୧୨ | ପଥର | କଇଥପଲ୍ଲୀ | ୩୬ | ୯୮୯ ଏବଂ ୩୫୦ | ପର୍ବତ-୩ | ୨.୭୪୬ | ୩୦୦ | ୫୦୦୦ |
| ୧୧ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧୦୩୦୬୦୧୫ | ପଥର | କଇଥପଲ୍ଲୀ | ୩୬ | ୧୫ (ପି) (୨) | ପର୍ବତ-୧ | ୦.୮୦୯ | ୩୦୦ | ୨୦୦୦ |
| ୧୨ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧୦୩୦୬୦୧୬ | ପଥର | କଇଥପଲ୍ଲୀ | ୩୬ | ୧୩ | ପର୍ବତ-୧ | ୩.୬୩୪ | ୩୦୦ | ୨୦୦୦ |
| ୧୩ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧୦୩୦୬୦୧୭ | ପଥର | କଇଥପଲ୍ଲୀ | ୩୬ | ୧୩(୧) | ପର୍ବତ-୧ | ୪.୬୦୩ | ୩୦୦ | ୧୦୦୦୦ |
| ୧୪ | ବ୍ରହ୍ମପୁର | ଗଞ୍ଜାମ | କନିସି | ଝାଡ଼ନକୁଳି ପଥର ଖଣି | ୧୧୧୦୩୦୬୦୧୯ | ପଥର | ଝାଡ଼ନକୁଳି | ୬୬୭ | ୧୭୯୪ | ପର୍ବତ-୧ | ୪.୭୭୫ | ୩୦୦ | ୨୦୦୦୦ |
| ୧୫ | ବ୍ରହ୍ମପୁର | ଗଞ୍ଜାମ | କନିସି | ଝାଡ଼ନକୁଳି ପଥର ଖଣି | ୧୧୧୦୩୦୬୦୨୦ | ପଥର | ଝାଡ଼ନକୁଳି | ୬୬୭ | ୧୮୬୧ | ପର୍ବତ-୧ | ୦.୯୬୮ | ୩୦୦ | ୧୫୦୦ |
| ୧୬ | ବ୍ରହ୍ମପୁର | ଗଞ୍ଜାମ | କନିସି | ଝାଡ଼ନକୁଳି ପଥର ଖଣି | ୨୧୧୦୬୧୪୧୦ | ପଥର | ଝାଡ଼ନକୁଳି | ୬୬୭ | ୧୭୦୦ | ପର୍ବତ | ୧.୭୫୬ | ୩୦୦ | ୩୦୦୦ |
| ୧୭ | ବ୍ରହ୍ମପୁର | ଗଞ୍ଜାମ | ପୁରୁଷୋତ୍ତମପୁର | ଶାସନପଲ୍ଲୀ ପଥର ଖଣି-ବି | ୨୧୧୦୬୧୪୦୭ | ପଥର | ଶାସନପଲ୍ଲୀ | ୨୯୭ | ୧୦୪୩ | ପର୍ବତ | ୪.୦୪୭ | ୧୬୦ | ୨୭୦୦୦ |
| ୧୮ | ବ୍ରହ୍ମପୁର | ଗଞ୍ଜାମ | ପୁରୁଷୋତ୍ତମପୁର | ଶାସନପଲ୍ଲୀ ପଥର ଖଣି-ଏ | ୨୧୧୦୬୧୪୦୬ | ପଥର | ଶାସନପଲ୍ଲୀ | ୨୯୭ | ୧୦୪୩ | ପର୍ବତ | ୩.୨୩୭ | ୧୬୦ | ୨୭୦୦୦ |
| ୧୯ | ବ୍ରହ୍ମପୁର | ଗଞ୍ଜାମ | ପୁରୁଷୋତ୍ତମପୁର | ଗାଙ୍ଗନାପୁର-ବି ପଥର ଖଣି | ୨୧୧୦୬୧୪୧୧ | ପଥର | ଗାଙ୍ଗନାପୁର | ୮୧୦ | ୨୧୫୯ ଏବଂ ୩୦୪୭ | ପର୍ବତ | ୧୧.୯୧୮ | ୧୬୦ | ୧୫୦୦୦ |
| ୨୦ | ବ୍ରହ୍ମପୁର | ଗଞ୍ଜାମ | ପତ୍ରପୁର | ଗୋଠଗାଁ ପଥର ଖଣି | ୧୧୧୦୭୦୬୦୦୭ | ପଥର | ଗୋଠଗାଁ | ୪୧୭ | ୨୩୪୬ | ପର୍ବତ | ୧.୧୬୩ | ୧୨୦ | ୧୫୦୦ |
| ୨୧ | ବ୍ରହ୍ମପୁର | ଗଞ୍ଜାମ | ପତ୍ରପୁର | ଖରନିପଡ଼ା ପଥର ଖଣି | ୧୧୧୦୭୦୬୦୦୮ | ପଥର | ଖରନିପଡ଼ା | ୭୭୭ | ୩୪୯୩ | ପର୍ବତ | ୦.୮୯୬ | ୧୨୦ | ୩୦୦୦ |
| ୨୨ | ବ୍ରହ୍ମପୁର | ଗଞ୍ଜାମ | ପୋଲସରା | କଣାଛାଇ ପଥର ଖଣି | ୧୧୧୦୮୦୬୦୦୨ | ପଥର | କଣାଛାଇ | ୯୦୩ | ୫୯୬୬ ଏବଂ ୪୮୪୨ | ପର୍ବତ | ୯.୧୬୯ | ୧୦୫ | ୧୨୦୦୦ |
| ୨୩ | ବ୍ରହ୍ମପୁର | ଗଞ୍ଜାମ | ପୋଲସରା | ବନମାଳି ପଲ୍ଲୀ ପଥର ଖଣି | ୨୧୧୦୬୧୩୧୪ | ପଥର | ବନମାଳି ପଲ୍ଲୀ | ୧୧୦ | ୧୯୭ | ପର୍ବତ | ୪.୯୩୯ | ୧୦୫ | ୬୫୦୦ |
| ୨୪ | ବ୍ରହ୍ମପୁର | ଗଞ୍ଜାମ | ସାନଖେମୁଣ୍ଡି | ଖୋଲାଡ଼ି ବାଲିଘାଟ | ୧୧୧୧୦୦୧୦୨୧ | ବାଲି | ଖୋଲାଡ଼ି | ୩୩୭ (ଏଏଏ) | ୯୧୦ | ନଦୀ | ୧୦.୫୧୩ | ୧୩୦ | ୮୦୦୦ |
| ୨୫ | ବ୍ରହ୍ମପୁର | ଗଞ୍ଜାମ | କବିସୂର୍ଯ୍ୟନଗର | ଆଠଗଡ଼ ପାଟଣା ମୋରୁମ | ୨୧୧୦୩୧୪୦୪ | ମୋରୁମ | ଆଠଗଡ଼ ପାଟଣା | ୧୯୦୯ | ୨୮୫୧ | ପର୍ବତ | ୨.୬୧୦ | ୩୦୦ | ୮୭୨୦ |
| ୨୬ | ବ୍ରହ୍ମପୁର | ଗଞ୍ଜାମ | କବିସୂର୍ଯ୍ୟନଗର | ଦେଓଗାଁ ପଥର ଖଣି-୨ | ୨୧୧୦୬୧୪୦୬ | ପଥର | ଦେଓଗାଁ | ୭୪୪ | ୮୨୮ ଏବଂ ୮୨୯ | ପାହାଡ଼ | ୪.୩୮୮ | ୨୦୦ | ୧୦୦୦୦ |

**OIPR-30043/11/0003/2324**

# କ୍ରୀଡ଼ା ଶିକ୍ଷୟିତ୍ରୀରୁ ସଫଳ ଏନ୍‌ସିସି ଅଧିକାରୀ


ରୀତାରାଣୀଙ୍କ ସହ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ।

## ରାୟଗଡ଼ା ଜିଲ୍ଲାର ୧୫୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଏନ୍‌ସିସି ତାଲିମ ଦେଇଛନ୍ତି ରିତାରାଣୀ

ରାୟଗଡ଼ା, ୭।୩ (ଭାଗ୍ୟଶ୍ରୀ ମିଶ୍ର)

ନାରୀମାନେ ଏବେ ସବୁ କ୍ଷେତ୍ରରେ ସଫଳ। ପ୍ରତ୍ୟେକ କାର୍ଯ୍ୟରେ ମହିଳାମାନେ ଆଗରେ। ନାରୀମାନେ ନିଜେ ଆଗକୁ ବଢ଼ିବା ସହ ଅନ୍ୟମାନଙ୍କୁ ମଧ୍ୟ ରାସ୍ତା ଦେଖାଇଥାଆନ୍ତି, ଯାହା ରାୟଗଡ଼ା ଜିଲା ଗୌତମନଗରରେ ରହୁଥିବା ରୀତାରାଣୀ ମିଶ୍ରଙ୍କୁ ଦେଖିଲେ ଭଲଭାବେ ବୁଝିହୁଏ। ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେୟମୁକ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଏବେ ସଫଳ ଏନ୍‌ସିସି ଅଧିକାରୀ ହୋଇ ଜିଲାର ୧୫୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଏନସିସି ତାଲିମ ଦେଇ ଅନ୍ୟମାନଙ୍କ ପାଇଁ ନାରୀ ସଶକ୍ତୀକରଣର ଏକ ଉଦାହରଣ ପାଲଟିଛନ୍ତି। ରୀତାରାଣୀ ଏବେ ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଏନ୍‌ସିସି ଅଧିକାରୀଭାବେ କାର୍ଯ୍ୟରତ ଅଛନ୍ତି।

ରୀତାରାଣୀଙ୍କ ଜନ୍ମ ବ୍ରହ୍ମପୁରରେ। ବାପାଙ୍କର ଟ୍ରାନ୍ସଫର ଯୋଗୁ ରୀତାରାଣୀଙ୍କୁ ରାୟଗଡ଼ା ଆସିବାକୁ ପଡ଼ିଥିଲା। ସେବେଠୁ ରୀତା ରାୟଗଡ଼ାରେ ରହି ଆସୁଛନ୍ତି। ପିଲାଟି ଦିନରୁ କ୍ରୀଡ଼ା ଏବଂ ଏନ୍‌ସିସି ପ୍ରତି ଆଗ୍ରହ ଥିଲା। ସ୍କୁଲ କଲେଜରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଲାଭ କରୁଥିଲେ। ହେଲେ



ଏନ୍‌ସିସି ପାଇଁ କୌଣସି ସୁବିଧା ସୁଯୋଗ ନ ଥିଲା। + ୨ ରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ପଢ଼ିବାବେଳେ ଏନ୍‌ସିସିରେ ଯିବା ପାଇଁ କୌଣସି ସୁଯୋଗ ନ ଥିଲା। ତେଣୁ ସେ ଅନ୍ୟ ସ୍କୁଲରେ ହେଉଥିବା ଅଭ୍ୟାସ ବାହାରୁ ଦେଖୁଥିଲେ। ରାୟଗଡ଼ା ମହିଳା ମହାବିଦ୍ୟାଳୟରେ + ୩ ପଢ଼ିବା ବେଳେ ଏନ୍‌ସିସିରେ ଯୋଗଦେବାର ସୁଯୋଗ ମିଳିଥିଲା। ସେ ନିଜେ ତାଲିମ ନେବା ସହ କଲେଜରେ ଏନ୍‌ସିସିର କେୟାରଟେକିଂ ଅଫିସରଭାବେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଝିଅମାନଙ୍କୁ ଦେୟମୁକ୍ତ ତାଲିମ ଦେଉଥିଲେ। ଦେୟମୁକ୍ତ ତାଲିମ ଦେବା ପରେ କଲେଜ କମିଟି ରୀତାରାଣୀଙ୍କ ଆଗ୍ରହ ଏବଂ ପିଲାଙ୍କ ପାଇଁ କ୍ରୀଡ଼ା ଶିକ୍ଷକଙ୍କ ଆବଶ୍ୟକତା ଦୃଷ୍ଟିରୁ ଉପରସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ତାଙ୍କୁ କଲେଜରେ ନିଯୁକ୍ତି ମିଳିଥିଲା। ସିଟି କେୟାର ଟେକିଂ ଅଫିସରଭାବେ ୧ ବର୍ଷ କାର୍ଯ୍ୟ କରିବା ପରେ ଏନ୍‌ସିସି ଟ୍ରେନିଂ ନେଇ ଲ୍ୟୁଟ୍‌ନାଣ୍ଟ ପୋଷ୍ଟ ପ୍ରାପ୍ତ କରିଥିଲେ। ପୋଲିସ, ଆର୍ମି ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରି ଯେପରି ନିଜକୁ ସୁରକ୍ଷିତ ରଖିବେ ସେହି ଲକ୍ଷ୍ୟ ନେଇ ଝିଅମାନଙ୍କୁ ତାଲିମ ଦେବା ଆରମ୍ଭ କରିଥିବା ରୀତାରାଣୀ କହିଛନ୍ତି। ରୀତାରାଣୀଙ୍କଠାରୁ ତାଲିମ ପାଇଥିବା ୬୦ରୁ ଊର୍ଦ୍ଧ୍ୱ ଝିଅ ଜାତୀୟସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେହିଭଳି ୨୦୦ରୁ ଊର୍ଦ୍ଧ୍ୱ ରାଜ୍ୟସ୍ତରୀୟ ଓ ୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି। ୨୦୨୪ ଜାନୁୟାରୀ ୨୬ରେ ଦିଲ୍ଲୀଠାରେ ଆୟୋଜିତ ପରେଡ୍‌ରେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ୨ଜଣ ସାମିଲ ହୋଇଥିଲେ। ସେମାନେ ରାଷ୍ଟ୍ରପତିଙ୍କୁ ପରେଡ ଅଭିବାଦନ ଜଣାଇବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏଥିପାଇଁ ରୀତାରାଣୀଙ୍କୁ ୨ଥର ରାଜ୍ୟପାଳ ପୁରସ୍କାର ମିଳିଛି। ଜାତୀୟସ୍ତରରେ ମହିଳା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ଭାରତର ବେଷ୍ଟ ଆଇରନ ଲେଡି ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଝିଅମାନେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ। ଏନ୍‌ସିସି ଦ୍ୱାରା ଝିଅମାନେ ଶୃଙ୍ଖଳିତ ଜୀବନ ବିତାଇବା ସହ ସୁସ୍ଥ ସମାଜ ଗଠନ କରିପାରିବେ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ରୀତାରାଣୀ କହିଛନ୍ତି।

## ଆଜି ଅନ୍ତର୍ଜାତୀୟ ମହିଳା ଦିବସ

## ଦୃଢ଼ ଇଚ୍ଛାଶକ୍ତି, ମନୋବଳ କରୁଛି ସ୍ୱାବଲମ୍ବୀ

### ୨ ସଫଳ ମହିଳାଙ୍କ କାହାଣୀ


ସାବିତ୍ରୀ


ଗୌରୀ

ଜୟପୁର,୭।୩(ପବନ ପାଣିଗ୍ରାହୀ)

ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସାବିତ୍ରୀ ଗାଦାବା। ଜଣେ ଏମ୍‌ବିକେ ଭାବେ ଜୟପୁର ବ୍ଲକ କଙ୍ଗା ପଞ୍ଚାୟତରେ କାର୍ଯ୍ୟ କରୁଥିବା ସାବିତ୍ରୀ ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ ମହିଳାଙ୍କୁ ସ୍ୱାବଲମ୍ବୀ ସହ ସ୍ୱାକ୍ଷର କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏମ୍‌ବିକେ ହେବା ପୂର୍ବରୁ ସାବିତ୍ରୀ ଅନେକ କାର୍ଯ୍ୟ କରିଛନ୍ତି ଯାହା ଯୁବତୀ ଓ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି। ସାବିତ୍ରୀ କୋରାପୁଟ ଜିଲା ଜୟପୁର ବ୍ଲକରେ ୨୦୧୨ରୁ ୨୦୧୭ ଯାଏ ବିଜେଡିର ଜିଲା ପରିଷଦ ସଦସ୍ୟ ଥିଲେ। ଲୋକଙ୍କ ସମସ୍ୟା ସମାଧାନ ପାଇଁ କୋରାପୁଟ ଜିଲା ପ୍ରଶାସନ ନିକଟରେ ସେ ଲୋକଙ୍କ ସ୍ୱର ପାଲଟିଥିଲେ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ଯୋଗଦେଇ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଜଣେ ଆଦିବାସୀ ଝିଅ ହୋଇ ଲୋକଙ୍କ ସେବାରେ ବ୍ରତୀ ହୋଇ ଆଉ ବାହା ହୋଇପାରିଲେନି ସାବିତ୍ରୀ। ମା’ ବାପାଙ୍କ ମୃତ୍ୟୁ ପରେ ଏବେ ଭାଇଙ୍କ ଘରେ ରହି ମହିଳାଙ୍କୁ ସେବା ଯୋଗାଉଛନ୍ତି ସେ। ଆଜିର ଅନ୍ତର୍ଜାତୀୟ ମହିଳା ଦିବସରେ ଜୀବନରେ ଘାତ ପ୍ରତିଘାତ ସହି କାର୍ଯ୍ୟ କରିବାକୁ ସେ ଯୁବତୀ ଓ ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି।

ସେହିପରି ଆଉ ଜଣେ ମହିଳା ହେଲେ ଜୟପୁର ସହର ପାଣିନଲା ସାହିର ଗୌରେଶ୍ୱରୀ ମିଶ୍ର। ସେ ଜଣେ ଗୃହିଣୀ ଥିଲେ। ହେଲେ ୨୦୦୮ରେ ଏପରି ଏକ ପରିସ୍ଥିତିର ସେ ସମ୍ମୁଖୀନ ହେଲେ ନିଜେ ନାଡ଼ି, ମୁଢ଼ୁକି, ମିକ୍ସଚରକରି ବିକ୍ରିକଲେ। କ୍ରମେ ଘରୋଇ ମହିଳାଙ୍କୁ ଏକଜୁଟକରି ସେ ନିଜ ବ୍ୟବସାୟରେ ସାମିଲ କଲେ। ତାଙ୍କ ପ୍ରେରଣାରେ ଏବେ ୨୨ଜଣ ମହିଳା ବ୍ୟବସାୟକରି ସଫଳତା ପାଇଛନ୍ତି। ନାଡ଼ି, ମୁଢ଼ୁକି, ମିକ୍ସଚର, ବାଦାମ ପକୋଡ଼ା, ଲଡୁ ପ୍ରସ୍ତୁତକରି ସେମାନେ ଅବିଭକ୍ତ କୋରାପୁଟ ଜିଲାରେ ବିକ୍ରିକରି ସ୍ୱାବଲମ୍ବୀ ହୋଇଛନ୍ତି।

# ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ ବିଜୁ ଏକ୍ସପ୍ରେସ୍ ୱେ ଗୁଡ଼ାରି ଦେଇ ଯିବାକୁ ଦାବି

ଗୁଡ଼ାରି, ୭।୩ (ପ୍ରମୋଦ କୁମାର ପତି)

ଦକ୍ଷିଣ ଓଡ଼ିଶାର ୨ ପ୍ରମୁଖ ସହର ବ୍ରହ୍ମପୁର ଓ ଜୟପୁର ମଧ୍ୟରେ ୭୦୦୦ କୋଟି ବ୍ୟୟରେ ହେବାକୁ ଥିବା ଗ୍ରୀନ୍‌ଫିଲ୍ଡ ବିଜୁ ଏକ୍ସପ୍ରେସ ୱେ-୨ କୁ ଗୁଡ଼ାରି ଦେଇ ଯିବାକୁ ଦାବି ଜୋର୍ ଧରିଛି । ରାୟଗଡ଼ା ଜିଲାର ଏକ ପ୍ରମୁଖ ଓ ପୁରାତନ ସହର ଗୁଡ଼ାରି। ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନର ୫୩ ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏହି ଅଞ୍ଚଳ ଅବହେଳିତ। ରାଜ୍ୟର ଏକ ଆଦିବାସୀ ବହୁଳ, ଉପାନ୍ତ ଓ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ । ଉକ୍ତ ଅର୍ଥନୈତିକ କରିଡ଼ର ଗୁଡ଼ାରି ସହର ଦେଇ ଗଲେ ନିଶ୍ଚିତ ଭାବେ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶରେ ସହାୟକ ହୋଇପାରିବ। ଗଜପତି ଜିଲାର ଅଡବା ନିକଟସ୍ଥ ଖାରିଗୁଡ଼ାରୁ ଗୁଡ଼ାରି ଦେଇ ରାମନାଗୁଡ଼ା କିମ୍ବା ତାଣ୍ଡିକଣା ଛକ ନିକଟରେ ସଂଯୋଗ କରାଗଲେ ବ୍ରହ୍ମପୁର ଓ ଜୟପୁର ମଧ୍ୟରେ ସିଧାସଳଖ ୨୦ କି.ମି. ଦୂରତା ହ୍ରାସ ପାଇବ । ୨ ସହର ମଧ୍ୟରେ ଦୂରତା ହ୍ରାସ ହେବା ସହ ଅବହେଳିତ ଗୁଡ଼ାରି ଓ ଚନ୍ଦ୍ରପୁର ବ୍ଲକ ଅଞ୍ଚଳର ଜୀବନରେଖା ଭାବେ ସାଧାରଣ ଲୋକଙ୍କ ଭାଗ୍ୟ ବଦଳେଇବାରେ ମଧ୍ୟ ଏହି ଏକ୍ସପ୍ରେସ ୱେ ସହାୟକ ହୋଇପାରିବ ବୋଲି କୁହାଯାଇଛି । ସୂଚନା ଥାଉକି, ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ରାୟଗଡ଼ା ଜିଲା ଗସ୍ତ ସମୟରେ ଉକ୍ତ ବିଷୟରେ ଲିଖିତ ଭାବେ ଗୁଡାରିର ଯୁବଗୋଷ୍ଠୀ ‘ୟୁଥ୍ ଫର୍ ଚେଞ୍ଜ’ ଦାବି ଉପସ୍ଥାପନ କରିଥିଲେ। ତେବେ ନୂତନ ଓଡ଼ିଶାର ନିର୍ମାତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ନିଶ୍ଚିତ ଭାବେ ଗୁଡ଼ାରି ଅଞ୍ଚଳବାସୀଙ୍କ ଦାବିକୁ ସ୍ୱୀକାରକରବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।

# ଗାୟତ୍ରୀ କଲେଜରେ ଜାତୀୟ ଫାର୍ମାସି ଶିକ୍ଷା ଦିବସ

ଗୁଣପୁର, ୭।୩(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ଜାତୀୟ ଫାର୍ମାସି ଶିକ୍ଷା ଦିବସ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ ଦାସ, ନିର୍ଦ୍ଦେଶକ ସଞ୍ଜୟ ସାହୁ, ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସେନାପତି, ଭାଇସ ପ୍ରିନ୍ସିପାଲ କାହ୍ନୁଚରଣ ପାଣିଗ୍ରାହୀ ଓ ରେଡ୍ଡି ଫାର୍ମାସ୍ୟୁଟିକାଲରୁ ଫାର୍ମା ବିଶେଷଜ୍ଞ ପି.ସୁଧୀର କୁମାର ପାତ୍ର ଏବଂ ଓଡ଼ିଶା ସରକାରଙ୍କ ଡ୍ରଗ୍ କଣ୍ଟ୍ରୋଲ ତଥା ଟେଷ୍ଟିଂ ଲାବରେଟୋରିର ବୈଜ୍ଞାନିକ ଆଶୁତୋଷ ମହାପାତ୍ର ଅତିଥି ରୂପେ ଯୋଗଦେଇଥିଲେ। ୧୯୩୭ରେ ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପ୍ରଥମ ଫାର୍ମାସି ପାଠ୍ୟକ୍ରମ ମହାଦେବ ଲାଲ ସ୍କରଫଙ୍କ ଦ୍ୱାରା ହୋଇଥିଲା । ତେଣୁ ୧୯୦୨ ମାର୍ଚ୍ଚ ୬ରେ ମହାଦେବ ଲାଲ ସ୍କରଫଙ୍କ ଜନ୍ମଦିନକୁ ମନେପକାଇ ପ୍ରତି ବର୍ଷ ମାର୍ଚ୍ଚ ୬କୁ ଜାତୀୟ ଫାର୍ମାସି ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି ବୋଲି ଅତିଥିମାନେ କହିଥିଲେ। ନୂତନ ଶିକ୍ଷାନୀତି ଦ୍ୱାରା ଫାର୍ମାସି ଶିକ୍ଷା ପରେ ଛାତ୍ରୀଛାତ୍ର କିପରି ଫାର୍ମା ଉଦ୍ୟୋଗ ସହ ସରକାରୀ ଗବେଷଣା କ୍ଷେତ୍ରରେ ନିଜକୁ ନିୟୋଜିତ କରିପାରିବେ ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ପି.ଭି.କୋଟେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ସମ୍ମାନିତ


ଜିଲାପାଳଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଗୁଣୁପୁର, ୭।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣୁପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ଗୁରୁବାର ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମଠାରେ ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ସମୟରେ ଶ୍ରୀକାକୁଲମ ଜିଲାପାଳ ଡ.ମଞ୍ଜିର ଜିଲାନି ସାମୁନ,ରେଜିଷ୍ଟ୍ରାର ଡ.ଏନଭି ଜଗନ୍ନାଥ ରାଓ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବି. ମିନାକ୍ଷୀ, ଜିଲା ରେଡ୍ କ୍ରସ୍ ସୋସାଇଟି ଅଧ୍ୟକ୍ଷ ପି. ଜଗନ୍ ମୋହନ ରାଓ, ଜିଲା ସଂଯୋଜକ ପି. ଚୈତନ୍ୟ କୁମାର ଉପସ୍ଥିତ ଥିଲେ। ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ରାୟଗଡ଼ା ଜିଲା ରାୟଗଡ଼ା ରକ୍ତ ଭଣ୍ଡାର, ଗୁଣୁପୁର ରକ୍ତଭଣ୍ଡାର, ଗଜପତି ଜିଲା ପାରଳାଖେମୁଣ୍ଡି ରକ୍ତ ଭଣ୍ଡାର, ଗଞ୍ଜାମ ଜିଲା ଏମକେସିଜି ମେଡ଼ିକାଲ କଲେଜ ରକ୍ତଭଣ୍ଡାର ଓ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ରେଡକ୍ରସ ରକ୍ତ ଭଣ୍ଡାରକୁ ଯୋଗାଇ ଆସୁଛି। ଏହାଦ୍ୱାରା ବହୁ ରକ୍ତହୀନତା ରୋଗୀ ଉପକୃତ ହେଉଛନ୍ତି । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବିଗତ ଦିନରେ ରାଜ୍ୟ ସରକାର ଓ ଜାତୀୟ ସେବା ଯୋଜନା ପକ୍ଷରୁ ମଧ୍ୟ ବିଶ୍ୱବିଦ୍ୟାଳୟକୁ ସମ୍ମାନିତ କରାଯାଇଛି। ବିଶ୍ୱ ବିଦ୍ୟାଳୟ ସଭପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦିଶ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମତବ୍ୟକ୍ତ କରିବା ସହ ଏହି ଭଳି ସେବା କାର୍ଯ୍ୟ ଜାରୀ ରଖିବା ପାଇ ଉଛାହିତ କରିଛନ୍ତି।

# ମାଇକଞ୍ଚ ପଞ୍ଚାୟତରେ ନୂତନ ଭତ୍ତାଧାରୀ ପାଇଲେ ହଜାରେ ଟଙ୍କା


ନୂତନ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଭତ୍ତା ଟଙ୍କା।

ଟିକିରି, ୭।୩ (ପ୍ରଫୁଲ୍ଲ କୁମାର ବେହେରା )

ରାୟଗଡା ଜିଲା କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତରେ ଗୁରୁବାର ନୂତନ ଭତ୍ତାଧାରୀଙ୍କୁ ହଜାରେ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ବିଧବା,ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ କାର୍ଡ ବଣ୍ଟନ କରାଯାଇଛି। ୫୦ଜଣ ହିତାଧିକାରୀ ନୂତନ କାର୍ଡ ସହିତ ହଜାରେ ଟଙ୍କା ପାଇଛନ୍ତି। କାର୍ଡ ବଣ୍ଟନ ସମୟରେ ସ୍ଥାନୀୟ ସରପଞ୍ଚ ମସ୍ତରାମ ମାଝୀ ଉପସ୍ଥିତ ଥିଲେ। ମାଇକଞ୍ଚ ପଞ୍ଚାୟତରେ ୧୨୮ଜଣ ହିତାଧିକାରୀ ଉପକୃତ ହେବେ ବୋଲି ସରପଞ୍ଚ କହିଛନ୍ତି। ସମିତିସଭ୍ୟ ହରିଶ୍ଚନ୍ଦ୍ର ଦଳପତି, ୱାର୍ଡ ସଭ୍ୟ ରମେଶ ନାଏକ, କୈଳାସ ଝୋଡ଼ିଆ, ରୁପା ମାଝୀ, ସାଦ ଝୋଡ଼ିଆ, କାହ୍ନୁ ଝୋଡ଼ିଆ ସହଯୋଗ କରିଥିଲେ।

# ଖୋଲିଲା ବନ୍ଦ ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସ

ବିଷମକଟକ, ୬୭।୩ (ବିଭୂତି ଭୂଷଣ ନାୟକ)

ବିଷମକଟକ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା ପରଠାରୁ ପ୍ରାୟ ୧୨ ବର୍ଷ ହେଲା ଠିକାଦାରଙ୍କ କବ୍‌ଜାରେ ରହି ବନ୍ଦ ପଡ଼ିଥିଲା। ମାର୍କେଟ କମ୍ପ୍ଲେକ୍ସ ଖୋଲିବା ନେଇ ସ୍ଥାନୀୟ ବ୍ୟବସାୟୀ ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଷମକଟକ ସରପଞ୍ଚ ନମିତା କୁଲୁସିକାଙ୍କ ପ୍ରୟାସ କ୍ରମେ ମଙ୍ଗଳବାର ମାର୍କେଟ କମ୍ପ୍ଲେକ୍ସ ଖୋଲିଥିବା ଜଣାପଡ଼ିଛି।

ଗତ ୧୯ ତାରିଖରେ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ବିଷମକଟକ ସରପଞ୍ଚ କୁଲୁସିକା ରାୟଗଡା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ସାକ୍ଷାତକରି ଦୀର୍ଘଦିନରୁ ବନ୍ଦ ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସକୁ କାର୍ଯ୍ୟକ୍ଷମ କରାଯିବା ଦିଗରେ ତାଙ୍କ ସାହାଯ୍ୟ ଲୋଡ଼ିଥିଲେ । ଅନୁରୂପ ଭାବେ ୩ଥର ପୂର୍ବତନ ଜିଲାପାଳ ସ୍ୱାଧାଦେବ ସିଂ, ଥରେ ଅତିରିକ୍ତ ଜିଲାପାଳ ଓ ଅନେକ ଥର ସ୍ଥାନୀୟ ବିଡିଓଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ତତ୍କାଳୀନ ଜିଲାପାଳ ସ୍ୱାଧାଦେବ ସିଂ ବନ୍ଦ ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେବା ସହ ଏହାର ସମାଧାନ ପାଇଁ ବିଡିଓ ସଦାଶିବ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିପ୍ରତି କେହି ମଧ୍ୟ ଦୃଷ୍ଟି ଦେଉ ନ ଥିଲେ।

ବିଷମକଟକ ଗ୍ରାମ ପଞ୍ଚାୟତ ତରଫରୁ ୯ଟି ମାର୍କେଟ କମ୍ପ୍ଲେକ୍ସ ନିର୍ମିତ ହୋଇ ପଡ଼ି ରହିଥିଲା । ତତ୍କାଳୀନ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ମାର୍କେଟ କମ୍ପ୍ଲେକ୍ସ ବାବଦରେ ବହୁ ଲୋକଙ୍କଠାରୁ ଅଗ୍ରିମ ଆକାରରେ ମୋଟା ଅଙ୍କର ଟଙ୍କା ନେଇଥିବା ଯୋଗୁ ଏହା ସମସ୍ୟା ଘେରରେ ରହିଥିବା ଅଭିଯୋଗ ହେଉଥିଲା । ଅନ୍ୟପକ୍ଷରେ ଅଗ୍ରିମ ଆକାରରେ ନିଆଯାଇଥିବା ଟଙ୍କା ଅମାନତ ରାଶି ଆକାରରେ ପଞ୍ଚାୟତର ନିଜସ୍ୱ ପାଣ୍ଠିରେ ଜମା କରାଯିବା କଥା। କିନ୍ତୁ ତତ୍କାଳୀନ ଅଧିକାରୀମାନେ ସମସ୍ତ ଟଙ୍କା ଖର୍ଚ୍ଚ କରିବା ସହ ସେଗୁଡିକ କେଉଁଠି ଓ କେଉଁ ବାବଦରେ ଖର୍ଚ୍ଚ କରାଗଲା ତା’ର କୌଣସି ତଥ୍ୟ ନାହିଁ।

## ନଦୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଟିକିରି, ୭।୩ (ପ୍ରଫୁଲ୍ଲ କୁମାର ବେହେରା )

ରାୟଗଡା ଜିଲା କାଶୀପୁର ବ୍ଲକ ମୁନୁଷଗାଁ ପଞ୍ଚାୟତ ସିଙ୍ଗରଖଡ଼କ ଗ୍ରାମର ୭ବର୍ଷର ବାଳକ ବିକାଶ ମାଝୀ (୭) ଗାଧୋଇବାକୁ ଯାଇ ନଦୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଦିନ ଦିପହରରେ ବିକାଶ ସହିତ ଆଉ ଜଣେ ନାବାଳକ ନଦୀକୁ ଗାଧେଇବାକୁ ଯାଇଥିଲେ। ଉଭୟେ ଗାଧୋଉଥିବା ସମୟରେ ବିକାଶ ନଦୀରେ ବୁଡିଯାଇଥିଲେ। ଗ୍ରାମବାସୀ ନଦୀରେ ପଶି ବହୁ ସମୟ ଖୋଜାଖୋଜି କରିଥିଲେ ମଧ୍ୟ ବିକାଶଙ୍କୁ ପାଇ ନ ଥିଲେ। ପରେ କାଶୀପୁରରୁ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ, ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାଏକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କେସ୍ ନଂ.୩/୨୪।

# ଜିଲାସ୍ତରୀୟ ଆଶା ସମ୍ମିଳନୀ


ପୁରସ୍କୃତ ହେଉଥିବା ଆଶାକର୍ମୀ।

ରାୟଗଡା,୭।୩(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ଅଡିଟରିୟମ୍‌ରେ ଗୁରୁବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ଏବଂ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭି. ରାଜୁ, ଅଧୀକ୍ଷକ ଡାକ୍ତର ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ, ଡାକ୍ତର ପ୍ରଦୀପ୍ତ କୁମାର ସୁବୁଦ୍ଧି, ଆଡମିନିଷ୍ଟ୍ରେଟିଭି ଅଫିସର ଗୌର ଚରଣ ପଟ୍ଟନାୟକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ଜେ. ରାଜେଶ ରାଓ ପଟ୍ଟନାୟକ ଉପସ୍ଥିତ ଥିଲେ। ଆଶା ସଂଯୋଜିକା ରାଜଲକ୍ଷ୍ମୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅପହଞ୍ଚ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଘରେ ଘରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଆଶାମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଶାକର୍ମୀଙ୍କ ଯୋଗୁ ଜିଲାରେ ସ୍ୱାସ୍ଥ୍ୟସେବା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉତ୍ସର୍ଗୀକୃତ ୩୬ ଜଣ ଆଶାକର୍ମୀଙ୍କୁ ଶ୍ରେଷ୍ଠ ଆଶା ଭାବେ ମାନପତ୍ର ପ୍ରଦାନ କରାଯିବା ସହିତ ପୁରସ୍କୃତ କରାଯାଇଥିଲା। ସେହିଭଳି ୨୭ ମହିଳା ଆରୋଗ୍ୟ ସମିତି ଏବଂ ୧୧ ଗାଁ କଲ୍ୟାଣ ସମିତି ମଧ୍ୟ ପୁରସ୍କୃତ ହୋଇଥିଲେ। ଏନ୍‌କ୍ୱାସ୍ କ୍ଷେତ୍ର ଯୋଗ୍ୟତା ପାଇଥିବାରୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା। କାୟାକଳ୍ପ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ପଞ୍ଚାୟତିରାଜ ଦିବସରେ କିନ୍ନର ସମ୍ମାନିତ

ଗୁଣପୁର,୭।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅଫିସଠାରେ ମଙ୍ଗଳବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ କିନ୍ନର ପିଙ୍କି ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଅଧକ୍ଷା ଝିଲି ଶବର, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କିନ୍ନର ପିଙ୍କିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



# ଦୃଢ଼ ବିଶ୍ୱାସର ସହ ବଢ଼ିବାକୁ ମହିଳାଙ୍କୁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ମହିଳା ଦିବସ

ଗୁଣପୁର, ୭।୩(ପ୍ରଦୀପ କୁମାର ପାଢ଼ୀ)

ବିଶ୍ୱ ମହିଳା ଦିବସ ଉପଲକ୍ଷେ ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାଯ୍ୟକ୍ରମ କରାଯାଇଛି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ହୋଲିଷ୍ଟିକ ଡେଭଲପମେଣ୍ଟ ଅଧକ୍ଷା ମାଧୁରୀ ଅନିଲ ସହସ୍ର ବୁଧେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ମହିଳାମାନେ ଦୃଢ଼ ବିଶ୍ୱାସ ସହ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ମହିଳାମାନେ ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବା ସହ ଦେଶର ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ। ବର୍ତ୍ତମାନର ମହିଳାମାନେ ବିଶ୍ୱରେ ସେମାନଙ୍କ ସ୍ଥିତିକୁ ଜାହିର ରଖିବା ପାଇଁ ଟିକିରିସ୍ଥିତ ଉତ୍କଳ ଆଲୁମିନା ହିଣ୍ଡଲକୋର ଉତ୍କଳ ଉଜ୍ଜ୍ୱଳ କ୍ଲବ ସଭାପତି ହିନା ବେଗ କହିଥିଲେ। ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ ଜଗଦୀଶ ପଣ୍ଡା, କୁଳପତି ଡ.ଏ.ଭି.ଏନ୍.ଏଲ୍ ଶର୍ମା, ସ୍କୁଲ ଅଫ ଇଂଜିନିୟରିଙ୍ଗ ଆଣ୍ଡ ଟେକ୍ନୋଲୋଜି ଡିନ୍ ଏ. ବି.ଶ୍ରୀନିବାସ ରାଓ, ରେଜିଷ୍ଟ୍ରାର ଡ଼ ଏନ୍.ଭି ଜଗନ୍ନାଧା ରାଓ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆବାହକ ଡ଼ ପ୍ରତିଭା କର ସ୍ୱାଗତ ଭାଷଣ ଓ ସହଆବାହକ ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ପାଳନ ନିମନ୍ତେ ପୂର୍ବରୁ ବିଶ୍ୱବିଦ୍ୟାଳୟର ମହିଳା କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଏହି ମଞ୍ଚରେ ମାନପତ୍ର ସହ ସିଲ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ଼ ସୁରଭିକା ପଣ୍ଡା ଓ ସୁଚରିତା ପଣ୍ଡା ପରିଚାଳନା କରିଥିଲେ। ବିଶ୍ୱ ବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଭାଗ ନେଇଥିଲେ। ଛାତ୍ରୀମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

# କ୍ରୀଡ଼ା ଶିକ୍ଷୟିତ୍ରୀରୁ ସଫଳ ଏନ୍‌ସିସି ଅଧିକାରୀ



ରୀତାରାଣୀଙ୍କ ସହ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ।

**ରାୟଗଡ଼ା, ୭।୩ (ଭାଗ୍ୟଶ୍ରୀ ମିଶ୍ର)**

## ରାୟଗଡ଼ା ଜିଲାର ୧୫୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଏନ୍‌ସିସି ତାଲିମ ଦେଇଛନ୍ତି ରିତାରାଣୀ



ନାରୀମାନେ ଏବେ ସବୁ କ୍ଷେତ୍ରରେ ସଫଳ। ପ୍ରତ୍ୟେକ କାର୍ଯ୍ୟରେ ମହିଳାମାନେ ଆଗରେ। ନାରୀମାନେ ନିଜେ ଆଗକୁ ବଢ଼ିବା ସହ ଅନ୍ୟମାନଙ୍କୁ ମଧ୍ୟ ରାସ୍ତା ଦେଖାଇଥାଆନ୍ତି, ଯାହା ରାୟଗଡ଼ା ଜିଲା ଗୌତମନଗରରେ ରହୁଥିବା ରୀତାରାଣୀ ମିଶ୍ରଙ୍କୁ ଦେଖିଲେ ଭଲଭାବେ ବୁଝିହୁଏ। ରାୟଗଡ଼ା ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଦେୟମୁକ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଏବେ ସଫଳ ଏନ୍‌ସିସି ଅଧିକାରୀ ହୋଇ ଜିଲାର ୧୫୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଏନସିସି ତାଲିମ ଦେଇ ଅନ୍ୟମାନଙ୍କ ପାଇଁ ନାରୀ ସଶକ୍ତୀକରଣର ଏକ ଉଦାହରଣ ପାଲଟିଛନ୍ତି। ରୀତାରାଣୀ ଏବେ ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଏନ୍‌ସିସି ଅଧିକାରୀଭାବେ କାର୍ଯ୍ୟରତ ଅଛନ୍ତି।

ରୀତାରାଣୀଙ୍କ ଜନ୍ମ ବ୍ରହ୍ମପୁରରେ। ବାପାଙ୍କର ଟ୍ରାନ୍ସଫର ଯୋଗୁ ରୀତାରାଣୀଙ୍କୁ ରାୟଗଡ଼ା ଆସିବାକୁ ପଡ଼ିଥିଲା। ସେବେଠୁ ରୀତା ରାୟଗଡ଼ାରେ ରହି ଆସୁଛନ୍ତି। ପିଲାଟି ଦିନରୁ କ୍ରୀଡ଼ା ଏବଂ ଏନ୍‌ସିସି ପ୍ରତି ଆଗ୍ରହ ଥିଲା। ସ୍କୁଲ କଲେଜରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଲାଭ କରୁଥିଲେ। ହେଲେ ଏନ୍‌ସିସି ପାଇଁ କୌଣସି ସୁବିଧା ସୁଯୋଗ ନ ଥିଲା। + ୨ ରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ପଢ଼ିବାବେଳେ ଏନ୍‌ସିସିରେ ଯିବା ପାଇଁ କୌଣସି ସୁଯୋଗ ନ ଥିଲା। ତେଣୁ ସେ ଅନ୍ୟ ସ୍କୁଲରେ ହେଉଥିବା ଅଭ୍ୟାସ ବାହାରୁ ଦେଖୁଥିଲେ। ରାୟଗଡ଼ା ମହିଳା ମହାବିଦ୍ୟାଳୟରେ + ୩ ପଢ଼ିବା ବେଳେ ଏନ୍‌ସିସିରେ ଯୋଗଦେବାର ସୁଯୋଗ ମିଳିଥିଲା। ସେ ନିଜେ ତାଲିମ ନେବା ସହ କଲେଜରେ ଏନ୍‌ସିସିର କେୟାରଟେକିଂ ଅଫିସରଭାବେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଝିଅମାନଙ୍କୁ ଦେୟମୁକ୍ତ ତାଲିମ ଦେଉଥିଲେ। ଦେୟମୁକ୍ତ ତାଲିମ ଦେବା ପରେ କଲେଜ କମିଟି ରୀତାରାଣୀଙ୍କ ଆଗ୍ରହ ଏବଂ ପିଲାଙ୍କ ପାଇଁ କ୍ରୀଡ଼ା ଶିକ୍ଷକଙ୍କ ଆବଶ୍ୟକତା ଦୃଷ୍ଟିରୁ ଉପରସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ତାଙ୍କୁ କଲେଜରେ ନିଯୁକ୍ତି ମିଳିଥିଲା।

**ଆଜି ଅନ୍ତର୍ଜାତୀୟ ମହିଳା ଦିବସ**

ସିଟି କେୟାର ଟେକିଂ ଅଫିସରଭାବେ ୧ ବର୍ଷ କାର୍ଯ୍ୟ କରିବା ପରେ ଏନ୍‌ସିସି ଟ୍ରେନିଂ ନେଇ ଲ୍ୟୁଟ୍‌ନାଣ୍ଟ ପୋଷ୍ଟ ପ୍ରାପ୍ତ କରିଥିଲେ। ପୋଲିସ, ଆର୍ମି ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରି ଯେପରି ନିଜକୁ ସୁରକ୍ଷିତ ରଖିବେ ସେହି ଲକ୍ଷ୍ୟ ନେଇ ଝିଅମାନଙ୍କୁ ତାଲିମ ଦେବା ଆରମ୍ଭ କରିଥିବା ରୀତାରାଣୀ କହିଛନ୍ତି। ରୀତାରାଣୀଙ୍କଠାରୁ ତାଲିମ ପାଇଥିବା ୬୦ରୁ ଊର୍ଦ୍ଧ୍ୱ ଝିଅ ଜାତୀୟସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେହିଭଳି ୨୦୦ରୁ ଊର୍ଦ୍ଧ୍ୱ ରାଜ୍ୟସ୍ତରୀୟ ଓ ୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି। ୨୦୨୪ ଜାନୁୟାରୀ ୨୬ରେ ଦିଲ୍ଲୀଠାରେ ଆୟୋଜିତ ପରେଡ୍‌ରେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ୨ଜଣ ସାମିଲ ହୋଇଥିଲେ। ସେମାନେ ରାଷ୍ଟ୍ରପତିଙ୍କୁ ପରେଡ ଅଭିବାଦନ ଜଣାଇବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏଥିପାଇଁ ରୀତାରାଣୀଙ୍କୁ ୨ଥର ରାଜ୍ୟପାଳ ପୁରସ୍କାର ମିଳିଛି। ଜାତୀୟସ୍ତରରେ ମହିଳା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ଭାରତର ବେଷ୍ଟ ଆଇରନ ଲେଡି ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଝିଅମାନେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ। ଏନ୍‌ସିସି ଦ୍ୱାରା ଝିଅମାନେ ଶୃଙ୍ଖଳିତ ଜୀବନ ବିତାଇବା ସହ ସୁସ୍ଥ ସମାଜ ଗଠନ କରିପାରିବେ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ରୀତାରାଣୀ କହିଛନ୍ତି।

# ଦୃଢ଼ ଇଚ୍ଛାଶକ୍ତି, ମନୋବଳ କରୁଛି ସ୍ୱାବଲମ୍ବୀ

**ଜୟପୁର,୭।୩(ପବନ ପାଣିଗ୍ରାହୀ)**

## ୨ ସଫଳ ମହିଳାଙ୍କ କାହାଣୀ



ସାବିତ୍ରୀ



ଗୌରୀ

ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସାବିତ୍ରୀ ଗାଦାବା। ଜଣେ ଏମ୍‌ବିକେ ଭାବେ ଜୟପୁର ବ୍ଲକ କଙ୍ଗା ପଞ୍ଚାୟତରେ କାର୍ଯ୍ୟ କରୁଥିବା ସାବିତ୍ରୀ ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ ମହିଳାଙ୍କୁ ସ୍ୱାବଲମ୍ବୀ ସହ ସ୍ୱାକ୍ଷର କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏମ୍‌ବିକେ ହେବା ପୂର୍ବରୁ ସାବିତ୍ରୀ ଅନେକ କାର୍ଯ୍ୟ କରିଛନ୍ତି ଯାହା ଯୁବତୀ ଓ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି। ସାବିତ୍ରୀ କୋରାପୁଟ ଜିଲା ଜୟପୁର ବ୍ଲକରେ ୨୦୧୨ରୁ ୨୦୧୭ ଯାଏ ବିଜେଡିର ଜିଲା ପରିଷଦ ସଦସ୍ୟ ଥିଲେ। ଲୋକଙ୍କ ସମସ୍ୟା ସମାଧାନ ପାଇଁ କୋରାପୁଟ ଜିଲା ପ୍ରଶାସନ ନିକଟରେ ସେ ଲୋକଙ୍କ ସ୍ୱର ପାଲଟିଥିଲେ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ଯୋଗଦେଇ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଜଣେ ଆଦିବାସୀ ଝିଅ ହୋଇ ଲୋକଙ୍କ ସେବାରେ ବ୍ରତୀ ହୋଇ ଆଉ ବାହା ହୋଇପାରିଲେନି ସାବିତ୍ରୀ। ମା' ବାପାଙ୍କ ମୃତ୍ୟୁ ପରେ ଏବେ ଭାଇଙ୍କ ଘରେ ରହି ମହିଳାଙ୍କୁ ସେବା ଯୋଗାଉଛନ୍ତି ସେ। ଆଜିର ଅନ୍ତର୍ଜାତୀୟ ମହିଳା ଦିବସରେ ଜୀବନରେ ଘାତ ପ୍ରତିଘାତ ସହି କାର୍ଯ୍ୟ କରିବାକୁ ସେ ଯୁବତୀ ଓ ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି।

ସେହିପରି ଆଉ ଜଣେ ମହିଳା ହେଲେ ଜୟପୁର ସହର ପାଣିନଲା ସାହିର ଗୌରେଶ୍ୱରୀ ମିଶ୍ର। ସେ ଜଣେ ଗୃହିଣୀ ଥିଲେ। ହେଲେ ୨୦୦୮ରେ ଏପରି ଏକ ପରିସ୍ଥିତିର ସେ ସମ୍ମୁଖୀନ ହେଲେ ନିଜେ ନାଡ଼ି, ମୁଡୁକି, ମିକ୍ସଚରକରି ବିକ୍ରିକଲେ। କ୍ରମେ ଘରୋଇ ମହିଳାଙ୍କୁ ଏକଜୁଟକରି ସେ ନିଜ ବ୍ୟବସାୟରେ ସାମିଲ କଲେ। ତାଙ୍କ ପ୍ରେରଣାରେ ଏବେ ୨୨ଜଣ ମହିଳା ବ୍ୟବସାୟକରି ସଫଳତା ପାଇଛନ୍ତି। ନାଡି, ମୁଡୁକି, ମିକ୍ସଚର, ବାଦାମ ପକୋଡ଼ା, ଲଡ୍ଡୁ ପ୍ରସ୍ତୁତକରି ସେମାନେ ଅବିଭକ୍ତ କୋରାପୁଟ ଜିଲାରେ ବିକ୍ରିକରି ସ୍ୱାବଲମ୍ବୀ ହୋଇଛନ୍ତି।

# ବିପୁଲା କୁମାର ଜିଲାର ଶ୍ରେଷ୍ଠ ସିଡିପିଓ



ସିଡ଼ିପିଓ ପୁରସ୍କାର ଗ୍ରହଣ କରୁଛନ୍ତି।

**ମାଲକାନଗିରି, ୭।୩(ଦୁର୍ଯ୍ୟୋଧନ ପାତ୍ର)**

**ଅନ୍ତର୍ଜାତିୟ ମହିଳା ଦିବସ**

ମାଲକାନଗିରି ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ସ୍ଥାନୀୟ ମାଲ୍ୟବନ୍ତ ଛାତ୍ରାବାସରେ ଗୁରୁବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମିଳା ମହାନ୍ତି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, କାର୍ଯ୍ୟକ୍ରମ ଅଧିକାରୀ ଇନ୍ଦିରା ପ୍ରଧାନ, ସମାଜିକକର୍ମୀ ଜୟନ୍ତୀ ବୈରାଗୀ ଏବଂ ଅତିରିକ୍ତ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁର୍କାଙ୍କ ସହ ସମସ୍ତ ବ୍ଲକର ସିଡ଼ିପିଓ ଉପସ୍ଥିତ ଥିଲେ। ଏହା ସହିତ ବିଭିନ୍ନ ପ୍ରକଳ୍ପର ସୁପରଭାଇଜର ଏବଂ ଅଙ୍ଗନୱାଡି କର୍ମୀ, ସହାୟିକା ଏବଂ କିଶୋରୀ ବାଳିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କିଭଳି ଭାବେ ମହିଳାମାନେ ଆଗକୁ ବଢିପାରିବେ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନସ୍ତରରେ ଭଲ ପ୍ରଦର୍ଶନ କରିଥିବା ସିଡିପିଓ, ଅଙ୍ଗନୱାଡି କର୍ମୀ, ସହାୟିକା, କିଶୋରି ବାଳିକାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେଥିରୁ ଶିଶୁ ବିକାଶ ଯୋଜନା ଅଧିକାରୀ ବିପୁଳା କୁମାର ସରଦାରଙ୍କ ମାଲକାନଗିରି ଜିଲାର ଶ୍ରେଷ୍ଠ ସିଡିପିଓ ଭାବେ ପୁରସ୍କୃତ କରାଯାଇଥିଲା।

# ଆଶା, ଅଙ୍ଗନୱାଡି କର୍ମୀ ସମ୍ମିଳନୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଶା ଓ ଅଙ୍ଗନୱାଡି କର୍ମୀ।

**ମାଲକାନଗିରି, ୭।୩ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଗୁରୁବାର ଜିଲାସ୍ତରୀୟ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏକ ସମ୍ମିଳନୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଡାକ୍ତର, ଅଂଶଗ୍ରହଣ କରି ଜିଲାରେ ଦୁର୍ଗମ ଅଞ୍ଚଳରେ ଆଶା ଓ ଅଙ୍ଗନବାଡି କର୍ମୀମାନେ ଶିଶୁ, ମହିଳାମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଶିଶୁଙ୍କ ଯତ୍ନ, ଶିକ୍ଷା, ଖାଦ୍ୟପେୟ, ଗର୍ଭବତୀଙ୍କ ଯତ୍ନ, ଡାକ୍ତରଖାନା ଆଣି ପ୍ରସବ କରାଇବା, ସୁଷମ ଖାଦ୍ୟ ଏବଂ ଔଷଧ ବିତରଣ କରି ବେଶ୍ ନାମ ଅର୍ଜନ କରିଥିବାରୁ ଗୁରୁବାର ମାଲକାନଗିରି ଜିଲା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ପୁରସ୍କାର ପାଇବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେଥିପାଇଁ ଏମାନେ ପ୍ରକୃତ ମାଆର ଭୂମିକା ନିଭାଉଥିବା ଡାକ୍ତରମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏମାନଙ୍କ ଯୋଗୁ ଗୁରୁବାର ଜିଲାରେ ଅପପୃଷ୍ଟି, ଶିଶୁ ମୃତ୍ୟୁହାର କମିବାରେ ଲାଗିଛି। ଜିଲାର ୭ ବ୍ଲକରେ ଭଲ କାର୍ଯ୍ୟ କରିଥିବା ୩୦ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ମାନପତ୍ର ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଜିଲାସ୍ତରରେ ୩, ଗାଁ କଲ୍ୟାଣ ସମିତିରେ ୭ ମହିଳା ସଂଗଠନର ୩ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ମେଡିକାଲ ପରିସରରେ ୫୦ରୁ ଊର୍ଦ୍ଧ୍ୱ ନୂତନ ପ୍ରସୁତିମାନଙ୍କ ସନ୍ତାନମାନଙ୍କୁ ପ୍ରଥମ ପୋଲିଓ ବୁନ୍ଦା ନନ୍ଦ ଖୁଆଇଥିଲେ।

# ତେଲେଙ୍ଗିର କେନାଲ ସମ୍ପ୍ରସାରଣ କରିବାକୁ ୩ ପଞ୍ଚାୟତବାସୀଙ୍କ ଦାବି

**କୋରାପୁଟ,୭।୩(ଅମିତାଭ ବେହେରା)**

ତେଲେଙ୍ଗିର କେନାଲର ସମ୍ପ୍ରସାରଣ କରିବାକୁ ଦାବି କରି ଗୁରୁବାର କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ୩ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ।

# କବିତା ବଞ୍ଚିବାର ସାମର୍ଥ୍ୟ ଦିଏ, ଯୁଦ୍ଧ ବେଳେ ଶାନ୍ତି ସ୍ଥାପନକରେ

**କୋରାପୁଟ,୭।୩(ଅମିତାଭ ବେହେରା)**

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗ୍ରାମଲୋକ କାର୍ଯ୍ୟକ୍ରମ





କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର କେ.ନୂଆଗୁଡା ଗ୍ରାମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ଗ୍ରାମଲୋକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବରିଷ୍ଠ ସାହିତ୍ୟିକ, କବି, ଗାଳ୍ପିକ, ଔପନ୍ୟାସିକ, ଲେଖକ ଯୋଗଦେଇ କବିତା ଏବଂ ଗଳ୍ପ ପାଠ କରିଥିଲେ। ଓଡ଼ିଆ ଭାଷା ପରାମର୍ଶଦାତା କମିଟି ସଦସ୍ୟ ଡ. ପ୍ରୀତିଧାରା ସାମଲ, କବି ମାଧୁରୀ ପଣ୍ଡା, ସାହିତ୍ୟିକ ଡ. ପ୍ରଦୀପ ମିଶ୍ରଙ୍କ ସମେତ ବହୁ ବ୍ୟକ୍ତି ସାମିଲହୋଇ ହୋଇ ସାହିତ୍ୟ ଓ ଓଡ଼ିଆ ଭାଷାର ଅଗ୍ରଗତି ଉପରେ ମତ ରଖିଥିଲେ। ତେବେ ଗ୍ରାମାଞ୍ଚଳରେ ଓଡ଼ିଆ ଭାଷାର ଆଦର ବଢ଼ାଇବା ସହ ସାହିତ୍ୟ ଚର୍ଚ୍ଚା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଆରମ୍ଭ ହୋଇଥିବା ଏହି ଗ୍ରାମାଲୋକ କାର୍ଯ୍ୟକ୍ରମ ଜିଲାର ବିଭିନ୍ନ ଗ୍ରାମକୁ ପ୍ରେରଣା ଯୋଗାଇବ ବୋଲି କବି ପ୍ରୀତିଧାରା ସାମଲ କହିଥିଲେ। କବିତା ବଞ୍ଚିବାର ସାମର୍ଥ୍ୟ ଦିଏ ଏବଂ ଯୁଦ୍ଧ ମଧ୍ୟରେ ଶାନ୍ତି ସ୍ଥାପନା କବିତା କରିପାରିଥାଏ ବୋଲି ସେ କହିଥିଲେ। କବି ରବି ଶତପଥୀ, ସାହିତ୍ୟିକ ପ୍ରଦୀପ ମିଶ୍ର, ମାଧୁରୀ ପଣ୍ଡା, ଅନୁବାଦକ ବିଜୟ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାରୁଦ କାରଖାନା ସ୍ଥାପନକୁ ବିରୋଧ

**କୋରାପୁଟ,୭।୩(ଅମିତାଭ ବେହେରା)**

କୋରାପୁଟ ଜିଲା ଜୟପୁର ତହସିଲ ଅନ୍ତର୍ଗତ କଙ୍ଗାଠାରେ ଏକ ବାରୁଦ କାରଖାନା ସ୍ଥାପନ ହେବ। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଆଲୋଚନା କରିବାକୁ ଗୁରୁବାର ଜିଲା ପ୍ରଶାସନ ନୋଟିସ ଦେଇ ଗ୍ରାମବାସୀଙ୍କୁ ଡକାଇଥିଲା। ନୋଟିସ ଅନୁସାରେ ଶତାଧିକ ଗ୍ରାମବାସୀ କୋରାପୁଟ ଆସିଥିଲେ। ମାତ୍ର ଜିଲାପାଳ ଅନୁପସ୍ଥିତ ରହିଥିବାରୁ କୌଣସି ଶୁଣାଣି ହୋଇପାରି ନ ଥିଲା। ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଫେରିଥିଲେ। ଆମେ ଆଉ ଆଲୋଚନା ପାଇଁ କୋରାପୁଟ ଆସିପାରିବୁ ନାହିଁ ବୋଲି ଗୌଡଗୁଡ଼ା ଗ୍ରାମର ବାସନ୍ତୀ ବିଶୋୟୀ କହିଛନ୍ତି। ୨୦୨୩ ନଭେମ୍ବର ୮ରେ ବାରୁଦ କାରଖାନା ପ୍ରତିଷ୍ଠା ନେଇ ହୋଇଥିବା ଆଲୋଚନାକୁ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଜନଶୁଣାଣି ହୋଇପାରି ନ ଥିଲା। ଏ ସମ୍ପର୍କରେ ଆଲୋଚନା ଲାଗି ଗୁରୁବାର ଗ୍ରାମବାସୀଙ୍କୁ ଡକାଯାଇଥିଲା। ତେବେ ଯଦି ଜିଲାପାଳ ଅନୁପସ୍ଥିତ ରହିଲେ ଏନେଇ କାହିଁକି ସେମାନଙ୍କୁ ଅବଗତ କରାଗଲା ନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଟେଣ୍ଡର ଫିକ୍ସିଂ ଭିଡିଓ ଭାଇରାଲ

**ମାଲକାନଗିରି,୭।୩(ଦୁର୍ଯ୍ୟୋଧନ ପାତ୍ର)**

## ଚିତ୍ରକୋଣ୍ଡା ବ୍ଲକ

- ଖୋଲିବା ପୂର୍ବରୁ ଜଣାପଡ଼ିଲା ଠିକାଦାରଙ୍କ ନାମ, କାମ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଗତ ଫେବ୍ରୁଆରି ୧୯ରେ ଅତିରିକ୍ତ ଶ୍ରେଣୀଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବିଭିନ୍ନ ମୂଲ୍ୟର ମୋଟ ୧୮ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଯାହା ବୁଧବାର ୬ ତାରିଖରେ ଆବେଦନ ପ୍ରକ୍ରିୟାର ଶେଷ ଦିନ ଥିଲା। କିନ୍ତୁ ଶେଷ ଦିନରେ ଜିଲାର ଏକାଧିକ ଠିକାଦାର ଏକତ୍ରିତ ହୋଇ ଟେଣ୍ଡର ଫିକ୍ସିଂ କରିଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। କେବେଳ ଭିଡ଼ିଓ ନୁହେଁ ବରଂ କେଉଁ ଠିକାଦାର କେଉଁ କାମ ପାଇବେ ଆଉ କେତେ ଟଙ୍କାରେ ଟେଣ୍ଡର ପକାଇବେ ସେ ନେଇ ଠିକାଦାର ଓ କାର୍ଯ୍ୟର ନାମ ସହ ଅର୍ଥରାଶି ଲେଖା ଥିବା ଏକ ପେପର ମଧ୍ୟ ଭାଇରାଲ ହୋଇଥିଲା। ଗୁରୁବାର ବ୍ଲକରେ କମିଟି ଦ୍ୱାରା ଟେଣ୍ଡର ଖୋଲା ହେବା ପୂର୍ବରୁ ଠିକାଦାରମାନଙ୍କର ନାମ ଲିଷ୍ଟ ଭାଇରଲ ହେବା ଟେଣ୍ଡର ଫିକ୍ସିଂ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଆଜି ବ୍ଲକ ପକ୍ଷରୁ ଏହି ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯାଇଥିବା ଜଣା ପଡଛି।

ଏନେଇ ଚିତ୍ରକୋଣ୍ଡା ବିଡିଓ ତନ୍ମୟ ପାତ୍ରଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟାରେ ଟେକ୍‌ନିକାଲ ସମସ୍ୟା ଯୋଗୁ ଏହାକୁ ବାତିଲ କରାଯାଇଛି। ଟେଣ୍ଡର ଖୋଲିବା ଦିନ ଏହାକୁ ବାତିଲ କରିବା ଘଟଣା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଥିବା ବେଳେ ଏହାର ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛ।

# ବିକାଶମୂଳକ କାର୍ଯ୍ୟ ଉଦ୍‌ଘାଟନ କଲେ ବିଧାୟକ

**ଜୟପୁର, ୭।୩(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ ଅଧୀନରେ ଥିବା ବିଭିନ୍ନ ଗ୍ରାମର ବିକାଶମୂଳକ କାର୍ଯ୍ୟକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଜୟପୁର ବ୍ଲକର ଡଙ୍ଗରଛିଞ୍ଚି, ଅନ୍ତା, ଫାମ୍ପୁଣି, ଟାଙ୍କୁଆରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି।

# ମା'ଡାକୁଛନ୍ତି କହି ଅଭିନବ ଉପାୟରେ ଲୁଟ୍

**ସେମିଳିଗୁଡା, ସୁନାବେଡା, ୭।୩**
**(ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ)**

ସେମିଳିଗୁଡା ଥାନା ଅନ୍ତର୍ଗତ ସେମିଳିଗୁଡା ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅଭିନବ ଉପାୟରେ ଜଣେ ଯୁବକଙ୍କଠାରୁ ୨୦ ହଜାର ଟଙ୍କା ଲୁଟ୍ ହୋଇଛି। ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ପେଟକଣା ଅଞ୍ଚଳର ଜଣେ ଯୁବକ ନିଜ ମା'ଙ୍କୁ ସାଙ୍ଗରେ ଧରି ସେମିଳିଗୁଡା ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିଲେ। ଟଙ୍କା ଉଠାଇବା ପରେ ଗାଡ଼ିରେ ପେଟ୍ରୋଲ ପକାଇବା ପାଇଁ ସେ ପେଟ୍ରୋଲ ପମ୍ପ ନିକଟକୁ ଯିବା ବେଳେ ତାଙ୍କ ମା'ଙ୍କ ଉପରେ ଚଢେଇ ଖାଡ଼ା କରିଦେଇଥିଲା। ମହିଳା ଜଣକ ତାକୁ ଧୋଇବାକୁ ନିକଟରେ ଥିବା ପାଣିକଳ ନିକଟକୁ ଯାଇଥିଲେ। ଏହି ସମୟରେ ତେଲ ପକାଉଥିବା ଯୁବକଙ୍କୁ ଅନ୍ୟ ଜଣେ ଯୁବକ ତୁମ ମା ଡାକୁଛନ୍ତି ବୋଲି କହିଥିଲେ। ଫଳରେ ଯୁବକ ଜଣକ ନିଜ ବାଇକ୍ (ଓଡ଼ି ୧୦ ଡବ୍ଲ୍ୟୁ-୧୪୫୪)କୁ ପେଟ୍ରୋଲ ପମ୍ପ ସମ୍ମୁଖରେ ରଖି ମା'ଙ୍କ ପାଖକୁ ଚାଲି ଯାଇଥିଲେ। ଏହି ସୁଯୋଗରେ ମା' ଡାକୁଛନ୍ତି ବୋଲି କହିଥିବା ବ୍ୟକ୍ତି ଜଣକ ତାଙ୍କ ବାଇକ୍ ଡିକି ଭାଙ୍ଗି ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ପାଣିକଳ ନିକଟରୁ ଫେରି ଡିକି ଭଙ୍ଗାଯାଇଥିବା ଦେଖି ଯୁବକ ବଇପି ଖିନବୁଡି ସେମିଳିଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଥିବା ଏଏସ୍‌ଆଇ ଦିଗନ୍ତ ପ୍ରଭୁ ସହାୟ କହିଛନ୍ତି।

# କୌଶଳ ଭିତ୍ତିକ ଶିକ୍ଷା ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବ

**ନବରଙ୍ଗପୁର, ୭।୩(ସଦାଶିବ ପ୍ରହରାଜ)**

ରାଜ୍ୟ ସରକାରଙ୍କ ଦକ୍ଷତା ଓ କୌଶଳ ବିକାଶ ବିଭାଗ ନିର୍ଦ୍ଦେଶାନୁଯାୟୀ ଗୁରୁବାର ଡାବୁଗାଁସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ଜିଲା ନିୟୋଜନ ବିଭାଗ ଓ ଶିବାନୀ ଏଡୁକେସନ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଏକ ନିଯୁକ୍ତି ଭିତ୍ତିକ ତାଲିମ କେନ୍ଦ୍ର ଜିଲାପାଳ କମଳ ଲୋଚନ ମିଶ୍ର ଉଦଘାଟନ କରିଛନ୍ତି। କୌଶଳ ଭିତିକ ଶିକ୍ଷା ଯୁବତୀମାନଙ୍କୁ ଆତ୍ମ ନିର୍ଭରଶୀଳ କରି ପାରିବ ବୋଲି ସେ କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଡିଆଇପିଆର୍‌ଓ ହଲଧର ନିଆଲ, ଡାବୁଗାଁ ବିଡିଓ ଶରତ ଚନ୍ଦ୍ର ମାଝି, ସିଡିପିଓ ମିନତୀ ବେହେରା, ଶିବାନୀ ଏଡୁକେସନ ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ଦେବାଶିଷ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ନିଯୁକ୍ତି ଭିତିକ ତାଲିମ କେନ୍ଦ୍ରରେ ଗୋଟିଏ ବ୍ୟାଚରେ ୩୦ ଜଣ ଯୁବତୀ ୪୫ ଦିନର ମାଗଣା ସିଲେଇ ଶିକ୍ଷା ନେଇପାରିବେ ବୋଲି ଜିଲା ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ କହିଥିଲେ। ତାଲିମ ନେଉଥିବା ଯୁବତୀଙ୍କୁ ମାଗଣାରେ ରହିବା ଖାଇବା ବ୍ୟବସ୍ଥା ସହିତ ସମସ୍ତ ପ୍ରକାର ତାଲିମ ଖର୍ଚ୍ଚ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯିବ। ତାଲିମ ପରେ ସମସ୍ତ ଯୁବତୀଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବ। ଆକ୍ସନଏଡର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିୟୋଜନ କାର୍ଯ୍ୟାଳର ଗବେଷିକ ରିନା ନିଶାଦ ଧନ୍ୟବାଦ ଦେଇଥିଲେ।



ତାଲିମ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

# ଏନ୍‌ଏସିରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



**ବାଲିମେଲା,୭।୩(ଶିବଦତ୍ତ ସାହୁ)**

ବାଲିମେଲା ଏନ୍‌ଏସିରେ ଗୁରୁବାର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ରାଜେଶ କୁମାର ମହାପାତ୍ର ଯୋଗ ଦେଇଛନ୍ତି। ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ପୁଷ୍ପଗୁଚ୍ଛ ଦେଇ ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ। ପରେ ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ଡକାଇ ଆଲୋଚନା କରିଥିଲେ। ଏନ୍‌ଏସିର କେତେକ କାଉନସିଲର ମହାପାତ୍ରଙ୍କୁ ଭେଟି ଅଭିନନ୍ଦନ ଜଣାଇଥିଲେ। ପୂର୍ବରୁ ଥିବା ନିର୍ବାହୀ ଅଧିକାରୀ ଥିବା କୃଷ୍ଣଚନ୍ଦ୍ର ରଥଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ କିଛିଦିନ ପାଇଁ କୋରୁକୋଣ୍ଡା ବିଡ଼ିଓ କାର୍ଯ୍ୟ ଭାର ଗ୍ରହଣ କରିଥିଲେ।

# ଜନଜାତି କ୍ରୀଡ଼ା,ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ନବରଙ୍ଗପୁର,୭।୩(ସଦାଶିବ ପ୍ରହରାଜ)**



ଅତିଥିଙ୍କ ଗହଣରେ ପୁରସ୍କାର ପାଇଥିବା କଳାକାରମାନେ।

ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଦିବାସୀଙ୍କ କ୍ରୀଡ଼ା, ସଂସ୍କୃତି, ସାମାଜିକ, ଆର୍ଥିକ କ୍ଷେତ୍ରରେ ବିକାଶ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଦିନ ଆସିବ ଆଦିବାସୀ ଛାତ୍ରୀଛାତ୍ରମାନେ ମହାକାଶଚାରୀ ଓ ବୈଜ୍ଞାନିକ ହେବେ। ଏକଜୁଟ ହୋଇ କାମ କରିଲେ ଆଦିବାସୀ ସମାଜ ଆଗକୁ ବଢିବ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝି, ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବିକେ ବିକେ ଉପଦେଷ୍ଟା ଶୁକଦେବ ଗଣ୍ଡ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଜିଲାପାଳ କମଳଲୋଚନ ମିଶ୍ର, ପିଏ ଆଇଟିଡିଏ ରାଜୀବ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଉପଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ପଲକା ରବୀନ୍ଦ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଭା ପରେ ଗଣ ଦୌଡ଼, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାର କୃତୀ କଳାକାର ଓ ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଲିଉଡ୍ କଳାକାର ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ପଶ୍ଚିମ ଓଡ଼ିଶାର କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ଉମାକାନ୍ତ ବାରିକ, ପଙ୍କଜ ତାଣ୍ଡି ଲୋକଙ୍କ ମନୋରଞ୍ଜନ କରାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ନୁପୁର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସ ନିର୍ବାଚନ ପରିଚାଳନା ଆବାହକ ହେଲେ ପ୍ରସାଦ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ଆସନ୍ତା ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଦଳ ପକ୍ଷରୁ ନିର୍ବାଚନ ପରିଚାଳନାର ଆବାହକ ଭାବେ ନିଯୁକ୍ତ କରାଯାଇଛି। ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏନେଇ ଦଳର ପ୍ରଭାରୀ ଅଜୟ କୁମାରଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ପ୍ରସାଦ ହରିଚନ୍ଦନ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ୱାର୍ ରୁମ୍ କାର୍ଯ୍ୟକୁ ଭଲ ଭାବେ ଯୋଗାଯୋଗ କରିବା ସହ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବେ। 'ପ୍ରଗମନ'ର ଦୁଇଟି ପର୍ଯ୍ୟାୟକୁ ଶେଷ କରିବେ। ଏହାସହ ଦଳ ପକ୍ଷରୁ ଯେଉଁସବୁ ରାଜନୈତିକ କାର୍ଯ୍ୟକ୍ରମ କରାଯିବ, ତାହାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସମାନ ଚିଠି ଇ-ମେଲ୍ ଯୋଗେ ଏଆଇସିସି ସାଧାରଣ ସମ୍ପାଦକ କେ.ସି ଭେଣୁଗୋପାଳ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦିଆଯାଇଛି।


CLASSIFIED DISPLAY
TARIFF · MORE SPACE · SAME PRICE · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜୟନାରାୟଣ ଓ ଗିରିଶ ସମର୍ଥକ ମୁହାଁମୁହିଁ

## ସମ୍ବଲପୁର ଭାଜପାରେ କନ୍ଦଳ

ସମ୍ବଲପୁର,୭।୩(ପ୍ରମୋଦ ବହିଦାର)

ଭାଜପା ଗଡ଼ ଭାବେ ପରିଚିତ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ଅନ୍ତଃକନ୍ଦଳ ପଦାକୁ ଆସିଛି। ଦୁଇ ପ୍ରଭାରୀଙ୍କ ଉପସ୍ଥିତିରେ ବୁଧବାର ରାତିରେ ଜିଲା ଭାଜପା କାର୍ଯ୍ୟାଳୟରେ ଅପ୍ରତ୍ୟାଶିତ ଭାବେ ଏଭଳି ଏକ ସ୍ଥିତି ସୃଷ୍ଟି ହୋଇଥିବା ବିଷୟ ଗୁରୁବାର ଜଣାପଡ଼ିବା ପରେ ବିଭିନ୍ନ ପ୍ରକାର ଆଲୋଚନା ଚାଲିଛି।

ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ହେଉଥିବା ବେଳେ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀର ୭ଟି ଯାକ ବିଧାନସଭା କ୍ଷେତ୍ରରେ ଭାଜପାର ପ୍ରାର୍ଥୀ ଚୟନ ପାଇଁ ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ଚାଲିଥିଲା ଆଲୋଚନା। ଏଥିରେ ଜିଲାସ୍ତରୀୟ ଶୀର୍ଷ ନେତା ଉପସ୍ଥିତ ଥିବା ବେଳେ ଭାଜପାର ଦୁଇ ପ୍ରଭାରୀ ଗୋଲକ ମହାପାତ୍ର ଓ ସୁରେଶ୍ୱର ଶତପଥୀ ଯୋଗଦେଇଥିଲେ। ଲକ୍ଷ୍ୟଥିଲା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ। ସବୁ ଠିକ୍‌ଠାକ୍ ଚାଲିଥିଲା। ସର୍ବପ୍ରଥମେ ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହାବାଦ୍ ରେଙ୍ଗାଲିରେ ନାଉରୀ ନାୟକ, ଦେବଗଡ଼ରେ ସୁବାସ ପାଣିଗ୍ରାହୀ, ଆଠମଲ୍ଲିକରେ ସଞ୍ଜୀବ ସାହୁ, କୁଚିଣ୍ଡାରେ ରବି ନାୟକ, ଛେଣ୍ଡିପଦା ପାଇଁ ଅଗସ୍ତି ନାୟକଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ତେବେ ରେଢ଼ାଖୋଲ ଆସନରେ ପ୍ରାର୍ଥିତ୍ୱ ପାଇଁ ଦେବେନ୍ଦ୍ର ମହାପାତ୍ରଙ୍କ ନାମକୁ କେତେଜଣ ସମର୍ଥକ ପ୍ରସ୍ତାବ ଦେଇଥିଲେ, ଯାହା ବିଚାରାଧୀନ ରହିଛି। ଅନୁରୂପ ଭାବେ ମର୍ଯ୍ୟାଦାଜନକ ସମ୍ବଲପୁର ବିଧାନସଭା ଆସନ ପାଇଁ ପ୍ରାର୍ଥିତ୍ୱକୁ ନେଇ ଆଲୋଚନା ସମୟରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲଙ୍କ ସମର୍ଥକମାନେ ଦୃଢ଼ ବିରୋଧ କରିଥିଲେ। ଫଳରେ ବୈଠକରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଉଭୟ ପ୍ରଭାରୀଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଉତ୍ତେଜନା ପ୍ରଶମିତ ହୋଇଥିଲେ ହେଁ ପ୍ରାର୍ଥିତ୍ୱ ଚୟନ ହୋଇପାରି ନ ଥିଲା।

ସୂଚନାଯୋଗ୍ୟ, ଗିରିଶ ସମ୍ବଲପୁର ବିଧାୟକ ଜୟନାରାୟଣଙ୍କ ଏକାନ୍ତ ଅନୁଗତ ଥିଲେ। ମାତ୍ର ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ଅନୁପସ୍ଥିତିରେ ଗିରିଶ ଏଠାରେ ଏକାକୀ ସଭାସମିତି ଜରିଆରେ ନିଜର ପ୍ରାର୍ଥିତ୍ୱ ଜାହିର କରିବାରେ ଲାଗିଛନ୍ତି। ଅପରପକ୍ଷେ କିଛିଦିନ ତଳେ ଜୟନାରାୟଣଙ୍କ ଝିଅ ଶୁଭଶ୍ରୀଙ୍କୁ ଦଳରେ ଦେଖିବାକୁ ମିଳିବା ପରେ କେତେଜଣ ନେତା ଅସନ୍ତୋଷ ବ୍ୟକ୍ତ କରି ଦଳତ୍ୟାଗ କରିଥିଲେ। ସେହିପରି ସ୍ୱାସ୍ଥ୍ୟଗତ କାରଣରୁ ଜୟନାରାୟଣ ମଧ୍ୟ ତାଙ୍କ ଝିଅଙ୍କ ପାଇଁ ଲବି କରୁଥିବା ଚର୍ଚ୍ଚା ହୋଇଥିଲା। ତେବେ ଶିବରାତ୍ରି ଉପଲକ୍ଷେ ଜୟନାରାୟଣଙ୍କ ପକ୍ଷରୁ ଅଭିନନ୍ଦନ ବାର୍ତ୍ତାର ଏକ ବ୍ୟାନରରେ ଭାଜପାର ଅନ୍ୟାନ୍ୟ ଶୀର୍ଷ ନେତୃବର୍ଗଙ୍କ ସହିତ ଜୟନାରାୟଣଙ୍କ ଝିଅଙ୍କ ଫଟୋ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ଏ ନେଇ ୨୦୨୩ ଡିସେମ୍ବର ୧୫ ସଂସ୍କରଣରେ ଧରିତ୍ରୀରେ 'ଜୟନାରାୟଣଙ୍କ ଅନୁଗତ ଏବେ ଆଶାୟୀ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏବେ ଏହା ସମ୍ବଲପୁର ଭାଜପାର ଅନ୍ତଃକନ୍ଦଳରୁ ସତ୍ୟ ପ୍ରମାଣିତ କରିଛି।

# ବିଜୟଙ୍କ ପୁଅ ବିଜେଡିରେ

ଭୁବନେଶ୍ୱର,୭।୩(ଅନିଲ ଦାସ)


ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅରବିନ୍ଦ ବିଜେଡିରେ ସାମିଲ ହୋଇଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଗୁରୁବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି।

କିଛିଦିନ ହେବ ଅରବିନ୍ଦ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଥିଲା। ସେ ବିଜେଡିରେ ଯୋଗଦେବା ପରେ ଏହି ଚର୍ଚ୍ଚାର ଅନ୍ତ ଘଟିଛି। ଅରବିନ୍ଦ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ୨୦୧୯ ନିର୍ବାଚନ ପରଠାରୁ ତାଙ୍କୁ ପାଟକୁରା ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ପାଟକୁରାରୁ ସେ ତାଙ୍କର ରାଜନୈତିକ କ୍ୟାରିୟର ଆରମ୍ଭ କରିବେ ବୋଲି ଚର୍ଚ୍ଚା ହେଉଛି।

ଅରବିନ୍ଦ ନବୀନ ନିବାସରେ ପହଞ୍ଚି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥିଲେ। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜେଡିକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ସମୟରେ ନବୀନ ନିବାସରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମାହାଙ୍ଗା ବିଧାୟକ ପ୍ରତାପ ଜେନା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଆସି ଶଙ୍ଖ ଭବନରେ ଅରବିନ୍ଦ ବିଜେଡିରେ ଯୋଗଦେବା ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।

ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ରଙ୍କ ବିଜେଡି ଗଠନ ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ବିଜେଡି ସହ ସମ୍ପର୍କ ତିକ୍ତ ହେବା ପରେ ସେ ଭାଜପାରେ ଯୋଗ ଦେଇଥିଲେ । ତେବେ ଗତ କିଛି ବର୍ଷ ହେବ ବିଜୟଙ୍କୁ ଭାଜପାର କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ସୂଚନାଯୋଗ୍ୟ, କିଛିଦିନ ତଳେ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁଅ ତଥା ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଜେଡିରେ ଯୋଗ ଦେଇଛନ୍ତି ।

## ସମ୍ଭାବ୍ୟ ମେଣ୍ଟକୁ ନେଇ ଚର୍ଚ୍ଚା

# ଶିବକୁମାର କିମ୍ବା ରେଭାନ୍ଥ ଭଳି ନେତା ଥିଲେ

ଆସନ୍ତା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ। କିନ୍ତୁ ଓଡ଼ିଶାରେ ରାଜନୀତି ରୋଚକ ସ୍ତରରେ । ଚାରିଆଡ଼େ ଆଲୋଚନା ହେଉଛି ଏଠାରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହୋଇପାରେ। ସେଥିପାଇଁ ଉଭୟ ଦଳର ଆଶାୟୀ ଆଶଙ୍କାରେ। ଦୀର୍ଘବର୍ଷ ହେବ ନିଜ ଅଞ୍ଚଳରେ ସଙ୍ଗଠନ କରିଆସିଥିବା ଦୁଇ ଦଳର ଆଶାୟୀଙ୍କ ମଧ୍ୟରୁ କିଏ ଟିକେଟ ପାଇବେ, ସେନେଇ ସେମାନେ ସନ୍ଦିହାନ। ବୁଧବାର ସନ୍ଧ୍ୟାରେ ବିଜେଡି-ଭାଜପା ମେଣ୍ଟ ବିଷୟରେ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ହେବା ପରେ ତାହା ରାଜ୍ୟର କୋଣଅନୁକୋଣକୁ କ୍ଷିପ୍ର ବେଗରେ ବ୍ୟାପିଗଲା। ଗୁରୁବାର ଦିନତମାମ ଗୋଟେ କଥା ଚାଲିଲା ଉପରସ୍ତରରେ ବଡ଼ବଡ଼ିଆ ମେଣ୍ଟ ପାଇଁ କସରତ କରୁଛନ୍ତି, ହେଲେ ତଳସ୍ତରରେ ଉଭୟ ଦଳର କର୍ମୀ ପରସ୍ପରକୁ ଭରସିପାରୁ ନାହାନ୍ତି। କେତେ ଜଣ କହୁଥିବା ଶୁଣିବାକୁ ମିଳିଛି ଯେ, ଏଭଳି ସମୟରେ ଭୋଟ କଂଗ୍ରେସକୁ ଦେଇଦେଲେ ସେମାନେ ପାନେ ପାଆନ୍ତେ। ହେଲେ ଆଉ କିଛି କହିବାକୁ ପଛାଇ ନ ଥିଲେ ଯେ ଏଠି କଂଗ୍ରେସର ସେଭଳି ନେତା କାହାନ୍ତି, ଯାହାଙ୍କୁ ଦେଖି ଭୋଟର ଇଭିଏମ୍ ସୁଇଚ୍ ଟିପିବେ। କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର କିମ୍ବା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ଥ ରେଡ୍ଡୀଙ୍କ ଭଳି ନେତା ଥିଲେ, ଭୋଟଗୁଡ଼ା କଂଗ୍ରେସମୁହାଁ ହୋଇଥାଆନ୍ତା। କିନ୍ତୁ ଏଠାରେ କଂଗ୍ରେସ କହିଲେ ନିରଞ୍ଜନ ଓ ଶରତଙ୍କୁ ବୁଝାଯାଏ, ଯେଉଁମାନେ ସାଧାରଣ ଲୋକଙ୍କଠାରେ ଆଦୌ ଗ୍ରହଣୀୟ ହୋଇପାରୁନାହାନ୍ତି।

# କୌଣସି 'ବି' ନୁହେଁ, 'ସି'

ରାଜ୍ୟରେ ଆସନ୍ତା ନିର୍ବାଚନ ପାଇଁ ବିଜେଡି ଏବଂ ଭାଜପା ମଧ୍ୟରେ ମେଣ୍ଟ ସମ୍ଭାବନାକୁ ନେଇ ନାନା ଆଲୋଚନା ହେଉଛି। ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ଏକାଠି ଲଢ଼ିବାକୁ ଅନେକେ ନାପସନ୍ଦ କରି ସୋସିଆଲ ମିଡିଆରେ ମନ୍ତବ୍ୟ ଦେଉଛନ୍ତି। ଏଭଳି ସମ୍ଭାବ୍ୟ ମେଣ୍ଟକୁ କେହି କେହି ଚୋର-ପୋଲିସ ମେଣ୍ଟ ଆଖ୍ୟା ଦେଉଥିବାବେଳେ କିଏ କିଏ କହୁଛନ୍ତି, ଏହା ମେଣ୍ଟ ନୁହେଁ, ପରସ୍ପର ମଧ୍ୟରେ ଆତ୍ମସମର୍ପଣ। ସେହିପରି ଅନେକେ ମନ୍ତବ୍ୟ ଦେଉଛନ୍ତି ଯେ ଏଥର ନିର୍ବାଚନରେ କୌଣସି 'ବି' (ବିଜେଡି, ବିଜେପି) ନୁହେଁ, 'ସି' (କଂଗ୍ରେସ)କୁ ପସନ୍ଦ କରିବୁ। କଂଗ୍ରେସ ହିଁ ଶାସକ ଦଳର ବିକଳ୍ପ ହୋଇପାରିବ ବୋଲି ସେମାନେ କହୁଛନ୍ତି।

# କଂଗ୍ରେସରେ ସମ୍ବଲପୁର, କେନ୍ଦ୍ରାପଡାର ବହୁ ଯୁବ ନେତା

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନମଣ୍ଡଳୀର ଯୁବନେତା ତଥା ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଦିଲୀପ କୁମାର ଦୁରିଆ, ରେଙ୍ଗାଲି ପରିଷଦର ସଭାପତି କିରଣ ଜୟପୁରିଆଙ୍କ ସମେତ ଶତାଧିକ ସମର୍ଥକ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ବିଜେଡି ଓ ଭାଜପା ମଧ୍ୟରେ ହେଉଥିବା ଅସାଧୁ ମେଣ୍ଟ ସମ୍ପର୍କରେ ମତଦେଇ କହିଛନ୍ତି , ଏ ମେଣ୍ଟ ରାଜ୍ୟର ସ୍ୱାର୍ଥ ବିରୋଧୀ। ବିଜେଡି ଓ ଭାଜପା ନିଜର ରାଜନୈତିକ ଲାଭ ଉଦ୍ଦେଶ୍ୟରେ ଏହା ପ୍ରଣୋଦିତ। ରାଜ୍ୟର ଜନସାଧାରଣଙ୍କୁ ଧୋକାଦେଇ ଉଭୟ ଦଳ ମେଣ୍ଟ ମାଧ୍ୟମରେ ଯେଉଁ ଲାଭ ପାଇବା ପାଇଁ ଉଦ୍ୟମ କରୁଛନ୍ତି ତାହା ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ। ଏ ମେଣ୍ଟ ଓଡ଼ିଶାର ଖଣି, ପାଣି ଜଙ୍ଗଲ ଜମିକୁ ଲୁଟ କରିବା ଓ ରାଜ୍ୟକୁ ଅଣଓଡ଼ିଆଙ୍କ ହାତରେ ଟେକିଦେବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ଅନ୍ୟପଟେ କେନ୍ଦ୍ରାପଡ଼ା ଜିଲାରେ କଂଗ୍ରେସ ତା'ର ସଙ୍ଗଠନ ସୁଦୃଢ଼ କରିବାରେ ଲାଗିଛି। ଏହି କ୍ରମରେ ବିଜେଡି ଯୁବନେତା ତଥା ଜିଲା ବିଜେଡି ଉପସଭାପତି, ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ପିସିସି ସଭାପତିଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ତାଙ୍କ ଶତାଧିକ ସମର୍ଥକଙ୍କ ସହ ଦଳରେ ବିଧିବଦ୍ଧ ଭାବରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ପିସିସି ସଭାପତି ସ୍ୱାଗତ କରିଛନ୍ତି।

# Classified Everyday
0674-2580101, 2549949



REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact-9437309741.** D-2609

**Schedule Caste G+2plan approval 2800sqft plot 70lakh Kalingavihar near k4 LIG and TATA Aryan. 8249086912.** D-2695

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8 7 6 3 8 8 7 3 5 7 , 8144730854.** D-75916

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914


CONSTRUCTION

Do you want to construct dream house on your own plot for details please contact K.K. Construction. 7 0 0 8 2 6 8 1 2 9 , 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

GENERAL

**SALE**

ଗାଈ ଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675

PURCHASE

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନ୍ନାମାଗେଟ୍-୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬




**Relax, Refresh your body, Mind at Saikrupa Spa with best therapies. 8984068077.** D-2600

LOST

I Ashok Sharma, Partner of K Tanaya Associates here by like to state that one of our executive Late Pradyumna Patra met with an accident and lost his ID card numer 230202547400165 in the accident. Hence it is hereby informed that if anyone use the same is to be considered as illegal and we will not be responsible for that. D-2701

ମୁଁ ଶ୍ରୀଯୁକ୍ତ ଅବନୀ କୁମାର ସ୍ୱାଇଁ, ପିତା- ଗୋପୀନାଥ ସ୍ୱାଇଁ, ଗ୍ରାମ- ବାଉଳପଦା, ପୋ- ଶୁନୁଗୋରଡ଼ି, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ। ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ, ମୋର ଗୋଟିଏ ପଟ୍ଟା ଖାତା ନଂ.-୧୦୬/୩, ପ୍ଲଟ୍ ନଂ.-୩୦୭/୩୭୦, ତା ୩୦।୧୦।୧୯୮୭ରିଖ ମୌଜା- ରଏଡ ବଜାର, ତହସିଲ- ନିମାପଡ଼ା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ ଯାହା ବିକ୍ରେତା ଶ୍ରୀ ରାଜକିଶୋର ନାୟକଙ୍କ ନାମରେ ଥିଲା। ଗତ ତା୦୩।୦୩।୨୦୨୪ରିଖ ଦିନ ମୋର କୌଣସି ଅସାବଧାନତା ଯୋଗୁ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାଟିକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛୁ।
ଓକିଲ- ଦୀପକ କୁମାର ସାହୁ, ମୋ- ୯୯୩୭୦୫୮୭୮୫ ଧ-୨୭୦୪

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By an affidavit before Notary Public, Umerkote, I Sri Jagadish Chandra Mridha, S/o Bijay Krishna Mridha, resident of Vill/P.O.- Jamrunda, Dist.- Nabarangpur to state that the Original Sale Deed of my Landed Property Ext. of Ac.0.05 Cents under Plot No.- 249/6271437, Khata No.- 87/598, Mouza/Tahasil- Umerkote, vide Doc No.- 251/1991 dtd.15.04.1991 executed before Sub- regd., Umerkote has been lost/ misplaced in SBI, Umerkote Main Branch. The matter has been reported to IIC, Umerkote PS for its SDE.
Sd/- Deponent D-2699

AFFIDAVIT

By the virtue of an affidavit dt.06.03.2024 before the Court of Executive Magistrate, Bhubaneswar I, Pritisudha Pati, At/P.O.- 1102/1907 Gangapatana, P.O.- Kantabada, P.S.- Chandaka, Bhubaneswar, Khurda, my father name as per PAN Card is Sudhansu Kumar Tripathy. Correct as per Aadhaar, Board Certificate, PAN one and same person. I declare that his correct name is Sudhansu Kumar Tripathy for all purpose. D-2698

I, Sri Prasanta Patra, S/o- Sri Pramod Kumar Patra, resident of Bhaliakana, P.O.- Karamul, P.S.- Gandia, Dist.- Dhenkanal, PIN- 759014, Odisha do here by declare by this affidavit before the Executive Magistrate, Bhubaneswar vide No.- 17 dtd. 04.03.2024 that now onwards Sri Prasanta Patra and Prasanta Kumar Patra shall be treated as one and the same person for all purposes in future. D-2700


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# କୁଲଦୀପ, ଅଶ୍ୱିନଙ୍କ ସ୍ପିନ୍‌ରେ ଫସିଲା ଇଂଲଣ୍ଡ

ଧର୍ମଶାଳା,୭।୩(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଧର୍ମଶାଳାରେ ଖେଳାଯାଉଥିବା ଅନ୍ତିମ ଟେଷ୍ଟରେ ଦୃଢ ସ୍ଥିତିରେ ରହିଛି ଭାରତ। କୁଲଦୀପ ଯାଦବ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ପିନ୍ ଜାଲରେ ଫସି ଇଂଲଣ୍ଡ ୨୧୮ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୧ ଉଇକେଟ ବିନିମୟରେ ୧୩୫ ରନ୍ କରି ଦୃଢ ସ୍ଥିତିରେ

**ଅନ୍ତିମ ଟେଷ୍ଟ**

ରହିଛି। ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ରଜତ ପଟିଦାରଙ୍କ ସ୍ଥାନରେ ଦେବଦତ୍ତ ପଡିକଲ ପଦାର୍ପଣ କରିଥିବା ବେଳେ ଆକାଶ ଦୀପଙ୍କ ସ୍ଥାନରେ ପ୍ରତ୍ୟାବର୍ତ୍ତନ କରିଥିଲେ ଯଶପ୍ରୀତ ବୁମ୍‌ରା।

୩-୧ରେ ପଛୁଆ ରହିଥିବା ଇଂଲଣ୍ଡ ଧର୍ମଶାଳାରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଜ୍ୟାକ୍ କ୍ରଲି(୭୯) ଓ ବେନ୍ ଡକେଟ୍(୨୭) ପ୍ରଥମ ଉଇକେଟରେ ୬୪ ରନ୍ ଯୋଡି ଦଳକୁ ଏକ ଭଲ ଆରମ୍ଭ ପ୍ରଦାନ କରିଥିଲେ। ସ୍ୱଭାବତଃ ପ୍ରଥମ ଘଣ୍ଟାରେ ପେସ୍ ବୋଲରଙ୍କୁ ସହାୟତା ଦେଉଥିବା ଧର୍ମଶାଳା ପିଚ୍‌ରେ ଚମତ୍କାର ବ୍ୟାଟିଂ କରିଥିଲେ ଇଂଲିଶ ଓପନର। ଓଭର ପିଛା ୪ ରନ୍ ହାରରେ ସ୍କୋର କରି ୬୪ ରନ୍ ଯୋଡିଥିଲେ। ତେବେ ସ୍ପିନ୍ ବୋଲର ଆକ୍ରମଣକୁ ଆସିବା ସହ ଭାରତକୁ ପ୍ରଥମ ସଫଳତା ମିଳିଥିଲା। ବେନ୍ ଡକେଟ୍‌ଙ୍କୁ ଆଉଟ କରି କୁଲଦୀପ ଯାଦବ ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ଏକଦା ୧୦୦ ରନ୍‌ରେ ୧ ଉଇକେଟ ହରାଇଥିବା ଇଂଲଣ୍ଡ ପରବର୍ତ୍ତୀ ୧୧୮ ରନ୍‌ରେ ୯ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୩୭ରେ ଇଂଲଣ୍ଡ ଇନିଂସର ଟପ୍ ସ୍କୋରର ରହିଥିବା ଜ୍ୟାକ୍ କ୍ରଲିଙ୍କୁ ବୋଲ୍ଡ କରିଥିଲେ କୁଲଦୀପ। ୧୦୮ ବଲ୍ ଖେଳି କ୍ରଲି ୧୧ ଚୌକା ଓ ୧ ଛକା ମାରିଥିଲେ। ଜୋ ରୁଟ୍ ୨୬ ରନ୍ କରିଥିବା ବେଳେ ଶତକୀୟ ଟେଷ୍ଟ ଖେଳୁଥିବା ଜନି ବେୟାରଷ୍ଟୋ ଦ୍ରୁତ ୨୯ ରନ୍ କରି ଆଉଟ ହୋଇଥିଲେ। କୁଲଦୀପ ଯାଦବ ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଭାରତ ପକ୍ଷରୁ ୧୦୦ ତମ ଟେଷ୍ଟ ଖେଳୁଥିବା ରବିଚନ୍ଦ୍ରନ ଅଶ୍ୱିନ ୪ ଉଇକେଟ ନେଇଥିଲେ। ଏହା ବ୍ୟତୀତ ରବୀନ୍ଦ୍ର ଜାଡେଜାଙ୍କ ଖାତାରେ ଅନ୍ୟ ଉଇକେଟଟି ପଡିଥିଲା। ଇଂଲଣ୍ଡ ଇନିଂସ ମାତ୍ର ୫୭.୪ ଓଭରରେ ଶେଷ ହୋଇଥିଲା।

ଭାରତ ପକ୍ଷରୁ ପୁଣି ଥରେ ଏକ ଦୃଢ ଆରମ୍ଭ କରିଥିଲେ ଯଶସ୍ୱୀ ଜୟସ୍ୱାଲ(୫୭) ଓ ରୋହିତ ଶର୍ମା(୫୨*)। ଉଭୟ ପ୍ରଥମ ଉଇକେଟରେ ଆଉ ଏକ ଶତକୀୟ ଭାଗୀଦାରି ସହ ଯୋଡିଥିଲେ ୧୦୪ ରନ୍। ଜୟସ୍ୱାଲ ଇଂଲଣ୍ଡ ବୋଲରଙ୍କୁ ଆକ୍ରମଣ କରିବା ସହ ୫୮ ବଲ୍‌ରୁ ଦ୍ରୁତ ୫୭ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ରୋହିତ ଶର୍ମା ୫୨ ଓ ଶୁବମନ ଗିଲ୍ ୨୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଭାରତ ୧ ଉଇକେଟରେ ୧୩୫ ରନ୍ କରିଥିବା ବେଳେ ଦଳ ଇଂଲଣ୍ଡ ପ୍ରଥମ ଇନିଂସ ସ୍କୋରରୁ ମାତ୍ର ୮୩ ରନ୍ ପଛରେ ରହିଛି। ଇଂଲଣ୍ଡ ପକ୍ଷରୁ ଅଫ୍ ସ୍ପିନର ଶୋଏବ ବଶିର ଏକମାତ୍ର ସଫଳତା ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୫୭.୪ ଓଭରରେ ୨୧୮/୧୦(ଜ୍ୟାକ୍ କ୍ରଲି-୭୯, ଜନି ବେୟାରଷ୍ଟୋ-୨୯, ବେନ୍ ଡକେଟ୍-୨୭, କୁଲଦୀପ ଯାଦବ-୫/୭୨, ଆର. ଅଶ୍ୱିନ-୪/୫୧, ରବୀନ୍ଦ୍ର ଜାଡେଜା-୧/୧୭)। ଭାରତ ପ୍ରଥମ ଇନିଂସ ୩୦ ଓଭରରେ ୧୩୫/୧(ଯଶସ୍ୱୀ ଜୟସ୍ୱାଲ-୫୭, ରୋହିତ ଶର୍ମା-୫୨*, ଶୁବମନ ଗିଲ-୨୬*, ଶୋଏବ ବଶିର-୧/୬୪)।



୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଅବସରରେ ଦୁଇ ଝିଅ ଓ ସ୍ତ୍ରୀଙ୍କ ସହ ରବିଚନ୍ଦ୍ରନ ଅଶ୍ୱିନ ।

## କୋହଲିଙ୍କ ରେକର୍ଡ ଭାଙ୍ଗିଲେ ଜୟସ୍ୱାଲ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଅନ୍ତିମ ଟେଷ୍ଟରେ ବିରାଟ କୋହଲିଙ୍କ ରେକର୍ଡ ଭାଙ୍ଗିଛନ୍ତି ଯଶସ୍ୱୀ ଜୟସ୍ୱାଲ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାରେ ସେ କୋହଲିଙ୍କୁ ପଛରେ ଛାଡିଛନ୍ତି। ୨୦୧୬ରେ କୋହଲି ଇଂଲଣ୍ଡ ବିପକ୍ଷରେ ୬୫୭ ରନ୍ ସ୍କୋର କରିଥିଲେ। ଅନ୍ତିମ ଟେଷ୍ଟର ପ୍ରଥମ ଇନିଂସରେ ଜୟସ୍ୱାଲ ୫୭ ରନ୍‌ର ଇନିଂସ ଖେଳିବା ସହ ୭୦୦ ରନ୍ ମାର୍କ ଅତିକ୍ରମ କରିଛନ୍ତି। ୨୦୦୨ରେ ବର୍ତ୍ତମାନ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ୬୦୨ ରନ୍ କରିଥିବା ବେଳେ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ୨୦୧୮ ସିରିଜରେ ୫୯୩ ରନ୍ କରିଥିବା ବିରାଟ କୋହଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହା ସହିତ ଟେଷ୍ଟ କ୍ରିକେଟରେ ୧ ହଜାର ରନ୍ ପୂରଣ କରିଛନ୍ତି ଜୟସ୍ୱାଲ। ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ଦ୍ରୁତତମ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିଛନ୍ତି। ଟେଷ୍ଟ କ୍ୟାରିୟରର ୧୬ତମ ଇନିଂସରେ ଜୟସ୍ୱାଲ ୧୦୦୦ ରନ୍ ପୂରଣ କରିଥିବା ବେଳେ ବିନୋଦ କାମ୍ବଲି ୧୪ ଇନିଂସରୁ ଏହି ସଫଳତା ହାସଲ କରିଥିଲେ।

## କୁଲଦୀପ ଦ୍ରୁତତମ

ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରେ ୫ ଉଇକେଟ ସଫଳତା ନେଇଥିବା କୁଲଦୀପ ଯାଦବ ଦ୍ରୁତତମ ଭାରତୀୟ ବୋଲର ଭାବରେ ୫୦ ଉଇକେଟ ଅକ୍ତିଆର କରିଛନ୍ତି। ଟେଷ୍ଟ କ୍ରିକେଟରେ ଏହା କୁଲଦୀପଙ୍କ ଚତୁର୍ଥ ୫ ଉଇକେଟ ସଫଳତା। ୨୦୧୭ରେ ସମାନ ଗ୍ରାଉଣ୍ଡରେ ଟେଷ୍ଟ ପଦାର୍ପଣ କରିଥିବା କୁଲଦୀପ ଗୁରୁବାର ସ୍ପେଲରେ ଜ୍ୟାକ୍ କ୍ରଲି, ବେନ୍ ଡକେଟ୍, ଓଲି ପୋପ୍, ଜନି ବେୟାରଷ୍ଟୋ ଓ ବେନ୍ ଷ୍ଟୋକ୍ସଙ୍କ ଉଇକେଟ ନେଇଥିଲେ। ୫୦ ଉଇକେଟ ନେବାରେ କୁଲଦୀପ ସାଥୀ ଖେଳାଳି ଅକ୍ଷର ପଟେଲ ଓ ଯଶପ୍ରୀତ ବୁମ୍‌ରାଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ୧୮୭୧ ବଲ୍ ବୋଲିଂ କରି ୫୦ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ୨୨୦୫ ବଲ୍‌ରେ ଓ ଯଶପ୍ରୀତ୍ ବୁମରା ୨୫୨୦ ବଲ୍‌ରେ ସମାନ ସଫଳତା ହାସଲ କରିଥିଲେ।

# ସମ୍ଭାବ୍ୟ ଦଳରେ ଅନୱର, ଜିକ୍‌ସନ



ଇଗୋର ଷ୍ଟିମାକ୍

ନୂଆଦିଲ୍ଲୀ, ୭।୩(ପି.ଟି.)

ଚଳିତ ମାସ ପରବର୍ତ୍ତୀ ଭାଗରେ ଆଫଗାନିସ୍ତାନ ବିପକ୍ଷ ଫିଫା ବିଶ୍ୱକପ୍ କ୍ୱାଲିଫାଇଙ୍ଗ ରାଉଣ୍ଡ-୨ରେ ଆଫଗାନିସ୍ତାନ ବିପକ୍ଷ ଦୁଇଟି ମ୍ୟାଚ ଖେଳିବା ଲାଗି ଗୁରୁବାର ୩୫ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରାଯାଇଛି। ଦଳକୁ ସେଣ୍ଟ୍ରାଲ ଡିଫେଣ୍ଡର ଅନୱର ଅଲି ଏବଂ ଡିଫେନ୍‌ସିଭ ମିଡ୍‌ଫିଲ୍ଡର ଜିକ୍‌ସନ ସିଂ ଫେରିଛନ୍ତି। ଇଞ୍ଜୁରି ଯୋଗୁ ଏହି ଦୁଇ ଖେଳାଳି ଭାରତର ଏସିଆନ କପ୍ ଦଳରୁ ବାଦ୍ ପଡ଼ିଥିଲେ। ଭାରତ ଦେଶ ବାହାରେ ସାଉଦି ଆରବର ଅଭାଠାରେ ମାର୍ଚ୍ଚ ୨୧ରେ ଆଫଗାନିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚ ଖେଳିବ। ଦଳ ପରେ ମାର୍ଚ୍ଚ ୨୬ରେ ନିଜ ଦେଶରେ ଗୁଆହାଟୀଠାରେ ପୁଣି ଥରେ ଏହି ଦଳ ସହିତ ମୁକାବିଲା କରିବ। ମୋହନବାଗାନ ସୁପରଷ୍ଟାର ଖେଳାଳି ଅନୱର ଘୋଇଠାରେ ଆଘାତପ୍ରାପ୍ତ ହୋଇ ବହୁ ଦିନ ଖେଳରୁ ଦୂରେଇ ରହିଥିଲେ। ଚଳିତବର୍ଷ ଜାନୁଆରୀରେ ସେ ଏସିଆନ କପ୍ ଖେଳିପାରି ନ ଥିଲେ। ଗତମାସ ପ୍ରଥମ ଭାଗରେ ଏକ ଆଇଏସ୍‌ଏଲ ମ୍ୟାଚରେ ଗୋଟିଏ ମିନିଟ ଇଞ୍ଜୁରୀ ଥିଲେ। ଜିକ୍‌ସନଙ୍କର ଗତବର୍ଷ ବାମ କାନ୍ଧରେ ଅସ୍ତ୍ରୋପଚାର ହୋଇଥିଲା। ଉଭୟ ଦଳ କିନ୍ତୁ ଇତିମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳକୁ ଫେରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ପ୍ରମୁଖ ୱିଙ୍ଗର ଆଶିକ୍ କୁରୁନିୟାନଙ୍କ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା। ସେ ଏ ପର୍ଯ୍ୟନ୍ତ ଫିଟ୍ ହୋଇ ନ ଥିବାରୁ ତାଙ୍କୁ ଦଳରେ ନିଆଯାଇ ନାହିଁ। ଭାରତ ଏଥର ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସରେ ପ୍ରଥମ ଥର ୩ୟ ରାଉଣ୍ଡକୁ ଉନ୍ନୀତ ହୋଇ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି। ଏସିଆନ କପ୍‌ରେ ଭାରତର ବିପର୍ଯ୍ୟୟ ପରେ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ଦୃଢତା ସହିତ କହିଛନ୍ତି ଯେ ଏଥର ଭାରତକୁ ଯେନତେନ ଫିଫା ବିଶ୍ୱକପ୍ କ୍ୱାଲିଫିକେଶନର ତୃତୀୟ ରାଉଣ୍ଡକୁ ନେବା ଲାଗି ତାଙ୍କର ପ୍ରୟାସ ରହିବ। ୨୦୨୬ ଫିଫା ବିଶ୍ୱକପ୍ କ୍ୱାଲିଫିକେଶନ ରାଉଣ୍ଡରେ କାତାର, କୁଏଟ ଓ ଆଫଗାନିସ୍ତାନ ସହ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏଥିରୁ ଶ୍ରେଷ୍ଠ ଦୁଇ ଦଳ ତୃତୀୟ ରାଉଣ୍ଡକୁ ଉନ୍ନୀତ ହେବେ। ଭାରତୀୟ ଫୁଟ୍‌ବଲ ଦଳ କେବେ ବି ଏଏଫ୍‌ସିର ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇପାରି ନାହିଁ।

# ପୁରୁଣାଗଡ଼ରେ ଆଜିଠାରୁ ଦିବାରାତ୍ର ଭଲିବଲ୍

**ଭୁବନେଶ୍ୱର, ୭।୩ (ବିଜୟ ରଣା):** ଜଗତ୍‌ସିଂହପୁର ଅନ୍ତର୍ଗତ ପୁରୁଣାଗଡ଼ସ୍ଥିତ ବୀଣାପାଣି ହାଇସ୍କୁଲ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ଦିବାରାତ୍ର ବଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ହେବ। ଆଶ୍ରମ ପାଟଣା ଭଲିବଲ୍ ୟୁନିୟନ, ପ୍ରଫୁଲ୍ଲ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୨୪ ବାଳକ ଓ ୯ ବାଳିକା ଦଳ ଅଂଶଗ୍ରହଣ କରୁଛନ୍ତି। ଏଥିରେ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୦ରୁ ଊର୍ଦ୍ଧ୍ୱ ବାଳକ ଓ ୪ ବାଳିକା ଦଳ ଭାଗ ନେଇଥାନ୍ତି। ଏହି ଅବସରରେ ପ୍ରତିବର୍ଷ ରାଜ୍ୟ କ୍ରୀଡ଼ା ପ୍ରତି ବିଶେଷ ଅବଦାନ ରଖିଥିବା ଭେଟେରାନ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ।

# ସେମିରେ ସୁବ୍ରତ, କୁନାଲ, ରାକେଶ, ଆଶୁ

ଭୁବନେଶ୍ୱର,୭।୩
(ସରୋଜ ଜେନା)

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଟୁର୍ନାମେଣ୍ଟର ସେମି ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ ହୋଇଛି। ସୁବ୍ରତ ଦାସ, ଆଶୁତୋଷ ପାଢୀ, ରାକେଶ ରୋଶନ ପ୍ରଧାନ ଓ କୁନାଲ ଅଗ୍ରୱାଲ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଦାଶ ୫-୨ରେ ଆକାଶ ମହାପାତ୍ରଙ୍କୁ, ଆଶୁତୋଷ ପାଢୀ ୫-୨ରେ ସିଦ୍ଧାର୍ଥ ସେନ୍‌ଙ୍କୁ, ଡ. ରାକେଶ ରୋଶନ ପ୍ରଧାନ ୫-୪ରେ ସୌଭାଗ୍ୟ ବେହେରାଙ୍କୁ ଓ କୁନାଲ ଅଗ୍ରୱାଲ ୫-୦ରେ ଉଦ୍‌ଭାସ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ରାକେଶ ରୋଶନ ଓ ସୌଭାଗ୍ୟଙ୍କ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ବ୍ଲାକ ବଲ୍ ଡିସାଇଡରରେ ବିଜେତା ଘୋଷଣା କରାଯାଇଥିଲା।



ରାକେଶ ରୋଶନ ପ୍ରଧାନ

# ଆଜି ଏଆଇଟିଏ-ଓଟିଏ ସୁପର ସିରିଜ ଫାଇନାଲ

ଭୁବନେଶ୍ୱର,୭।୩(ସରୋଜ ଜେନା)

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ୧୨ ବର୍ଷରୁ କମ ବାଳକ ବର୍ଗରେ ହର୍ଷ ପ୍ରଫୁଲ୍ଲ ନାଗୱାନି ଓ ଶ୍ଳୋକ ଆଲନ୍ଦ, ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଅଥର୍ବ ଶ୍ରୀରାମୋଜୁ ଓ ଆରବ ଛଲାନି, ୧୨ ବର୍ଷରୁ କମ ବାଳିକା ବର୍ଗରେ ଏସ୍‌କେ ସଜଫା ଓ କ୍ରିଶିକା ଗୌତମ, ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଆହାନ ଓ ତନୁଶ୍ରୀ ସତୀଶ ଫାଇନାଲରେ ପ୍ରବେଶ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ଆରବ ଛଲାନି-ରୁନମାନ ମହେଶ ଓ ଯଶ କୁମାର-ଅଥର୍ବ ଶ୍ରୀରାମୋଜୁ ଓ ବାଳିକା ବର୍ଗରେ ରିତ୍ ଝାୱର-ଏସ୍‌କେ ସଜଫା ଓ ସୁହାନି ଭାସିନ୍-ତନୁଶ୍ରୀ ସତୀଶ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଟୁର୍ନାମେଣ୍ଟର ସମସ୍ତ ଫାଇନାଲ ମ୍ୟାଚ୍ ଖେଳାଯିବ।

# ମୁମ୍ବାଇର ସମ୍ମାନଜନକ ସ୍କୋର

ନୂଆଦିଲ୍ଲୀ,୭।୩

ଓମେନ୍ସ ପ୍ରିମିୟର ଲିଗ୍‌ରେ ଗୁରୁବାର ୟୁପି ୱାରିଅର୍ଜ ବିପକ୍ଷରେ ଏକ ସମ୍ମାନଜନକ ସ୍କୋର କରିଛି ମୁମ୍ବାଇ ଇଣ୍ଡିଆନ୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ୍ ସ୍କୋର କରିଥିଲା। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ୟୁପି ୧୪ ଓଭରରେ ୫ ଉଇକେଟ ହରାଇ ୬୮ ରନ୍ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୧୭ ରନ୍‌ରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ତେବେ ଅଧିନାୟିକା ହରମନ୍‌ପ୍ରୀତ୍ କୌର(୩୩) ଓ ନାଟାଲି ସିଭର ବ୍ରଣ୍ଟ(୪୫) ତୃତୀୟ ଉଇକେଟରେ ୫୯ ରନ୍ ଯୋଡିଥିଲେ। ବ୍ରଣ୍ଟ ୩୧ ବଲ୍ ଖେଳି ୮ ଚୌକା ମାରିଥିଲେ। ଅଧିନାୟିକା ହରମନ୍‌ପ୍ରୀତ ୩୦ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଶେଷ ଭାଗରେ ଆମେଲିଆ କେର୍(୩୯) ଓ ଏସ୍ ସଜନା(୨୨) ଦ୍ରୁତ ରନ୍ ସଂଗ୍ରହ କରିଥିବା ବେଳେ ମୁମ୍ବାଇ ୧୬୦ ରନ୍‌ରେ ପହଞ୍ଚିଥିଲା। ଆମେଲିଆ ୨୩ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ଅପରାଜିତ ରହିଥିବା ସଜନା ୧୪ ବଲ୍ ଖେଳି ୪ ଚୌକା ମାରିଥିଲେ। ୟୁପି ପକ୍ଷରୁ ଚମାରି ଅଟ୍ଟାପଟ୍ଟୁ ୨ ଉଇକେଟ ନେଇଥିବା ବେଳେ ରାଜେଶ୍ୱରୀ ଗାଏକ୍ୱାଡ, ଦୀପ୍ତି ଶର୍ମା ଓ ସାଇମା ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଖବର ପ୍ରସ୍ତୁତ ବେଳକୁ ୟୁପି ୧୪ ଓଭରରେ ୫ ଉଇକେଟ ହରାଇ ୬୮ ରନ୍ କରିଛି। ଆଲିସା ହିଲି(୩), କିରଣ ନଭଗିରେ(୭) ଓ ଚମାରି ଅଟ୍ଟାପଟ୍ଟୁ(୩) ଦଳୀୟ ସ୍କୋର ୧୫ ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ମୁମ୍ବାଇ ପକ୍ଷରୁ ଶାଇକା ଇଶାକ ୨, ଶବନିମ ଇସ୍ମାଇଲ, ପୂଜା ବସ୍ତ୍ରକାର ଓ ହିଲି ମାଥ୍ୟୁସ୍ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ସଂକ୍ଷିପ୍ତ ସ୍କୋର: ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୦/୬(ନାଟାଲି ସିଭର୍ ବ୍ରଣ୍ଟ-୪୫, ଆମେଲିଆ କେର୍-୪୩, ହରମନପ୍ରୀତ୍ କୌର୍-୩୩, ଚମାରି ଅଟ୍ଟାପଟ୍ଟୁ-୨/୨୭, ରାଜେଶ୍ୱରୀ ଗାଏକ୍ୱାଡ-୧/୩୪, ସାଇମା ଠାକୁର-୧/୧୯, ଦୀପ୍ତି ଶର୍ମା-୧/୩୧)।



ଶଟ୍ ଖେଳୁଛନ୍ତି ନାଟାଲି ସିଭର ବ୍ରଣ୍ଟ।

# ଇଣ୍ଡିଆନ ୱେଲ୍ସ ମୁଖ୍ୟ ଡ୍ର'ରେ ନାଗାଲ

**ଇଣ୍ଡିଆନ ୱେଲ୍ସ, ୭।୩ (ପି.ଟି.):** ସ୍ପାନିଶ ସୁପର ଷ୍ଟାର ରାଫାଲ ନାଡାଲ ଓହରିଯିବା ପରେ ଭାରତୀୟ ଟେନିସ ଷ୍ଟାର ସୁମିତ ନାଗାଲ ଲକି ଲୁଜର ଭାବେ ଏଠାରେ ବିଏନ୍‌ପି ପାରିବାସ ଓପନର ମୁଖ୍ୟ ଡ୍ର'ରେ ସ୍ଥାନ ପାଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବଡ଼ ଟୁର୍ନାମେଣ୍ଟ ଖେଳିବା ଲାଗି ସେ ପ୍ରସ୍ତୁତ ନ ଥିବା ଦର୍ଶାଇ ନାଡାଲ ଓହରିଯାଇଥିଲେ। ୨୬ ବର୍ଷୀୟ ନାଗାଲ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଯାଇଥିଲେ। ଏହି ଡ୍ର'ରେ ସେ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ହୋଇଥିବାରୁ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ଅର୍ଜନ କରିପାରିଛନ୍ତି। ଏଟିପି ର୍‍ୟାଙ୍କିଙ୍ଗରେ ନାଗାଲ ବର୍ତ୍ତମାନ ୧୦୧ତମ ସ୍ଥାନରେ ଅଛନ୍ତି। ଭାରତୀୟ ଖେଳାଳି ପାରିବାସ ଓପନର ପ୍ରଥମ ରାଉଣ୍ଡରେ ୨୦୧୬ ୱିମ୍ବଲଡନ ଫାଇନାଲିଷ୍ଟ କାନାଡାର ମିଲୋସ ରାଓନିକ୍‌ଙ୍କୁ ଭେଟିବେ। ଇଣ୍ଡିଆନ ୱେଲ୍ସ ଏଟିପି ମାଷ୍ଟର୍ସ ୧୦୦୦ରେ ପଦାର୍ପଣ କରିବାକୁ ଯାଉଥିବାରୁ ସେ ବେଶ୍ ଉତ୍ସାହିତ ଥିବା ନାଗାଲ କହିଛନ୍ତି।

# ସିସିଏମ୍ ନିକଟରୁ ହାରିଲା ଓଏଫସି

ଭୁବନେଶ୍ୱର,୭।୩
(ସରୋଜ ଜେନା)

**ଏଏଫ୍‌ସି କପ୍ ସେମିଫାଇନାଲ ଲେଗ୍-୧**

ଏସିଆନ୍ ଏଏଫ୍‌ସି କପ୍ ସେମିଫାଇନାଲର ପ୍ରଥମ ଚରଣରେ ସେଣ୍ଟ୍ରାଲ କୋଷ୍ଟ ମେରିନର(ସିସିଏମ୍) ନିକଟରୁ ୪-୦ରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ସେଣ୍ଟ୍ରାଲ କୋଷ୍ଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ମାଇକେଲ ଡୋକା(୩୬, ୭୭) ମିନିଟରେ ଡବଲ ଗୋଲ ଦେଇଥିବା ବେଳେ ଷ୍ଟର୍ମ ରକ୍ସ(୫୨) ଓ ରୋନାଲ୍ଡ ବାର୍ସେଲୋସ (୮୯) ମିନିଟରେ ଗୋଲ ଦେଇଥିଲେ।

ପ୍ରଥମାର୍ଦ୍ଧରେ ଓଏଫ୍‌ସି କଡ଼ା ଟକ୍କର ଦେଇଥିଲା। ତେବେ ୩୬ ତମ ମିନିଟରେ ମାଇକେଲ ଡୋକା ପ୍ରଥମ ଗୋଲ ଦେଇଥିଲେ। ମଧ୍ୟକୁ ପଠାଇ ଡୋକା ଦଳକୁ ୧-୦ରେ ଆଗୁଆ କରିଥିଲେ। ୪୩ ତମ ମିନିଟରେ ଡିଏଗୋ ମରିସିଓଙ୍କ ପାସ୍‌କୁ ବାର୍ ଉପରେ ମାରିଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୧-୦ରେ ପଛରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ସିସିଏମ୍ ଆଉ ୩ ଗୋଲ ଦେଇଥିଲା। ୫୨ ତମ ମିନିଟରେ ଷ୍ଟର୍ମ ରକ୍ସ ଏକ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ କରିଥିଲେ। ୭୭ ତମ ମିନିଟରେ ରୟ କ୍ରିଷ୍ଣାଙ୍କ ଫାଉଲରୁ ସିସିଏମ୍‌କୁ ପେନାଲ୍ଟି ମିଳିଥିଲା। ମାଇକେଲ ଡୋକା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ୮୯ତମ ମିନିଟରେ ରୋନାଲ୍ଡ ବାର୍ସେଲୋସ ଚତୁର୍ଥ ଗୋଲ ଦେଇ ଦଳକୁ ୪-୦ରେ ବିଜୟୀ କରିଥିଲେ। ଏହି ସେମି ଫାଇନାଲର ଦ୍ୱିତୀୟ ଚରଣ ମାର୍ଚ୍ଚ ୧୪ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ।



ଏକ କର୍ନର କିକ୍ ସମୟରେ ଉଭୟ ଦଳର ଖେଳାଳି।

# ସର୍କୁଲାର ପ୍ରତ୍ୟାହାରକଲା ଡବ୍ଲ୍ୟୁଏଫ୍‌ଆଇ

ନୂଆଦିଲ୍ଲୀ, ୭।୩ (ପି.ଟି.)

କେନ୍ଦ୍ର ସରକାରଙ୍କ ଦ୍ୱାରା ସସ୍‌ପେଣ୍ଡ ହୋଇଥିବା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଆଗାମି ଇଭେଣ୍ଟ ଗୁଡ଼ିକଲାଗି ଆୟୋଜନ କରିବାକୁ ଥିବା ଟ୍ରାଏଲ୍ସ ଲାଗି ଜାରି କରିଥିବା ଏହାର ସର୍କୁଲାରକୁ ପ୍ରତ୍ୟାହାର କରିନେବ। ଡବ୍ଲ୍ୟୁଏଫ୍‌ଆଇ ଗୁରୁବାର ଏ ବିଷୟରେ ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରିଛି। ଡବ୍ଲ୍ୟୁଏଫ୍‌ଆଇ ସିନିୟର ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ୨୦୨୪ ଏବଂ ଏସିଆନ ଅଲିମ୍ପିକ ଗେମ୍ସ କ୍ୱାଲିଫାୟର ରେସ୍‌ଲିଂ ଟୁର୍ନାମେଣ୍ଟ ଲାଗି ସିଲେକ୍ସନ ଟ୍ରାଏଲ ଆୟୋଜନ କରିବ ବୋଲି ଏକ ସର୍କୁଲାର ଜାରି କରିଥିଲା। ଡବ୍ଲ୍ୟୁଏଫ୍‌ଆଇ ଓକିଲଙ୍କ ବୟାନ ଉପରେ ଜଷ୍ଟିସ ସଚିନ ଦତ୍ତ କହିଛନ୍ତି, ବର୍ତ୍ତମାନ ପାଇଁ ଭାରତୀୟ କୁସ୍ତି ମହାସଂଘର ପରିଚାଳନା ଦାୟିତ୍ୱରେ ଥିବା ଆଡହକ୍ କମିଟି ପକ୍ଷରୁ ଜାରି କରାଯାଇଥିବା ସର୍କୁଲାର ଅନୁସାରେ ଟ୍ରାଏଲ୍ସ ଅନୁଷ୍ଠିତ ହେବ। ଡବ୍ଲ୍ୟୁଏଫ୍‌ଆଇର ଆଡହକ୍ କମିଟି ଦ୍ୱାରା ଫେବୃଆରୀ ୯ରେ ଏକ ପ୍ରେସ ଇସ୍ତାହାର ପ୍ରକାଶ କରାଯାଇଥିଲା। ତଦନୁସାରେ ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସ (ଏପ୍ରିଲ ୧୯-୨୧) ଏବଂ ୱାର୍ଲ୍ଡ ଅଲିମ୍ପିକ କ୍ୱାଲିଫାୟର୍ସ (ମେ ୯ରୁ ୧୨) ପାଇଁ ଟ୍ରାଏଲ୍ସ ମାର୍ଚ୍ଚ ୧୦ରୁ ୧୧ ପଟିଆଲାସ୍ଥିତ ନେତାଜୀ ସୁଭାସ ନ୍ୟାଶନାଲ ଇଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ ଏବଂ ସୋନିପତସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ଆୟୋଜିତ ହୋଇଛି। ସୂଚନାଯୋଗ୍ୟ, ଡବ୍ଲ୍ୟୁଏଫ୍‌ଆଇ ଏହାର ନିଜସ୍ୱ ସମ୍ବିଧାନରେ ରହିଥିବା ବ୍ୟବସ୍ଥାର ଅନୁସରଣ ନ କରି କେତେକ ନିଷ୍ପତ୍ତି ଦେବାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ କୁସ୍ତିର ଜାତୀୟ ମହାସଂଘକୁ ସସ୍‌ପେଣ୍ଡ କରି ଏହାର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବା ଲାଗି ଆଡହକ୍ କମିଟି ଗଠନ କରିଥିଲା।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


TVS
TVS RONIN
LIVE THE
#UNSCRIPTED LIFE
1800 315 7666
STARTING @ ₹1.49L##
ALL LED LAMPS
BLUETOOTH CONNECTIVITY WITH VOICE ASSIST**
UPSIDE DOWN FRONT FORKS
RAIN & URBAN ABS MODES
VISOR**
USB CHARGER**
**Available in the special edition variant.
5 YEARS* WARRANTY
tvsronin
tvsmotor.com/tvs-ronin
DOWN PAYMENT OF ₹13,999# | SAVINGS UP TO ₹15,000#
KNOW MORE
TVS CREDIT
IndusInd Bank
TBWA/TVS/10761324
FOR ALL INSTITUTIONAL/BULK REQUIREMENTS PLEASE MAIL: corporatecustomersupport@tvsmotor.com Authorized Main Dealers: Rayagada: Hindustan Sales Private Limited, Tel: 8763999922, 9583111111; MMG Automotives LLP, Tel: 8260963439; Authorized Dealers: Similiguda: Sri Sai Gupteswar Auto Agency, Tel: 9438222684; Malkangiri: Hemlata Motors, Tel: 9437215287; Kalimela: Jay Bajrang Motors, Tel: 7684072556; Umerkote: Anil Distributor, Tel: 9937060382; Nabarangpur: Jai Mangala Automotives, Tel: 7008803779; Govindapalli: Pradhan Motors, Tel: 6370277289; Jaipatna: Kaveri Motors, Tel: 9178236679; Kotpad: Mallik Motors, Tel: 7008549433; Balimela: R. K. Automobile, Tel: 9938414027


MARUTI SUZUKI
NEXA
YOU CANNOT MISS THIS.
Avail exciting offers on NEXA Range of Cars.
CREATE. INSPIRE.
VISIT YOUR NEAREST NEXA DEALERSHIP TO AVAIL EXCITING BENEFITS.
Scan to explore NEXA World
Scan to chat on WhatsApp
JEYPORE: NEXA KORAPUT ROAD (LEGEND CARS PVT. LTD. PH: 7894442905).
Contact us at 1800-200-[6392], 1800-102-[NEXA] and visit www.nexaexperience.com to book online.
*Terms & conditions apply. Features and accessories shown may not be part of standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers may vary subject to the model and variant purchased. Maruti Suzuki reserves the right to withdraw offers at any point in time without any advance notice. All offers are applicable till 31st March'24 or till stocks last. Maruti Suzuki Smart Finance is now available pan-India. Maruti Suzuki Subscribe available only in selected cities.

ଧରିତ୍ରୀ DHARITRI

OSRTC

ଆମ ଓଡ଼ିଶା ନବୀନ ଓଡ଼ିଶା

ଭୁବନେଶ୍ୱର, ଶୁକ୍ରବାର, ୮ ମାର୍ଚ୍ଚ, ୨୦୨୪

LAXMI

# ଘରେ ଘରେ ଲକ୍ଷ୍ମୀ



## ମାଲକାନଗିରି ବ୍ଲକ

### ରୁଟ୍ କୋଡ୍: ଏମ୍ଏଲ୍ ୦୧୫ | ନନ୍-ଏସି

ମାଲକାନଗିରି ⇆ ଗୁରାଖୁ

| ବସ୍ ଷ୍ଟପ୍ | ଟ୍ରିପ୍ ୧ |  | ଟ୍ରିପ୍ ୨ |  | ଟ୍ରିପ୍ ୩ |  |
|---|---|---|---|---|---|---|
|  | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ମାଲକାନଗିରି | -- | ୬:୦୦ | -- | ୯:୩୦ | -- | ୨:୦୦ |
| ତମସା | ୬:୧୧ | ୬:୧୩ | ୯:୪୧ | ୯:୪୩ | ୨:୧୧ | ୨:୧୩ |
| ତଣ୍ଡାପାଲି | ୬:୧୮ | ୬:୨୦ | ୯:୪୮ | ୯:୫୦ | ୨:୧୮ | ୨:୨୦ |
| ଶିଖପାଲି | ୬:୩୩ | ୬:୩୫ | ୧୦:୦୩ | ୧୦:୦୫ | ୨:୩୩ | ୨:୩୫ |
| ଗୁରାଖୁଣ୍ଟ | ୬:୪୫ | – | ୧୦:୧୫ | – | ୨:୪୫ | – |

### ରୁଟ୍ କୋଡ୍: ଏମ୍ଏଲ୍ ୦୧୫ | ନନ୍-ଏସି

ଗୁରାଖୁ ⇆ ମାଲକାନଗିର

### ରୁଟ୍ କୋଡ୍: ଏମ୍ଏଲ୍ ୦୧୭ | ନନ୍-ଏସି

ବୀରଲକ୍ଷ୍ମଣପୁର ⇆ ମାଲକାନଗିର

## ମାଥିଲି ବ୍ଲକ

### ରୁଟ୍ କୋଡ୍: ଏମ୍ଏଲ୍ ୦୨୦ | ନନ୍-ଏସି

### ରୁଟ୍ କୋଡ୍: ଏମ୍ଏଲ୍ ୦୨୨ | ନନ୍-ଏସି

କୁଟୁଣିପାଲ୍ଲି ⇆ ମାଥିଲି




“ଲକ୍ଷ୍ମୀ ବସ୍ ସେବା ମହିଳାମାନଙ୍କୁ ନୂତନ ସ୍ୱପ୍ନ ଦେଖିବାକୁ ସୁଯୋଗ ଦେଇଛି। ଆମେମାନେ ନିଜେ ରୋଜଗାରକ୍ଷମ ହେବା ସହ ଆମ ପରିବାର ଉପକୃତ ହୋଇପାରିଛି। ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ଲୋକଙ୍କ ସହ କଥା ହେବା ସହ ସେମାନଙ୍କୁ ବୁଝାଇବା ଦ୍ୱାରା ଆମେ ଅଧିକ ସଶକ୍ତ ଅନୁଭବ କରିପାରୁଛୁ। – **ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ**

ଲକ୍ଷ୍ମୀ ବସ୍ ସେବା ଆମମାନଙ୍କ ଜୀବନକୁ ସହଜ ଓ ସୁଗମ କରିପାରିଛି। ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ବିଶେଷ କରି ମହିଳା ସଶକ୍ତୀକରଣରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। – **ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



## ପଡ଼ିଆ ବ୍ଲକ

# ମାଲକାନଗିରିରୁ ଆରମ୍ଭ

ଗ୍ରାମ ପଞ୍ଚାୟତରୁ ବ୍ଲକ ଏବଂ ବ୍ଲକରୁ ଜିଲ୍ଲା ସହ ସଂଯୋଗ କରି ଜନସାଧାରଣ ପରିବହନ ବ୍ୟବସ୍ଥାରେ ସହଜ ରୂପାନ୍ତରଣ ପାଇଁ ଯେଉଁ ପରିକଳ୍ପନା କରାଯାଇଥିଲା, ତାହା ମାଲକାନଗିରିରୁ ବାସ୍ତବ ରୂପ ନେଇଛି। ୨୦୨୩ ଅକ୍ଟୋବର ୧୨ରେ ମାଲକାନଗିରି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ମାଲକାନଗିରି ଜିଲା ସଦର ମହକୁମା ସହ ଜିଲାର ସମସ୍ତ ୧୧୧ ଗ୍ରାମ ପଞ୍ଚାୟତକୁ ଏହି ବସ୍ ସେବା ଯୋଡ଼ିଥିଲା। ଜିଲାର ବିଭିନ୍ନ ରୁଟ୍‌ରେ ୩୬ଟି ବସ୍ ଚଳାଚଳ କରୁଛି। ଏପରି କି ଏହି ବସ୍ ପ୍ରଥମଥର ପାଇଁ ବଣ୍ଡା ଘାଟି, ଆଦିମ ଜନଜାତି ବସବାସ କରୁଥିବା ଦୁର୍ଗମ ଅଞ୍ଚଳକୁ ମଧ ଚଳାଚଳ କରିପାରିଛି।

## ମହିଳା ସଶକ୍ତୀକରଣର ଅନ୍ୟନାମ ‘ଲକ୍ଷ୍ମୀ’

ଲୋକେଶନ ଆକ୍ସେସବିଲିଟି ମଲ୍ଟିମୋଡାଲ୍ ଇନିସିଏଟିଭ୍(ଲକ୍ଷ୍ମୀ)ର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ମହିଳା ସଶକ୍ତୀକରଣ। ପ୍ରତ୍ୟେକ ଜିଲାରେ ଲକ୍ଷ୍ମୀ ବସ୍ ସେବାର ରକ୍ଷଣାବେକ୍ଷଣ, ପରିଚାଳନା ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ଦାୟିତ୍ୱ ଦିଆଯାଇଛି। ଏହା କେବଳ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରୁ ନାହିଁ ବରଂ ଲକ୍ଷ୍ମୀକୁ ସାମାଜିକ ପରିବର୍ତ୍ତନର ଏକ ଆଲୋକ ଭାବରେ ପରିଣତ କରିବା ସହ ସମାଜ କଲ୍ୟାଣକୁ ମଧ ପ୍ରୋତ୍ସାହିତ କରୁଛି। ଏହି ସଶକ୍ତୀକରଣ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ରୋଜଗାରକ୍ଷମ କରିଛି। ଏଥିସହିତ ମହିଳାମାନଙ୍କ ମଧରେ ଏକ ଆତ୍ମବିଶ୍ୱାସ ସୃଷ୍ଟି ସହ ସେମାନଙ୍କ ମଧରେ ନେତୃତ୍ୱ ଗୁଣ ବଢ଼ାଇଛି। ଲକ୍ଷ୍ମୀ ବସ୍‌ରେ ମହିଳାମାନେ କଣ୍ଡକ୍ଟର କାର୍ଯ୍ୟ କରୁଛନ୍ତି। ଲକ୍ଷ୍ମୀ ବସ୍‌ରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ରହିଥିବାରୁ ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶାର ସାରଥି ସାଜିପାରିଛନ୍ତି।

## କାଲିମେଲା ବ୍ଲକ

## କୋରୁକୋଣ୍ଡା ବ୍ଲକ

## ଖଇରପୁଟ ବ୍ଲକ





## ଚିତ୍ରକୋଣ୍ଡା ବ୍ଲକ

### ରୁଟ୍ କୋଡ୍: ଏମ୍ଏଲ୍ ୦୦୧ | ନନ୍-ଏସି

ଚିତ୍ରକୋଣ୍ଡା ⇆ କୁରୁମାନୁର

### ରୁଟ୍ କୋଡ୍: ଏମ୍ଏଲ୍ ୦୦୨ | ନନ୍-ଏସି

ଚିତ୍ରକୋଣ୍ଡା ⇆ ରାଲେଗଡ଼ା

